RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ନଭେମ୍ବର ୨୦୧୮
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
PRACHEE







*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଙ୍କ 'ପ୍ରାଚୀ'ର କଲମ ଝ୍ନ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, November 2018, Issue No. VIII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

| | | |
|---|---|---|
| ତିଆଡ଼ୀଙ୍କ ମିଶ୍ରି ପଣା | ଡକ୍ଟର ରାମଚନ୍ଦ୍ର ଷଡ଼ଙ୍ଗୀ | ୦୭ |
| ପରାଜିତ ପିତୃତ୍ୱ | ଚୈତନ୍ୟପ୍ରସାଦ ପଢ଼ିଆରୀ | ୦୯ |
| ଆଖି | ନଳିନୀପ୍ରଭା ମିଶ୍ର | ୧୧ |
| ସୁଖର ଅଧିକାର | ଅର୍ଚ୍ଚନା କୁମାରୀ ପାଢ଼ୀ | ୧୩ |
| ନିରିମାଖୀ ଝିଅ ନିରୁପମା | ଶ୍ୟାମସୁନ୍ଦର ବେହେରା | ୧୫ |
| କାଳିଆ ଆଖିରେ ଲୁହ | ରାଜକିଶୋର ମିଶ୍ର | ୧୭ |
| ବାଘୁଣୀ | ଦୀନବନ୍ଧୁ ପଣ୍ଡା | ୧୯ |
| ଅଜ୍ଞାତରେ ବିଷ୍ଣୁ ଦର୍ଶନ | ସୁଧାଂଶୁ ଭୂଷଣ ସାମଲ | ୨୧ |
| ଶୁଭେନ୍ଦୁର ବୁଦ୍ଧି | ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ | ୨୩ |
| ଅଶ୍ରୁଭିଜା ଅନୁଭୂତି | ରତ୍ନପ୍ରଭା ଦେବୀ (ଷଡ଼ଙ୍ଗୀ) | ୨୫ |
| ସେଇ ଛ' ହାତ | ହେମନ୍ତ କୁମାରୀ ମହାନ୍ତି | ୨୬ |
| ଗୁଣ ଚିହ୍ନେ ଗୁଣିଆ | ଚଣ୍ଡୀରାମ ପଟେଲ | ୨୭ |
| ସାରା ଅଞ୍ଚଳ ଜଗନ୍ନାଥମୟ | ହରିପ୍ରିୟା ରାଉତରାୟ | ୨୯ |
| ଜହ୍ନରାଇଜର ଘର | ମୋହନ ଚନ୍ଦ୍ର ଖିଲାର | ୩୧ |
| ସ୍ମୃତି ଲିଭିଗଲା ଅନ୍ଧାର ରାତ୍ରିରେ | ପୁଷ୍ପାରାଣୀ ସେନାପତି | ୩୪ |
| ପରିବର୍ତ୍ତନ | ରମେଶ ଚନ୍ଦ୍ର ପତ୍ରୀ | ୩୫ |
| ବଟ ଖାଲିଆର ବଟୁ ମଣିଷ | ଜଗନ୍ନାଥ ଗୌଡ଼ | ୩୬ |
| ନିଷ୍କୃତି | ଈଶ୍ୱର ଚନ୍ଦ୍ର ଶତପଥୀ | ୩୮ |
| ଚନ୍ଦୁ | ଅଞ୍ଜଳୀ ମହାପାତ୍ର | ୪୦ |
| ଜ୍ୱଳନର ପରିଧି | ତ୍ରିଲୋଚନ ମହାକୁଲ | ୪୩ |
| ଧ୍ୱନି ପ୍ରଦୂଷଣ | ପ୍ରଭାତ କୁମାର ଭୂୟାଁ | ୪୫ |
| ବୁଦ୍ଧଙ୍କ ପବିତ୍ର ଜନ୍ମସ୍ଥଳୀ ଲୁମ୍ବିନୀ | ବିଜୟ କୁମାର ଦାଶ | ୪୭ |
| ମାଆର ମନ | ଦୟାନିଧି ଦାଶ | ୪୯ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

## ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

## କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ....................................

ବ୍ୟାଙ୍କ୍........................................ ସ୍ଥାନ..........................................................

ତାରିଖ..................................... ଦସ୍ତଖତ........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ତିଆଡୀଙ୍କ ମିଶ୍ରି ପଣା

■ ଡକ୍ଟର ରାମଚନ୍ଦ୍ର ଷଡ଼ଙ୍ଗୀ

ଚାରିଖଣ୍ଡ ଶାସନରେ ଜଗନ୍ନାଥ ତିଆଡୀ ବେଶ୍ ପରିଚିତ । ତାଙ୍କୁ ସମସ୍ତେ ଜଗୁ ତିଆଡ଼ୀ ନାଆଁରେ ଜାଣନ୍ତି । ତାଙ୍କ ନନା ପୁରୋହିତ କାମ କରୁଥିଲେ ଓ ଜଗୁତିଆଡ଼ୀ ଗାଆଁ ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟର ଚାକିରି କରୁଥିଲେ । ତିଆଡୀ ମହାଶୟଙ୍କର ପୁରାଣ ଶାସ୍ତ୍ର ଓ ଧର୍ମକର୍ମ କାର୍ଯ୍ୟରେ ଭଲ ପ୍ରବେଶ ଥିଲା । କାମ ଯେତେ ଥାଉନା କାହିଁକି ସେ ଠିକ୍ ସକାଳ ଦଶଟାରେ ନିଜ ଚାକିରିରେ ପହଞ୍ଚୁଥିଲେ । ସକାଳୁ ଗାଧୋଇ ପାଧୋଇ ଘରେ ଦିଅଁ ପୂଜା କଲାପରେ ସେ ଗିଲାସେ ମିଶ୍ରିପଣା ପିଇବାରେ ଅଭ୍ୟସ୍ତ ଥିଲେ । ଏଇଟା ତାଙ୍କ ବୋଉ ତାଙ୍କ ପିଲାଦିନେ ଆରମ୍ଭ କରିଥିଲେ । ମିଶ୍ରିପଣା ପିଇଲେ ପେଟ ଥଣ୍ଡା ରହିବ । ସେଇ ଅଭ୍ୟାସଟା ତାଙ୍କ ବୋଉ ଗଲାପରେ ମଧ୍ୟ ରହିଗଲା । ଦଶଟାବେଳକୁ ଗଣ୍ଡାଏ ଖାଇ ସେ ଯାଆନ୍ତି ପୋଷ୍ଟ ଅଫିସ୍ ।

ତିଆଡୀଙ୍କୁ ଯେଉଁଦିନ ବଅସ ପୂରିଲା ପଞ୍ଚାବନ, ଠିକ୍ ସେହିଦିନ ସରକାରୀ ନିୟମରେ ବନ୍ଧା ଚାକିରିର ଡୋରଟା ଛିଣ୍ଡିଗଲା; ସେ ଚାକିରିରୁ ଅବସର ନେଲେ । ପରଦିନଠାରୁ ଆଉ ଦଶଟାବେଳେ ପୋଷ୍ଟ ଅଫିସକୁ ଯିବା ଦରକାର ପଡ଼ିଲା ନାହିଁ; କିନ୍ତୁ ଅଭ୍ୟାସ ମୁତାବକ ସେ ଗାଧୋଇ ପାଧୋଇ ପୁଣି ଦଶଟାବେଳେ ଗଣ୍ଡାଏ ଖାଇଦେଇ ଘରେ ବସିଲେ । ଖାଲିଟାରେ ବସିବାଟା ତାଙ୍କୁ ଅଡୁଆ ଲାଗିଲା । ତେଣୁ ଦିଅଁଘରୁ ପୁରାଣପୋଥି କାଢ଼ି ତାକୁ ଗୋଟି ଗୋଟି କରି ପଢ଼ିବାରେ ଲାଗିଲେ । ଏହିପରି କିଛିଦିନ କଟିଗଲା ।

ତିଆଡୀଙ୍କର ଘର ଚଳଣିରେ କିଛି ବିଶେଷ ଅସୁବିଧା ନ ଥାଏ । ପୂର୍ବପୁରୁଷଙ୍କର ଆଠ ମାଣ ଚାଷଜମିରୁ ସେ ଯାହା ଧାନ, ମୁଗ ଆଦି ପାଉଥିଲେ, ସେଥିରେ ଚଳିଯାଉଥିଲେ । ତାଙ୍କର ପିଲାପିଲି କହିଲେ ଦୁଇଟି ଝିଅ । ଚାକିରିରେ ଥିବାବେଳୁ ସେ ତାଙ୍କର ହାତକୁ ଦି' ହାତ କରିଦେଇଥିଲେ । ଚାରିପାଞ୍ଚକୋଶ ଦୂର ଗାଆଁରେ ଦୁଇ ଝିଅ ବିଭା ହୋଇ ସୁଖେଦୁଃଖେ ଥାଆନ୍ତି । କଦବା କେବେ ତିଆଡୀ ଆପଣେ ଯାଇ ଝିଅମାନଙ୍କ ଘରେ ବୁଲି ଆସୁଥିଲେ । ମାତ୍ର ବଅସ ବଢ଼ିବାରୁ ଆଉ ଅଧିକ ଯା'ଆସ କରିପାରିଲେ ନାହିଁ ।

ତିଆଡୀଙ୍କ ବଅସ ବଢ଼ିବାକୁ ତାଳ ଦେଇ ଜିନିଷପତ୍ରର ଦର ମଧ୍ୟ ବହୁଗୁଣରେ ବଢ଼ିବାକୁ ଲାଗିଥାଏ; ମାତ୍ର ତିଆଡୀଙ୍କର ରୋଜଗାର ବଢୁ ନ ଥାଏ । କାରଣ ସେ ମାସକୁ ପେନସନ୍ ପାଉଥିଲେ ଅଶି ଟଙ୍କା । ସେଇଥିରେ ସବୁ ଖର୍ଚ୍ଚ । ପୁଣି ବଅସ ବଢ଼ିବାରେ ଏଣୁତେଣୁ ରୋଗ ଦେଖାଦେବାରୁ ଔଷଧ ଖର୍ଚ୍ଚ ବଢ଼ିଲା । ତେଣୁ ତିଆଡୀ ମହାଶୟ ଅଭାବ ଅନୁଭବ କଲେ । କେଉଁ ଖର୍ଚ୍ଚଟାକୁ କାଟିବେ ଭାବିପାରିଲେ ନାହିଁ । ଶେଷରେ ମିଶ୍ରି କଥା ମନେପଡ଼ିଲା । ସେ ଆଗେ ମାସକୁ ଏକସେର ମିଶ୍ରି କିଣୁଥିଲେ । ଏବେ ତାକୁ ବନ୍ଦ କରିଦେଲେ ।

ତିଆଡୀଆଣୀ ଘର ଚଳେଇବାରେ ଖୁବ୍ ଦକ୍ଷ । ବୋହୂ ହୋଇ ଆସିବାଠାରୁ ସେ ଶାଶୂଙ୍କ ପାଖରୁ ଘରକରଣା ଶିଖିଥିଲେ । ଶାସନୀ ବ୍ରାହ୍ମଣ ପରିବାରରେ ବହୁପ୍ରକାର ପୂଜାପାଠ, ପର୍ବପର୍ବାଣି ଲାଗି ରହିଥାଏ । ସେସବୁକୁ ତୁଲାଇ ଯାହା ଦି'ପଇସା ବଳେଇ ରଖିଥିଲେ ସେଥିରେ ଝିଅ ଦୁହିଁଙ୍କ ପାଇଁ ଆୟ ଅଳଙ୍କାର କରି ତାଙ୍କୁ ବିଦା କଲେ । ତିଆଡୀଏ ସେ ବିଷୟରେ ମୁଣ୍ଡ ପୂରାନ୍ତି ନାହିଁ । ଚାକିରିରେ ଥିବାବେଳେ ମାସ ଶେଷରେ ଦରମା ଗଣ୍ଡାକ ଆଣି ସ୍ତ୍ରୀଙ୍କ ହାତରେ ଧରାଇଦେଲେ ସେ ନିଶ୍ଚିତ ହେଉଥିଲେ ।

ଦିନେ ତିଆଡୀଆଣୀ ଲକ୍ଷ୍ୟ କଲେ ଯେ, ବଜାରରୁ ମିଶ୍ରି ଆସିନାହିଁ । ସେ ପଚାରିଲେ, ''ହଇଏ, ତମେ କଅଣ ମିଶ୍ରି ଆଣିବାକୁ ଭୁଲିଗଲ କି !'' ତିଆଡୀଏ କହିଲେ, ''ଆରେ ଛାଡ଼, ମିଶ୍ରିପଣାର ଆଉ କଅଣ ଦରକାର ! ସେତେବେଳେ ସିନା ଖରାରେ ତରାରେ ବାହାରକୁ ଯାଉଥିଲି ବୋଲି ପେଟ ଗରମ ନ ହେବାକୁ ମିଶ୍ରି ପଣା ଗିଲାସେ ପିଇଦେଉଥିଲି । ଏବେ ତା'ର ଆଉ କି ଦରକାର ! ତା'ଛଡ଼ା ଜିନିଷପତ୍ରର ଦର ଏତେ ବଢ଼ିଗଲାଣି ଯେ, ସେଇ ପେନସନ୍ ଗଣ୍ଡାକରେ ସବୁ ଗୋଟାଇବାକୁ ପଡ଼ିବ । ତା' ଉପରକୁ ଓଷଦ ଖର୍ଚ୍ଚ, ଛାଡ଼ ସେ କଥା ।'' ତିଆଡୀଆଣୀ ମଧ୍ୟ କଥାଟାକୁ ବୁଝିଲେ ଓ ତୁନି ହୋଇ ରହିଲେ ।

ତିଆଡୀଏ ସିନା ମିଶ୍ରିପଣାକୁ ଛାଡ଼ିଦେବେ ବୋଲି ସ୍ଥିର କଲେ; ମାତ୍ର ବହୁବର୍ଷର ମିଶ୍ରିପଣା ଖିଆ ଅଭ୍ୟାସଟାକୁ ତାଙ୍କ ମନ ଛାଡ଼ିପାରିଲା ନାହିଁ । ସକାଳେ ଗାଧୋଇବା ପରେ ଦିଅଁପୂଜା କଲାବେଳେ ତାଙ୍କର ହାତ ମିଶ୍ରିଡବା ଆଡ଼େ ଚାଲିଗଲା । ଡବାଟାକୁ ଖାଲି ଦେଖି ସେ ତା'ର ଢାଙ୍କୁଣୀଟା ବନ୍ଦ କରିଦେଲେ । ମନଟା ତାଙ୍କର ଟିକିଏ ଦବିଗଲା । ସେହିଦିନ ସନ୍ଧ୍ୟାବେଳେ ସେ ବଜାରରୁ ଛଟାଙ୍କିଏ ଓଜନର ଖଣ୍ଡେ ମିଶ୍ରିମୁଣ୍ଡା କିଣି ଆଣିଲେ ଓ ଦିଅଁ ଘରେ ମିଶ୍ରି ଡବାରେ ରଖିଦେଲେ । ଡବାଟିକୁ କେହି ନ ଦେଖିବା ଭଳି ସେ ଦିଅଁ ଖଟୁଲି ପଛପଟେ ଲୁଚାଇଦେଲେ । ପ୍ରତିଦିନ ଦିଅଁ

ବସାଇବା ପରେ ସେ ଗିଲାସେ ପାଣିରେ ମିଶ୍ରି ଖଣ୍ଡଟିକୁ ବୁଡ଼ାଇ ଉଠାଇ ଦିଅନ୍ତି ଓ ଗାମୁଛାରେ ପୋଛିଦେଇ ପୁଣି ଡବାରେ ରଖିଦିଅନ୍ତି । ତା'ପରେ ଓଁ ନମଃଶିବାୟ କହି ପାଣିଗିଲାସକ ପିଇଦିଅନ୍ତି । ଏତିକିରେ ତାଙ୍କ ମନ ବୁଝିଯାଏ । ମାତ୍ର ଏମିତି ମିଶ୍ରିପଣା ପିଇବାବେଳେ ସେ ଦିଅଁଘର କବାଟଟିକୁ ଭିତରପଟୁ ଆଉଜି ଦିଅନ୍ତି; ଯେପରି ତିଆଡୀଆଣୀଙ୍କ ନଜରରେ ନ ପଡ଼ିବ । ତିଆଡୀଙ୍କର ଭୟ ଯେ, ବୁଢ଼ୀ ଦେଖିଲେ ମନଦୁଃଖ କରିବେ ।

ତିଆଡୀଆଣୀ କେବେ କେମିତି ଦିଅଁଘର ବାଟ ଦେଇ ଗଲାବେଳେ କବାଟ ଆଉଜା ଥିବାର ଦେଖିଲେ । ତିନିଚାରିଥର ଏପରି ଦେଖିବାରେ ତାଙ୍କ ମନରେ କଥାଟାଏ ଉଠିଲା । ସେ ଭାବିଲେ ଯେ, ତିଆଡୀ ତାଙ୍କ ଜୀବନଯାକ ଦିଅଁ ପୂଜା କଲାବେଳେ କେବେ ମଧ୍ୟ କବାଟ ଆଉଜାଇ ନ ଥିଲେ; ଏବେ କାହିଁକି ସବୁଦିନ କବାଟଟାକୁ ଆଉଜାଇ ଦେଉଛନ୍ତି ! ମାତ୍ର ସେ ତ ତାଙ୍କୁ ପଚାରିବେ ନାହିଁ, କାରଣ ତାଙ୍କର ଏପରି ଅଭ୍ୟାସ ନ ଥିଲା । ମନ କଥା ମନରେ ରଖି ତିଆଡୀଆଣୀ ଦିନେ ଚୁପ୍ କରି ଦିଅଁଘର କବାଟଟାକୁ ଖୋଲିଦେଲେ । ଯାହା ଦେଖିଲେ ସେଥିରୁ ସେ କିଛି ବୁଝିପାରିଲେନାହିଁ । ତିଆଡୀଏ ଖଣ୍ଡେ ମିଶ୍ରିକୁ ଗିଲାସେ ପାଣିରେ ବୁଡ଼ାଇଲେ ଓ ଗାମୁଛାରେ ପୋଛି ପୁଣି ଡବାରେ ରଖିଦେଲେ । ମୁହୂର୍ତ୍ତକ ପାଇଁ ତାଙ୍କ ମନ ଅଭିମାନରେ ପୂରିଗଲା । ସେ ଚୁପ୍‌କରି ସେଠାରୁ ଚାଲିଆସିଲେ । ତିଆଡୀଏ ଏ କଥା ଜାଣିପାରିଲେ ନାହିଁ ।

ଦି'ପହରେ ଖାଇବସିବାବେଳେ ତିଆଡୀଆଣୀ ସେ କଥାଟା ଉଠାଇଲେ ଓ କହିଲେ, ''ହଇଏ, ବୁଢ଼ାଟିଏ ହେଲଣି । ଏ ବଅସରେ ମୋତେ ପୁଣି ଲୁଚାଉଛ ! ମୁଁ କଅଣ ତୁମକୁ ମିଶ୍ରି ପଣା ପିଇବାକୁ କେବେ ମନା କରିଥିଲି ! ତୁମେ ମୋତେ ଲୁଚାଇ ଦିଅଁଘରେ ସବୁଦିନ ମିଶ୍ରିପଣା ପିଉଛ ! ଏଣେ ମୋତେ କହୁଛ ଯେ, ବଜାରରୁ ମିଶ୍ରି ଆଣିବା ଦରକାର ନାହିଁ । ମୁଁ ତ' ଏହାର ରହସ୍ୟ ବୁଝିପାରୁନାହିଁ ! ଜୀବନଯାକ ତ ମୋତେ କିଛି ହେଲେ ଲୁଚାଇ ନାହଁ; ତେବେ ଏ ବଅସରେ ଏପରି କାହିଁକି ?''

ତିଆଡୀଙ୍କ ହାତରୁ ଭାତ ଗୁଣ୍ଡାଟା ଖସିପଡ଼ିଲା । ସେ ଟିକିଏ ମୁରୁକି ହସିଦେଲେ । ତା'ପରେ କହିଲେ, ''ଆହେ, ଲୁଚାଇବାର କିଛି ନାହିଁ । ତୁମେ ଦେଖିଲେ ମନଦୁଃଖ କରିବ ବୋଲି କବାଟଟାକୁ ଭିତରପଟୁ ଆଉଜାଇ ଦିଏ । ପିଲାଦିନରୁ ମିଶ୍ରି ପଣା ପିଇବାର ଅଭ୍ୟାସଟାକୁ ମୋ ମନ ଛାଡ଼ି ପାରିଲା ନାହିଁ । ତେଣେ ଅଭାବ ଯୋଗୁ ମିଶ୍ରି କିଣିବା ସମ୍ଭବ ହେଉନାହିଁ । ତେଣୁ ଅବୁଝା ମନଟାକୁ ବୁଝାଇବା ପାଇଁ ମିଶ୍ରି ଖଣ୍ଡକ ଗିଲାସେ ପାଣିରେ ବୁଡ଼ାଇଦିଏ ଓ ତାକୁ ଗାମୁଛାରେ ପୋଛି ଡବାରେ ରଖିଦିଏ । ମୋ ମନ ବୁଝେ ଯେ, ମୁଁ ମିଶ୍ରିପଣା ପିଇଲି । ବେଶୀ ସମୟ ମିଶ୍ରିକୁ ପାଣିରେ ରଖିଲେ ସେଇଟା ମିଳାଇ ଯାଇ ସରିଯିବ । ସେଇଥିପାଇଁ ମୁଁ ଏପରି କରିଥାଏ । କୋଉ ମୁହଁରେ ମୁଁ ତମକୁ ଏଇଟା ଦେଖାନ୍ତି ! ତମକୁ ଲୁଚାଇବାକୁ ମୁଁ ଡବାଟିକୁ ଖଟୁଲି ପଛରେ ରଖିଦିଏ ।''

ତିଆଡୀଆଣୀ ବୁଢ଼ାଙ୍କର କଥାଗୁଡ଼ିକୁ ଶୁଣି ଅବାକ୍ ହୋଇଗଲେ । ସେ ତାଙ୍କୁ ସତେ କେତେ ଭୁଲ୍ ବୁଝିଥିଲେ । ମୁହୂର୍ତ୍ତକ ମଧ୍ୟରେ ତାଙ୍କର ମନ ଦବିଗଲା, ଆଖିରେ ଲୁହ ଜକେଇଗଲା, ସେ କୋହ ସମ୍ଭାଳି ପାରିଲେ ନାହିଁ । ନିଜ ଜୀବନର ଗୋଟାଏ ଏତେ ଛୋଟ ଆବଶ୍ୟକତାକୁ ସେ ପୂରଣ କରି ନ ପାରି ନିଜ ମନକୁ ଠକୁଥିଲେ; ମାତ୍ର ସେ ବିଷୟରେ ଦିନେହେଲେ ପାଟି ଖୋଲି କହି ନ ଥିଲେ । ତିଆଡୀଙ୍କ ପ୍ରତି ତାଙ୍କ ମନରେ ସ୍ନେହ ଓ ଭକ୍ତି ବହୁଗୁଣିତ ହୋଇଗଲା । ସେ ବିଶ୍ୱାସ କରିପାରିଲେ ନାହିଁ ଯେ, ଗୋଟାଏ ମଣିଷ କଅଣ ଏତେ ସରଳ ଓ ମହତ ହୋଇପାରେ ? ସେ ନଇଁପଡ଼ି ତିଆଡୀଙ୍କ ପାଦକୁ ଧରି ଭୋ ଭୋ ହୋଇ କାନ୍ଦିଲେ ଓ କହିଲେ, ''ମୋତେ ଆଜି ପ୍ରଥମ ଓ ଶେଷ ଥର ପାଇଁ କ୍ଷମା କରିଦିଅ ।'' ତିଆଡୀଏ ତାଙ୍କୁ ଆଁ କରି ଚାହିଁଥିଲେ ।

*- ନିମଚଉଡ଼ି, କଟକ*

# ପରାଜିତ ପିତୃତ୍ୱ

■ ଚୈତନ୍ୟ ପ୍ରସାଦ ପଡ଼ିଆରୀ

ମ୍ଲାନ ଗୋଧୂଳିର ଉଦାସୀ ସନ୍ଧ୍ୟା । ଅସ୍ତାଚଳରେ ଅସ୍ତଗାମୀ ସୂର୍ଯ୍ୟଦେବଙ୍କର ରକ୍ତିମ ଆଭାରେ ସ୍ରୋତସ୍ୱିନୀ ଗଙ୍ଗା ନଦୀର ବନ ପ୍ରଦେଶ ରଙ୍ଗାୟିତ ହେଉଥିଲା । ପ୍ରୀତି ସଂଜର ସେହି ମନଲୋଭା ଦୃଶ୍ୟକୁ ଅପଲକ ନେତ୍ରରେ ଅବଲୋକନ କରୁଥିଲେ ହସ୍ତିନାପୁରର ଯୁବରାଜ ଶାନ୍ତନୁ । ଗଙ୍ଗାର ଜଳରାଶି ସହିତ ଚତୁର୍ଦ୍ଦିଗ ଯେମିତି ଫଗୁଣର ଫଗୁ ରଙ୍ଗରେ ନିଜକୁ ସଜାଇ ରଖିଛି । ଆହାଃ ! କି ମନୋଲୋଭା ସତେ ? ଗଙ୍ଗାର ତଟ ଦେଶରେ ଉପବିଷ୍ଟ ଯୁବରାଜ ଶାନ୍ତନୁ । ନିରୀକ୍ଷଣ କରୁଥିଲେ ଗଙ୍ଗାର ଉତ୍ତାଳ ତରଙ୍ଗ ଓ ଲହରୀମାଳାକୁ । ମନେପଡ଼ିଲା ପୂର୍ବଜଙ୍କ କଥା । ସଗରବଂଶକୁ ବ୍ରହ୍ମ ଅଭିଶାପରୁ ମୁକ୍ତି ଦେବାପାଇଁ ଯୁବରାଜ ଭଗୀରଥ କୃଚ୍ଛ୍ର ସାଧନା ବଳରେ ପବିତ୍ର ଗଙ୍ଗାକୁ ଆଣିଥିଲେ ମର୍ତ୍ତ୍ୟକୁ । ଏହି ସେ ପବିତ୍ରମୟୀ ଗଙ୍ଗାଦେବୀ । ଧନ୍ୟ ପୁତ୍ର, ଧନ୍ୟ ରାଜା ଭଗୀରଥ । କୋଟି କୋଟି ପ୍ରଣାମର ପାତ୍ର ତୁମେ । ପୁତ୍ର ଯେ କେବଳ ବଂଶରକ୍ଷା କରିବା ପାଇଁ ଜନ୍ମ ନୁହେଁ, ପିତୃ, ପିତା, ପିତାମହଗଣଙ୍କର ମୁକ୍ତି ଓ ବଂଶର ଗୌରବ ପାଇଁ ଜନ୍ମ ନେଇଥାଏ । ଏ ଦୃଷ୍ଟାନ୍ତ ଓ ଆଦର୍ଶ ଆପଣଙ୍କୁ ଯୁଗ ଯୁଗ ଧରି ବଞ୍ଚାଇ ରଖିଥିବ । ଭାବନା ରାଜ୍ୟରେ ଭାସି ବୁଲୁଥିବା ଶାନ୍ତନୁ କିଛି ସମୟ ପାଇଁ ମନକୁ ସ୍ଥିର କରି ଗଙ୍ଗାର ଗଭୀର ଗର୍ଭକୁ ଦୃଷ୍ଟି ନିକ୍ଷେପ କଲେ । ଗଭୀର ଜଳରାଶି ମଧ୍ୟରେ ଏକ ଅପରୂପା ଲାବଣ୍ୟମୟୀ ଷୋଡ଼ଶୀ ସୁନ୍ଦରୀର ସୁନ୍ଦର ରୂପ ତାଙ୍କର ଦୃଷ୍ଟିଗୋଚର ହେଲା । ଅନିନ୍ଦ୍ୟ ସୁନ୍ଦରୀର ରୂପରେ ତାଙ୍କର ଦୁଇ ଚକ୍ଷୁ ଝଲସି ଉଠିଲା । ସେ ନିଜକୁ ବିଶ୍ୱାସ କରିପାରିଲେନି । ଗଙ୍ଗାର ତଟ ଦେଶର ଅତି ନିକଟ ହେଲେ ।

କିନ୍ତୁ ଏ କ'ଣ ? ସୁନ୍ଦରୀ ଜଣକ କ୍ଷଣିକ ଦେଖାଦେଇ ପୁନଶ୍ଚ ଅଥଳ ଜଳରାଶି ମଧ୍ୟରେ ଅନ୍ତର୍ନିହିତ ହୋଇଗଲା । ଚିନ୍ତାକ୍ଳିଷ୍ଟ ଶାନ୍ତନୁ ଭଗ୍ନ ମନରେ ଫେରିଲେ ରାଜପ୍ରାସାଦକୁ । ହଃୟ ସୁନ୍ଦରୀ, କେଡ଼େ ମନଲୋଭା ସେ କମନୀୟ ରୂପ ମାଧୁରୀ । ମଦନ ବାଣରେ ଜର୍ଜରିତ ଶାନ୍ତନୁ । ଶତ ବୃଶ୍ଚିକର ଦଂଶନ ଜ୍ୱାଳାରେ ରତ୍ନ ପଲଙ୍କର ତୁଳୀତଳ୍ପ ଶଯ୍ୟା ତାଙ୍କୁ କଣ୍ଟକିତ ବୋଧ ହେଲା । ପ୍ରତିକ୍ଷଣରେ ସୁନ୍ଦରୀର ଉଦ୍ଦତ ଯୌବନ ଆକର୍ଷିତ କଲା । ତହିଁ ପରଦିନ ଗୋଧୂଳି ଲଗ୍ନରେ ରଥ ଆରୋହଣ କରି ସେହି ପରିଚିତ ସ୍ଥାନରେ ପହଞ୍ଚିଲେ ଯୁବରାଜ । ସେହି ଶୁଭ ଗୋଧୂଳି ଲଗ୍ନରେ ସୁନ୍ଦରୀଙ୍କ ସହିତ ପରିଚୟ ହେଲା ଯୁବରାଜଙ୍କର । ଯୁବରାଜ ସୁନ୍ଦରୀଙ୍କର ପରିଚୟ ପୁଚ୍ଛା କଲେ ଓ ନିଜର ପରିଚୟ ଦେବାକୁ ଯାଇ କହିଲେ, କି ମୁଁ ହସ୍ତିନା କଟକର ଯୁବରାଜ ଶାନ୍ତନୁ । ଅଧରରେ ସ୍ମିତହାସ୍ୟ ଫୁଟାଇ କହିଲେ କି ଯେ, ମୁଁ ଗଙ୍ଗା ଦେବୀ । ବହୁ ବାକ୍ୟାଳାପ ପରେ ଯୁବରାଜ ତାଙ୍କୁ ଭଲ ପାଉଛନ୍ତି ଓ ବିବାହ କରିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କଲେ । ଅନ୍ତରର ସମସ୍ତ ସ୍ନେହଦେଇ ନିଜର ରାଣୀ କରିବାକୁ ଚାହୁଁଛନ୍ତି ବୋଲି କହିବାରୁ ଗଙ୍ଗାଦେବୀ ନିଜ ଉତ୍ତରରେ କହିଲେ ହେ ରାଜା ! ମୁଁ ଆପଣଙ୍କ ଇଚ୍ଛାରେ ସମ୍ମତ ଜଣାଉଛି । କିନ୍ତୁ ମୋର ଗୋଟିଏ ସର୍ତ୍ତକୁ ଆପଣ ପୂରଣ କରିବା ପାଇଁ ଯଦି ପ୍ରତିଜ୍ଞାବଦ୍ଧ ହେବେ ତା'ହେଲେ ମୁଁ ବିବାହ କରିବି ।

କାମ କାମନାରେ ଜଳୁଥିବା ଯୁବରାଜ ହସ୍ତରେ ଗଙ୍ଗା ଜଳ ଧରି ପ୍ରତିଜ୍ଞା କରିବା ସହିତ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି କହିଲେ କି ଯେ ସେ ସୁନ୍ଦରୀର ସମସ୍ତ ସର୍ତ୍ତକୁ ପାଳନ କରିବେ । ଖୁସି ହୋଇ ଗଙ୍ଗାଦେବୀ ପ୍ରକାଶ କଲେ ଯେ ସେ ନିଜ ଇଚ୍ଛାରେ ଯାହା କରିବେ ରାଜା ଶାନ୍ତନୁ ବା ଅନ୍ୟ କେହି ସେଥିରେ ବାଧା ସୃଷ୍ଟି କରିବେ ନାହିଁ । ଯଦି କରନ୍ତି, ତାହେଲେ ସବୁଦିନ ପାଇଁ ତାଙ୍କୁ ହରାଇବାକୁ ପଡ଼ିବ । ତାହା ହିଁ ହେଲା । ରଥରେ ଗଙ୍ଗାଦେବୀଙ୍କୁ ବସାଇ ହସ୍ତିନା ଫେରିଲେ ଯୁବରାଜ । ଗଙ୍ଗାଦେବୀଙ୍କୁ ପାଇ ରାଜନଅର ହସିଉଠିଲା । ଆନନ୍ଦ ଉତ୍ସବରେ ମାତିଲେ ପ୍ରଜାକୁଳ । ରାଣୀଅନ୍ତପୁରରେ ଆନନ୍ଦରେ ସମୟ କଟିଲା ଯୁବରାଜଙ୍କର । ଦିନ ପରେ ଦିନ ଗଡ଼ି ଚାଲିଲା । ହସ୍ତିନା ରାଜବାଟୀରେ ନବାଗତ ଭବିଷ୍ୟ ଗଙ୍ଗାଦେବୀଙ୍କ ଗର୍ଭରେ ସ୍ଥାନ ପାଇଲା । ପ୍ରସବ ଯନ୍ତ୍ରଣାକାତର ଗଙ୍ଗାଦେବୀ । ଚିନ୍ତାକ୍ଳିଷ୍ଟ ରାଜା ଶାନ୍ତନୁ ଓ ପରିଜନବର୍ଗ ।

ବିଧିର ବିଚିତ୍ର ବିଧାନ । ଅଭିଶପ୍ତ ଅଷ୍ଟବସୁ ଗଙ୍ଗାଙ୍କ ପବିତ୍ର ଗର୍ଭରେ ଜନ୍ମ ନେଇ ମୁକ୍ତି ଲାଭ କରିବେ । ଏ ଭବିଷ୍ୟବାଣୀ ଅନ୍ୟଥା କରିବାକୁ ଶକ୍ତି କାହାର ? କେହି ନ ଜାଣିଲେ ବି ଏକୁଟିଆ ଜାଣନ୍ତି ଗଙ୍ଗାଦେବୀ । ହସ୍ତିନାପୁର ରାଜ ନଅରରେ ନବଜାତକର କୁଆଁ କୁଆଁ ରବ ଶୁଭିଲା । ଦାସୀ ଦୌଡ଼ିଆସି ରାଜାଙ୍କୁ ଜଣାଇଲା କି, ମହାରାଜ୍ ! ମହାରାଣୀଙ୍କର ପୁତ୍ର ସନ୍ତାନ ଲାଭ ହୋଇଛି । ଆନନ୍ଦବିହ୍ୱଳ ଶାନ୍ତନୁ ନିଜ ବେକରୁ ମୋତିମାଳ କାଢ଼ି ଦାସୀକୁ ଉପହାର ପ୍ରଦାନ କଲେ । ହସ୍ତିନା କଟକ ଜୁର ହେଲା । ପତାକା ଓ ତୋରଣରେ ମଣ୍ଡିତ ହେଲା । ଆନନ୍ଦରେ ଫାଟିପଡ଼ିଲେ ରାଜା

ଓ ରାଜନ୍ୟବର୍ଗ । କିନ୍ତୁ ଆନନ୍ଦ ନିମିଷକେ ଉଭେଇଗଲା । ଭୂମିଷ୍ଠ ଶିଶୁପୁତ୍ରକୁ ନିଜ ବୁକୁରେ ଚାପିଧରି ରାଜପ୍ରାସାଦରୁ ବାହାରିଗଲେ ଗଙ୍ଗା । ପାଶ୍ଚାତ୍‌ଧାବନ କଲେ ଯୁବରାଜ; କିନ୍ତୁ କହିବାକୁ ସାହସ ନ ଥିଲା । କାରଣ ସେ ପ୍ରତିଜ୍ଞାବଦ୍ଧ । ମୂକ ନିର୍ବାକ ଭଳି ଚାହିଁ ରହିଥିବାବେଳେ ଗଙ୍ଗାଦେବୀ କଅଁଳ ଶିଶୁପୁତ୍ରକୁ ଗଙ୍ଗାର ଅଥଳ ଜଳ ମଧ୍ୟକୁ ନିକ୍ଷେପ କଲେ । ପିତା ସେ । ଏ ଦୁଃଖଦ ଦୃଶ୍ୟ ତାଙ୍କର ପିତୃତ୍ୱକୁ ଧିକ୍କାର କଲା । ମୁଖରେ ହସ ଫୁଟାଇ ଶାନ୍ତନୁଙ୍କ ଆଡ଼େ ଟିକିଏ ଦୃଷ୍ଟି ନିକ୍ଷେପ କରି ଅନ୍ତପୁରକୁ ଫେରିଆସିଲେ ଗଙ୍ଗାଦେବୀ । ହସ୍ତିନାପୁରରେ ଦୁଃଖ ଓ ଶୋକର ଛାୟା ଖେଳିଗଲା । କିନ୍ତୁ ପ୍ରତିବାଦ କଲେ ରାଜଗୁରୁ । ରାଜା ନିଜର ସୁଖ ଶାନ୍ତି ଓ ଆନନ୍ଦ ପାଇଁ ପ୍ରତିଜ୍ଞାବଦ୍ଧ ହେବା ରାଜଧର୍ମରେ ଲେଖା ନାହିଁ । ରାଜନ୍ ଆପଣ ଏଭଳି ପ୍ରତିଜ୍ଞା କରି ରାଜଧର୍ମ ଓ ରାଜବଂଶରେ କଳଙ୍କ ଲଗାଇଛନ୍ତି ।

ଗୋଟି ଗୋଟି କରି ଛଅ ଗୋଟି ସନ୍ତାନଙ୍କୁ ଜନ୍ମ ଦେଇ ପୂର୍ବଭଳି ଗଙ୍ଗା ଗର୍ଭରେ ନିକ୍ଷେପ କଲେ । ହାୟରେ ପିତୃତ୍ୱ – ପ୍ରଜାକୁଳଙ୍କର ପ୍ରଶ୍ନବାଣ ତାଙ୍କୁ ଜର୍ଜରିତ କଲା । ରାଜବଂଶର ଗୌରବ ତାଙ୍କ ବିବେକକୁ ବାରମ୍ବାର ଆଘାତ କଲା । ହସ୍ତିନାର ସିଂହାସନ କ'ଣ ଶୂନ୍ୟ ପଡ଼ିବ ? ଚିନ୍ତାମଗ୍ନ ରାଜା । ଅଷ୍ଟମ ଗର୍ଭ ସନ୍ତାନ ଲାଭ କରିବା ଶୁଣି ବିଚଳିତ ହୋଇପଡ଼ିଲେ ସେ । ଏ ଶେଷ ସନ୍ତାନକୁ ରକ୍ଷା କରିବାକୁ ପଡ଼ିବ ତାଙ୍କୁ । ବରଂ ଗଙ୍ଗାଙ୍କୁ ତ୍ୟାଗ କରିବାକୁ ପଡୁ ସେ ତାଙ୍କର ପିତୃତ୍ୱର କର୍ତ୍ତବ୍ୟ ପାଳନ କରିବେ ।

ପ୍ରତିଜ୍ଞା ଭଗ୍ନ ହେଲା । ସେ ନର୍କଗାମୀ ହୁଅନ୍ତୁ ପଛେ ସେ ଗଙ୍ଗାଙ୍କୁ ପ୍ରତିରୋଧ କରିବେ । ନିଜକୁ ପ୍ରସ୍ତୁତ କରିନେଲେ ହସ୍ତିନା ନରେଶ ।

ସମୟ ଉପଗତ ହେଲା । ଅଷ୍ଟମ ଗର୍ଭ ନବଜାତକକୁ ବୁକୁରେ ଚାପିଧରି ଗଙ୍ଗାଦେବୀ ବାହାରିଲେ ରାଜ ଉଆସରୁ । ପଛେ ପଛେ ରାଜା ଶାନ୍ତନୁ । ଗଙ୍ଗାଦେବୀ ଶିଶୁପୁତ୍ରକୁ ଗଙ୍ଗାରେ ନିକ୍ଷେପ କରିବା ସମୟରେ କ୍ରୋଧରେ ଜର୍ଜରିତ ରାଜା ଗର୍ଜନ କରି ଉଠିଲେ । ଗଙ୍ଗାଦେବୀ ନିର୍ଲିପ୍ତ ନୟନରେ ଚାହିଁଲେ ଶାନ୍ତନୁଙ୍କୁ । କ୍ରୋଧିତ ଶାନ୍ତନୁ ପ୍ରକାଶ କଲେ, ହେ ଗଙ୍ଗା ! ତୁମକୁ କେବେ କିଛି ମାଗିନାହିଁ । ଗୋଟି ଗୋଟି କରି ମୋର ସାତଗୋଟି ସନ୍ତାନକୁ ହରାଇଛି । ହେଲେ ଏ ମୋର ଶେଷ ସନ୍ତାନକୁ ମୋତେ ପ୍ରଦାନ କର । ତାକୁ ବଞ୍ଚିବାକୁ ଦିଅ । ରାଜବଂଶ ରକ୍ଷା ହେଉ । ଏ ମୋର ଅନୁରୋଧ ନୁହେଁ ଗଙ୍ଗା, ଏହା ହେଉଛି ହସ୍ତିନାପୁର ନରେଶ ଶାନ୍ତନୁର ଆଦେଶ । ହସିଉଠିଲେ ଗଙ୍ଗାଦେବୀ । ମିଷ୍ଟ ସ୍ୱରରେ ପ୍ରକାଶ କଲେ । ପ୍ରତିଜ୍ଞା ମନେପକାନ୍ତି ରାଜନ ! ଆପଣ କ'ଣ ଚାହାଁନ୍ତି– ସ୍ତ୍ରୀ ନା ପୁତ୍ର ? ପ୍ରତିଜ୍ଞାନୁସାରେ ମୋତେ ଆଜିଠାରୁ ହିଁ ତ୍ୟାଗ କରିବାକୁ ହେବ । ଏଥିସହିତ ଏଇ ତୁମର ଶେଷ ସନ୍ତାନ ସତ୍ୟବ୍ରତ ନାମରେ ନାମିତ ହେବା ସଙ୍ଗେ ସଙ୍ଗେ ମୁଁ ତାକୁ ମୋ ନିକଟରେ ରଖି ସମସ୍ତ ଧନୁର୍ବିଦ୍ୟା ଓ ଶାସ୍ତ୍ରାଦିରେ ଶିକ୍ଷା ସମାପ୍ତ କରାଇ ଯଥାସମୟରେ ଆପଣଙ୍କୁ ପ୍ରଦାନ କରିବି । ଶିଶୁପୁତ୍ରକୁ ଧରି ଗଙ୍ଗାଦେବୀ, ଗଙ୍ଗାର ଅଥଳ ଜଳରେ ଅଦୃଶ୍ୟ ହୋଇଗଲେ । ପିତୃତ୍ୱର ପରାଜୟର ଗ୍ଳାନି ନେଇ ରାଜଉଆସକୁ ଫେରିଲେ ରାଜା ଶାନ୍ତନୁ !!

*– ଅଢ଼ାଳପଙ୍କ, ବନ୍ତ, ଭଦ୍ରକ*




# ଆଖି

ମୂଳଇଂରାଜୀ ■ **ଜୟନ୍ତ ମହାପାତ୍ର**
ଅନୁବାଦ ■ **ଶ୍ରୀମତୀ ନଳିନୀପ୍ରଭା ମିଶ୍ର**

ଓଷ୍ଠ ଧାରରେ ପରିତୃପ୍ତି ଆଉ ପ୍ରତୀକ୍ଷାର ସରୁ ହସଧାରଟିଏ ଟାଣିଦେଇ ସେ ଚକ୍ଷୁ ଯୁଗଳକୁ ବନ୍ଦ କରିନେଲା । ତା' ଚକ୍ଷୁର ସେ ଅବରୁଦ୍ଧାବସ୍ଥା ମୋତେ ଆଘାତ କରିବା ସହ ଏପରି ଭାବନାରେ ଜଡ଼ାଇ ଦେଲା ଯେ, ସବୁ କିଛିର ପ୍ରତୀକ୍ଷା ଭିତରେ ଅତୀତର ସେହି ମୁହୂର୍ତ୍ତ ଆମ ଦୁହିଁଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଥିଲା । କିମ୍ବା ଆମ ଜୀବନ ଉପରେ ଲେପି ହୋଇଯାଇଥିବା ଅବଶେଷ ଆଲୋକକୁ ଧ୍ୱଂସ କରିନେବାର ସମ୍ଭାବନା ଥିଲା, ତାହା ମୁଁ ଠଉରାଇ ପାରୁ ନଥିଲି । ଅର୍ଦ୍ଧ ଆଲୋକରେ ମୁଁ ତା'ର ଆଚ୍ଛାଦନର ମୃଦୁ କମ୍ପନକୁ ଦେଖିପାରି ବୁଝିପାରିଲି ଯେ, ତା'ର ଅତ୍ୟାବଶ୍ୟକୀୟ ସୁଖର କିଛି ସୂଚନା ତା' ଭିତରେ କେଉଁଠି ନା କେଉଁଠି ଅପେକ୍ଷା କରି ରହିଛି । ମନକୁମନ କହିଉଠିଲି । ମଥା ଅବନତ କରି ତା'ର ଆଚ୍ଛାଦିତ ପରିଚ୍ଛଦକୁ ମୃଦୁ ଚୁମ୍ବନ ଦେଲି । ନିକଟ ଅତୀତ ଭଳି ସେ ବିପରୀତଗାମୀ ନ ହୋଇ ତା'ର ଅବିଚଳିତାବସ୍ଥା ଭିତରେ ମୋତେ ଗ୍ରହଣ କରିନେଲା । ତା'ର ସେ ଗ୍ରହଣ କରିନେବାର ଭାବର ସେ ନିଷ୍ଠୁରତା ମୋ ହୃଦୟ ଭିତରେ ପ୍ରବେଶ କରି ମୋତେ ଅନୁଭବ ଭିତରେ ବୁଡ଼ାଇ ରଖିଲା । ବହୁ ଦୂରରୁ କେଉଁଠୁ ଶୁଣାଯାଉଥିଲା ସମୁଦ୍ର ଅଭିମୁଖୀ ଉଦ୍‌ବେଳନ ଢେଉର ଶବ୍ଦ, ଆଉ ସେ ଶବ୍ଦ ଥିଲା ଅତୀତ ଏବଂ ଭବିଷ୍ୟତ ଉଭୟକୁ ଧରି ରଖିଥିବା ଜୀବନ ବେଳାଭୂଇଁର ଆଘାତପ୍ରାପ୍ତ ଶବ୍ଦ । ଆଉ ସେ ଶବ୍ଦ ଥିଲା ମୋର ଅଭ୍ୟନ୍ତରରେ ଥିବା ନିରୀହପଣକୁ ପଛକୁ ଫେରାଇ ନେବାର ସ୍ମୃତି ରୋମନ୍ଥନର ଶବ୍ଦ । ମୁଁ ତା'ର କାନ୍ଧ ଉପରେ ମୋ ହାତକୁ ରଖି ନେଇ ଧୀରେ, ଶକ୍ତ ଭାବେ ଶଯ୍ୟା ଉପରକୁ ଠେଲିନେଲି । ''ତୁମେ କିଛି କଷ୍ଟ ଅନୁଭବ କରୁଛ କି ?'' ତାକୁ ମୋର ଏ ପଚାରିନେବାଟା ଥିଲା ପ୍ରଶ୍ନ ଅପେକ୍ଷା ଏକ ବିବୃତି ସଦୃଶ । ସେ ପ୍ରଶ୍ନବାଚୀ ଭିତରେ ମୁଁ ଥିଲି ସତର୍କତାର ସହ ବିପଦକୁ ଏଡ଼ାଇ ନେଇଯିବାର ଅବସ୍ଥା ଭିତରେ ଅନ୍ୟର ମନୋଭାବ ଜାଣିବା ନିମନ୍ତେ ଏକ କୌଶଳୀ ବ୍ୟକ୍ତିତ୍ୱ । କିଛି ଉତ୍ତର ଦେବାପାଇଁ ସେ ତା'ର ମୁଣ୍ଡଟିକୁ ହଲାଇଲା । ସେ ସମୟରେ ତା'ର ଆଖି ଖୋଲିଯାଇ ଦୃଷ୍ଟିର ଏକାଗ୍ରତା ଚଟାଣ ଉପରେ ଥିବା ମୋ ପାଦ ପାଖରେ ସିଧା ଆସି ପଡ଼ିଲା । ନଦୀ ଆର ପାଖରେ ଅନିବାର୍ଯ୍ୟ ଅନ୍ଧକାର ତା'ର କାୟା ମେଲାଇ ବିସ୍ତାର କରୁଥିବା ଚେଷ୍ଟାର ଦୃଶ୍ୟକୁ ଝରକା ଦେଇ ଦେଖିନେଲି । ଧୀରେ ଧୀରେ ରାତ୍ରି ଆସି ଯାଇଥିଲା । ବୋଧହୁଏ ସେ ଅନ୍ଧକାର ଆମ ଦୁହିଁଙ୍କୁ ତା' କଳା ପରଦା ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିଲା । ନଦୀ ମଧ୍ୟରୁ ଷ୍ଟିମର ଚାଳନାର ଶବ୍ଦ ଭୀତି ସଞ୍ଚାରକ ଥିଲା । ହଠାତ୍ ମୁଁ ପରାଜୟର ଏକ ଦୃଢ଼ ଅବଚେତନ ସ୍ତରରୁ ଜାଗରିତ ହୋଇଉଠିଲି । ଯଦି ତୁମେ ସତରେ ଚାଲିଯାଅ ........ ଏ କଥା ଉଚ୍ଚାରଣ କରିନେବାକୁ ନିଜକୁ ପ୍ରସ୍ତୁତ କରିପାରିନ ଥିଲି । ଚକ୍ଷୁହୀନା ହେବାକୁ ଯାଉଥିବା ଜଣେ ଛବିଶ ବର୍ଷୀୟା ଉଭିନ୍ନ ଯୌବନା ଲାବଣ୍ୟମୟୀ ସ୍ତ୍ରୀର ଭାବନାକୁ ବିଶ୍ଳେଷଣ କରିନେବା ହିଁ ଏ ଅନୁଚ୍ଚାରିତ ଆବେଗର ମର୍ମ ଥିଲା ।

ସରକାରୀ ଡାକ୍ତରଖାନାରେ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଶେଷ ଦେଖାସାରି ଫେରିଆସିଲୁ । ସେ ଯେ ନିଶ୍ଚିତଭାବେ ଅସୁଖୀ ଥିଲା, ତାହା ତା'ର ମୁଖଭଙ୍ଗୀରୁ ଜଣାପଡୁଥିଲା। ଶେଷ ଦୁଇବର୍ଷ ଧରି ସେ ବ୍ୟବହାର କରିଆସୁଥିବା ପତଳା ଅଠାଳିଆ ଔଷଦବିନ୍ଦୁ ତା'ର ନେତ୍ରପଟଳର କୋମଳତାକୁ ତଥା ମୋତିଆବିନ୍ଦୁକୁ କ୍ଷତ କରିଦେଇଥିଲା । ପ୍ରାୟ ବିଭିନ୍ନ କ୍ଲିନିକ୍‌ରେ ତା'ର ଚକ୍ଷୁ ପରୀକ୍ଷା ତା'ପ୍ରତି ଏକ ମାନସିକ ଅବସନ୍ନ ଭାବ ଆଣିଦେଇଥିଲା । କଷ୍ଟର ଅନୁଭବ ତା'ର ମୁଖର ଭାବଭଙ୍ଗୀ ସୂଚାଇ ଦେଉଥିଲା । ମୁଁ ମୋର ପାରିଲାପଣିଆ ପର୍ଯ୍ୟନ୍ତ ତାକୁ ସାହାଯ୍ୟ କରିନେବାକୁ ଇଚ୍ଛା କରିଥିଲି । ସେ ତା'ର ଶୟନକକ୍ଷରେ ଥିବାବେଳେ ତା'ର ନିକଟବର୍ତ୍ତୀ ହେବାପାଇଁ ଇଚ୍ଛା ନ ଥିଲେ ମଧ୍ୟ ଅଣଖିଆଲି ହୋଇଉଠିଥିଲି । ଏକ ଦ୍ୱିଧାଗ୍ରସ୍ତ ଅବସନ୍ନ ଭାବ ନେଇ କିଂକର୍ତ୍ତବ୍ୟବିମୂଢ଼ ହୋଇ ସିଧାସଳଖ ଭାବେ ତା'ର ଦର୍ପଣ ସାମ୍ନାରେ ଠିଆ ହୋଇଗଲି । ଏହା ସତ ଯେ, ଏକ ଆଭ୍ୟନ୍ତରୀଣ ମାନସିକ ଦୁଃଶ୍ଚିନ୍ତାରେ ମୁଁ ତାକୁ ଚାହିଁପାର ନଥିଲି କି ଇଚ୍ଛା ବି କରି ନଥିଲି । କେବଳ ମୋ ମନରେ କଳ୍ପନା ହିଁ କଳ୍ପନା ଏକ ଅନୁତପ୍ତ ମନ ନେଇ ମୋର ପ୍ରଭାବସୂଚକ ଉକ୍ତି ଲୋପ ପାଇଯିବ ମନେ କରୁଥିଲି । କଷ୍ଟ ଆସେ ତା' ଶାନ୍ତି, ସଂଗ୍ରାମୀ ମନୋଭାବ ସବୁ କିଛି ଧରି ନେବାକୁ ଚେଷ୍ଟା କରେ । ତା'ର ମୁଖାକୃତିର କୋମଳ ଭାବର ପରିପକ୍ୱତା ଘଟି ଆସୁଥିଲେ ହେଁ ତିରିଶି ବର୍ଷ ତଳେ ତା'ସହିତ ଉଠାଇଥିବା ଫଟୋଗ୍ରାଫ୍ ଭଳି ସେହି କୋମଳତା ସେହିଭଳି ଅତୁଟ ଥିଲା ।

ତାକୁ କେବଳ ପର୍ଯ୍ୟବେକ୍ଷଣ କଲାପରେ ଜାଣି ନେଲି ଯେ, ତା'ର ମୁହଁଟିର ସ୍ୱଚ୍ଛତା ଶୂନ୍ୟ ହୋଇ ସନ୍ନ୍ୟାସିନୀ ଭଳି ଆକୃତି । ଆମ ଦୁହିଁଙ୍କର ପୂର୍ବ ଦୁଃଖଦ ଘଟଣାବଳୀକୁ ପାସୋରାଇ ଆଗକୁ ବଢ଼ାଇ ନେବାରେ ପ୍ରତୀକ୍ଷିତ ଥିବା ଭଳି ମନେହେଉଥିଲା । ପୂର୍ବବତ୍ ତା'ମୁହଁରେ ସେହି ସ୍ୱୀକୃତିର ସ୍ମିତହାସ୍ୟ ରେଖାଟିଏ ଲାଖି ରହିଥିଲେ ହେଁ ସେହି ମୁହୂର୍ତ୍ତରେ ଅନୁଭବକୁ ଗ୍ରହଣଯୋଗ୍ୟ ହେବା ଲାଗି ସାଧ୍ୟାତୀତ ଥିଲି । ସେହି ସମୟରେ ହିଁ ଅନ୍ଧକାର ହଟିଯାଇଥିଲା । ତା'ର ଆବଶ୍ୟକୀୟ ଇଚ୍ଛା ମୋର ଅନୁଭୂତିସମ୍ପନ୍ନ ହୃଦୟ ଭିତରେ ପ୍ରବେଶ କରିଛି କି ନାହିଁ ନିଜକୁ ନିଜେ ପଚାରୁଥିଲି । ବେଦନାସିକ୍ତ

ମାଟିର ବିଚାରାଳୟରେ କିଛି ବି ଆଇନକାନୁନ୍ ନ ଥାଏ । ସମୟ ଯେତିକି ଗଡ଼ିଚାଲିଥିଲା, ସେ ସେତିକି ବିଷାଦଗ୍ରସ୍ତ ହୋଇ ଉଠୁଥିଲା । ତା' ପ୍ରତି ମୋର ବକ୍ତବ୍ୟକୁ ନିଜ ଭିତରେ ହିଁ ଶୁଣିବାକୁ ପାଉଥିଲି । କିଛି ଘଟଣା ମୋତେ ଅତୀତ ଆଡ଼କୁ ଟାଣି ନେଉଥିଲା । ମୁଁ ଅନୁତାପ କରିନେଲି ଯେ, ପ୍ରତ୍ୟେକ ଆଲୁଅ, ପ୍ରତ୍ୟେକ ସୂର୍ଯ୍ୟ, ଛୋଟ ବଡ଼ ସମସ୍ତ ପଦାର୍ଥ ତା' ଆଖି ଭିତରେ ବିଦୀର୍ଣ୍ଣ ହେବାକୁ ଆରମ୍ଭ କରିଥିଲା । ଆପେ ଆପେ ମୋର ହାତ ଦୁଇଟି ତାକୁ ଆବେଷ୍ଟନ କରି ନେବାକୁ ପ୍ରସାରି ଗଲା । ତା'ର ମୁହଁଟି ଥିଲା ଦୁଇଟି ହାତ ଶୂନ୍ୟ ଏକ ଘଣ୍ଟାର ଫଳକ ଭଳି। ତା'ର ସେ ସମୟର କଥାଗୁଡ଼ିକୁ ନେଇ ମୋ ମନରେ ଅନେକ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଅତୀତ ଏବଂ ଭବିଷ୍ୟତ କେଉଁଟିକୁ ତା'ର କଥାଗୁଡ଼ିକ ଜୟ କରିପାରିବ କିମ୍ବା ବର୍ତ୍ତମାନକୁ ସୁହାଇବା ଭଳି ହେବ ଭାବନାର ଘୂର୍ଣ୍ଣି ଭିତରେ ପଡ଼ି ଦୋଳାୟମାନ ହେବାକୁ ଲାଗିଲି ।

ଦୁଇମାସ ଗତ ହେଲାପରେ ଘର ଭିତରକୁ ତା'ର ଆସିବାର ପଦଧ୍ୱନିକୁ ଯେପରି ଲକ୍ଷ୍ୟ କରିନେଲି ପ୍ରକୋଷ୍ଠରୁ ପ୍ରକୋଷ୍ଠ ଡେଇଁ ତା'ର ଗୋଡ଼ ଘୋଷଡ଼ା ଶବ୍ଦ ଶୁଣାଯାଉଥିଲା । ଲଜ୍ଜାଶୀଳା ଠାଣିରେ ସେ ଝିଅଟି ସେଠାରେ ଉପସ୍ଥିତ ଥିଲା । କେଇବର୍ଷ ତଳେ ମୁଁ ସେ ଝିଅଟିକୁ ଭେଟିଥିବା ସମୟର ସ୍ମୃତିଚାରଣ ମୋ ମନ ଭିତରେ ଉଙ୍କି ମାରୁଥିଲା। ଅନେକ ସମୟରେ ଦର୍ପଣ ସାମ୍ନାରେ ଠିଆହୋଇ ନିଜର କେଶବିନ୍ୟାସ କରୁଥିବାବେଳେ ମୁଁ ଯେ ତାକୁ କିପରି ଭାବେ ଭେଟିଥିଲି, ତାହା ମୋ ମନମୁକୁରରେ ନାଚି ଉଠୁଥିଲା । ନିଜର ଈପ୍‌ସିତ ବସ୍ତୁକୁ ଧରି ରଖିବାର ସ୍ୱପ୍ନରେ ପହଞ୍ଚିବା ଲାଗି ନିଜର ପ୍ରତିକୃତିକୁ ଦୀର୍ଘ ଏବଂ ସ୍ୱାଭାବିକ ପ୍ଲାବନଶୀଳ ଭଙ୍ଗୀରେ ମୁହଁଟିକୁ ଠାଣିଯୁକ୍ତ କରିନେଇଥିଲେ ହେଁ ଏକ ଅପ୍ରୀତିକର ବିଷଣ୍ଣତା ତା'ର ସେ ସ୍ୱପ୍ନମଖା ଇଚ୍ଛାନ୍ୱେଷୀ ମୁଣ୍ଡଳକୁ ଦୂରେଇ ରଖିଥିଲା । ଠିକ୍ ସେତିକିବେଳେ କିଛି ଲୋକକୁହା କଥା ମୋର ହଠାତ୍ ମନେପଡ଼ିଲା । ''ଆଖି କିଛି ଦେଖି ନ ପାରିଲେ ବି ହୃଦୟ ସବୁକିଛି ଦେଖିପାରେ । ସେଇ କେବଳ ଗୋଟିଏ ରାତି ଆମେ ଦୁହେଁ ଯେପରି ଶଯ୍ୟାକୁ ଯିବାପାଇଁ ପ୍ରସ୍ତୁତ ଥିଲୁ । ହେଲେ ସେ ଘଟଣାର ମୋଡ଼ ବଦଳିଗଲା ।

ବର୍ତ୍ତମାନ ଆମେ ଡାକ୍ତରଙ୍କୁ ଧାରାବାହିକ ଭାବେ ଦେଖାଇବା ବନ୍ଦ କରିଦେଇଥିଲେ ହେଁ, ଔଷଧ ନିରବଚ୍ଛିନ୍ନ ଥିଲା ଏବଂ ମୋ ଲାଗିହେଉ କି ତା'ର ଆଖିର ରକ୍ଷା ପାଇଁ ହେଉ ସବୁକିଛି କରିନେବାଟା ସହଜଲଭ୍ୟ ଭାବେ ଧରିନେଇ ନିଜକୁ ନିଜେ ସାନ୍ତ୍ୱନା ଦେଉଥିଲି । ସମୟକ୍ରମେ ମୋ ପାଇଁ ଏହା ଏକ କାର୍ଯ୍ୟସୂଚୀର ଧାରା ହୋଇଯାଇଥିଲା। ବାସ୍ତବରେ ତା'ର ଶଯ୍ୟାଶାୟୀ ଅବସ୍ଥାକୁ ହୃଦୟଙ୍ଗମ କରିସାରିବା ପରେ ଜୀବନରେ କିଛିଟା ଅଭିପ୍ରାୟକୁ ଧରି ରଖିବାର ପ୍ରୟାସରେ ଅବତୀର୍ଣ୍ଣ ହେବାଲାଗି ତାକୁ ସାହାଯ୍ୟ କରିବାକୁ ଆରମ୍ଭ କଲି । ଏ ସାହାଯ୍ୟ ମନୋବୃତ୍ତି ଥିଲା ମୋର ବିଜୟସୂଚକ ଶୁଭ କାମନାର ଉକ୍ତି । ହୁଏତ ତା'ର ମୃତ୍ୟୁକାଳୀନ ଚକ୍ଷୁ ଦେଇ ମୁଁ ତାକୁ ଦେଖାଯାଇପାରେ, ଯେପରିକି ତା'ର ଆରାଧ୍ୟ ତଥା ଲୋକର ଆତ୍ମାକୁ ପାଇବା ପାଇଁ ଏବଂ ବର୍ତ୍ତମାନ ଦୁଃଖର ଅତିବାହିତ ଭିତରେ ଉଦ୍‌ବିଗ୍ନ ଅବସ୍ଥାର ଶକ୍ତିକୁ ଆଗାମୀ ହଜାର ବର୍ଷ ଯାଏ ସେ ପୁରରେ ଥାଇ ମଧ୍ୟ ମୁଁ ସେ ଆତ୍ମାଲୋକକୁ ଉପଲବ୍ଧି କରିପାରୁଥିବି ।

ତା'ର ଆଖିଯୋଡ଼ିକ ପୂର୍ବରୁ ଜ୍ଞାତ ଥିବା ସମସ୍ତ ଘଟଣାବଳୀକୁ ଧରି ରଖିଥିଲା । ମୁଁ ତା'ର ହାତକୁ ସ୍ପର୍ଶ କଲାକ୍ଷଣି ଏକ କପୋତର ଡେଣାଭଳି କିଛିଟା ନୂତନ ଉଷ୍ମ ଏବଂ କୋମଳ ଅନୁଭବ କରିଥିବା କଥା ସେ କହିଉଠିଲା । ଏ ଭିତରେ ତିନିମାସରୁ ଅଧିକ କଟିଗଲା ପରେ ମୋର ଅଲକ୍ଷ୍ୟରେ କେତେବେଳେ ଯେ ନଭେମ୍ବର ଆସିଯାଇଥିଲା ଏବଂ ତାକୁ ପୁଲକିତ ଥିବା ଲକ୍ଷ୍ୟ କଲି । ସେ ଯେ ଦେଖିବାରେ ସକ୍ଷମ ନ ଥିଲା । ମୁଁ ପୂରାପୂରି ଭାବେ ବୁଝିନେଇଥିଲି । ସତର୍କତାର ସହ ତା'ପାଖରେ ପହଞ୍ଚି ପୁନର୍ବାର ତା' ହାତକୁ ଧରିନେଲି । ସେ ହସିଲା । ତାକୁ ଲକ୍ଷ୍ୟ କରି ଜାଣିନେଲି ଯେ, କିଛି ବି ପରିବର୍ତ୍ତିତଭାବ ତା'ଠାରେ ନ ଥିଲା ମୋତେ ଆଶ୍ଚର୍ଯ୍ୟ ଲାଗିଲା । ସତରେ କ'ଣ ସେ ଦେଖିପାରିବ ନାହିଁ । ଏ ପୃଥିବୀ କ'ଣ ତା' ନିଜର ସୃଷ୍ଟ ନୁହେଁ । ପ୍ରଶାନ୍ତି ଭାବତାର ଅବୟବକୁ ଆକର୍ଷିତ କରି ରଖିଥିବା ଦୃଶ୍ୟ ମୋତେ ମନେହେଲା । ଦିନ ପରେ ଦିନ ସେ ଯେପରି ଶୂନ୍ୟ ମଧ୍ୟରାତ୍ରିର ଏକ ବେଗମାନ ଯାନରେ ଗଡ଼ିବାକୁ ଯାଉଛି । ମୁଁ ତା'ର ନିଃସଙ୍ଗତାକୁ ଧୀରେ ଧୀରେ ଆପଣେଇ ନେବାଲାଗି ମନରେ କଳ୍ପନାର ରୂପରେଖଟିଏ ଟାଣି ନେଇଥିଲି । ତା' ଚାରିପାଖରେ ଭାସିବୁଲୁଥିବା ସୁଗନ୍ଧକୁ ଭଲପାଇବି, ହେଲେ ମୁଁ ଜାଣିପାରୁ ନ ଥିଲି ଯେ, ଅସୀମ ଅନ୍ଧକାରର ଯେ ଆଶା ଏବଂ ଅବସାନ ଥାଏ । ତାକୁ ଦେଖି ନେବାପରେ ଏକ ପଡ଼ୋଶୀଙ୍କର କ୍ରନ୍ଦନ ଶୁଭିଲା ଭଳି ବୋଧକଲି । ସେ ସ୍ଥାନ ଏପରି ଥିଲା ଯେ, ଯେଉଁଠିକି ସମୟଟା ଅବିଚଳିତ ରୂପରେ ଠିଆହୋଇ ଯାଉଥିଲା ଏବଂ ମୁହୂର୍ତ୍ତଗୁଡ଼ାକ ଦୁଃଖର ଦିଗ୍‌ବଳୟରେ ହ୍ରାସ ହୋଇଯାଉଥିଲେ । ଇଚ୍ଛାର ଏକ ମୃଦୁ ଉଦ୍ଦୀପନାର ପ୍ଲାବନ ଅନୁଭବ କଲି । ତାକୁ ଚନ୍ଦ୍ରାଲୋକରେ ଧରି ନେବାବେଳେ ସେ ବାଧା ଦେଇ ନ ଥିଲା, ମୁଁ କିଞ୍ଚିତ ରୁକ୍ଷ ମନୋଭାବ ପୋଷଣ କରି ତାକୁ କହିବାକୁ ଆରମ୍ଭ କଲି । ''ତୁମେ କାହିଁକି ଏପରି ଭାବନା ଭିତରେ ବୁଡ଼ିରହି ତୁମ ଜୀବନଟାକୁ ଶେଷ କରିଦେବାକୁ ଚାହୁଁଛ ?'' ମୁଁ ବୁଝିପାରିଥିଲି ଯେ, ସେ ପୁନର୍ବାର ଦେଖିବା ପାଇଁ ସକ୍ଷମ ହୋଇପାରିବ ନାହିଁ । ତା' ମୁହଁରେ ସେ ସ୍ମିତ ହାସ୍ୟରେଖା । ପୂର୍ବଭଳି ଲାଖି ରହିଥିଲା । ସେ ହସକୁ ମୁଁ ମନଭରି ଉପଭୋଗ କରିନେଲି । ହେଲେ ତା'ର ଗଣ୍ଡଦେଶ ଦେଇ ବହିଯାଉଥିବା ଅଶ୍ରୁଧାରକୁ, ଯାହାକି ମୁକ୍ତ ପରି ଝଟକୁ ଥିଲା, ତାକୁ ଛୁଇଁବାଲାଗି ମୁଁ ଯେ ଚିର ଅସମର୍ଥ ମନେ ମନେ ହୃଦୟଙ୍ଗମ କରିଥିଲି । – *ମୁକୁନ୍ଦପୁର, ଆସ୍କା, ଗଞ୍ଜାମ*

# ସୁଖର ଅଧିକାର

ମୂଳ ହିନ୍ଦୀ ■ **ରୀତା କୁମାରୀ**
ଭାଷାନ୍ତର ■ **ଅର୍ଚ୍ଚନା କୁମାରୀ ପାଢ଼ୀ**

ଧୀରେ ଧୀରେ ପଦଚାଳନା କରି ସୁଭଦ୍ରା ଆଶ୍ରମର କିଛିଦୂର ଯାଇ ଫେରିଆସିଲା । ତା'ର ସେହି ଚିରପରିଚିତ ଗଳିରେ ଗଲାବେଳେ ପାଦ ଦୁଇଟି ଆପେ ଆପେ ଅଚାନକ ଭାବେ ଏକ ବଡ଼ କୋଠି ସାମ୍ନାରେ ଅଟକିଗଲା । ଯେଉଁ କୋଠିଟି କେବେ ଦିନେ 'ଲାଲ୍ ପ୍ରାସାଦ' ନାମରେ ବିଖ୍ୟାତ ଥିଲା ଏବଂ କାଳକ୍ରମେ ସେଠାରେ ବସ୍ତିଟିଏ ଗଢ଼ି ଉଠିଥିଲା ।

ଆଜି ସେ ବସ୍ତିରେ ସୁଭଦ୍ରା ପାଦ ଦେବାକ୍ଷଣି କିଛିଟା ନୂତନତା ଅନୁଭବ କଲା; ହେଲେ ସେ ନୂତନତା ନ ଥିଲା ଖୁସିର । ଭଗ୍ନ ପ୍ରାସାଦ, ଅଧିକାଂଶ ଭାଗ ଭାଙ୍ଗି ଆଧୁନିକ ଢଙ୍ଗରେ ତିଆରି କରାଯାଇଛି । ଘରର ସାମ୍ନାରେ ଥିବା ମନ୍ଦିର ଆଖପାଖରେ ଥିବା ସବୁକିଛି ପ୍ରାୟ ପରିବର୍ତ୍ତନ ହୋଇଥିଲେ ହେଁ ମନ୍ଦିରଟି ପୂର୍ବପରି ଥିଲା । ଚାରିପାଖରେ ଜାଇ, ଯୂଇ ଫୁଲର ବାସ୍ନା ପବନରେ ସଞ୍ଚରି ଯାଉଥିଲା । ଆଜି ସେ ନିଜ ଘର ସାମ୍ନାରେ ବସି ରହିଛି । ଦିନେ କିନ୍ତୁ ଘରର ଅଗଣା ହିଁ ତା'ର ଆଶ୍ରୟସ୍ଥଳୀ ଥିଲା । ଭାବି ବସିଲେ ଭାରି ଦୁଃଖ ଲାଗେ । ମା' ଉତ୍ସର୍ଗୀକୃତ ସ୍ନେହ ମମତାର ଡୋରିରେ ବାନ୍ଧି ରଖିଥିବାବେଳେ ବାପା ଦୁର୍‌ଦୁର୍ କରୁଥିଲେ । କାରଣ ତାଙ୍କ ପାଖରେ ଝିଅର ମୂଲ୍ୟ କିଛି ନ ଥିଲା । କେବଳ ପୁଅଟିଏ ପାଇଁ ବାପା ହିସାବରେ ନିଜର ପିତୃତ୍ୱ ପ୍ରତି ଗୌରବାନ୍ୱିତ ଥିଲେ । ସେତେବେଳେ ତାକୁ ଚଉଦ ବର୍ଷ ହୋଇଥିଲା । ମା' ଯକ୍ଷ୍ମାଜନିତ ଦୁରାରୋଗ୍ୟରେ ଆକ୍ରାନ୍ତ, ବାପାଙ୍କ କଡ଼ା ଇସାରାରେ ତାକୁ ମା'ପାଖରୁ ଦୂରେଇ ରଖାଯାଉଥିଲା । ମା' ଏକାକୀ ରହୁଥିବାବେଳେ ଜଣେ ବୁଢ଼ୀ ଚାକରାଣୀ ଦେଖାଶୁଣା କରୁଥିଲା । ବାପା ଘରେ ନ ଥିବା ସମୟରେ ସେ ଲୁଚି ଲୁଚି ମା'ଙ୍କୁ ଦେଖା କରିବାକୁ ଯାଉଥିଲା । ମା'ଙ୍କ ମନ ସ୍ନେହ ମମତାରେ ଭରି ଯାଉଥିଲେ ମଧ୍ୟ ପରକ୍ଷଣରେ ମନରେ ବିଷାଦର ଛାୟା ଘୋଟିଯାଉଥିଲା । କାଳେ ତାଙ୍କର ରୋଗ ସୁଭଦ୍ରାକୁ ଡେଇଁ ଆକ୍ରାନ୍ତ କରିବ । ମା'ଙ୍କ ରୋଗିଣା ଶରୀର ଓ ଶୁଖିଲା ମୁହଁକୁ ଦେଖି ସୁଭଦ୍ରା ଚିନ୍ତାରେ ପଡୁଥିଲା । ସେ ସମୟରେ ଯକ୍ଷ୍ମା ନିରାକରଣ ନିମନ୍ତେ ଔଷଧପତ୍ରର ସୁବ୍ୟବସ୍ଥା ଥିଲେ ମଧ୍ୟ ବାପା ସେଥିପ୍ରତି ଖୁବ୍ ଅବହେଳା କରୁଥିଲେ । ରୋଗ ସାଙ୍ଗକୁ ସ୍ୱାମୀଙ୍କର ହତାଦର ମା'ଙ୍କ ମନୋବଳକୁ ପୂରାପୂରି ଭାବେ ଦୁର୍ବଳ କରିଦେଇଥିଲା । ପ୍ରେମ, ବିଶ୍ୱାସ, ସାହାରାବିନା ନିଜ ରୋଗ ସହିତ ସେ ବେଶିଦିନ ସଂଘର୍ଷ କରି ନ ପାରି ଶେଷରେ ସେ ମୃତ୍ୟୁବରଣ କଲା । ବାପା ମୁକ୍ତ ହୋଇଗଲେ; ହେଲେ ଆଜି ମଧ୍ୟ ତା'ର ହୃଦୟ ଫାଟିଯାଉଛି । ମା'ଙ୍କ ମୃତ୍ୟୁପରେ ସୁଭଦ୍ରା ପନ୍ଦର ବର୍ଷ ବୟସରେ ବାହାହୋଇଯାଇଥିଲା, ତା'ପରେ ବାପା ମଧ୍ୟ ନିଜେ ଦ୍ୱିତୀୟ ବିବାହ କଲେ । ପ୍ରଥମ ଥର ଯେତେବେଳେ ସୁଭଦ୍ରା ବାପଘରକୁ ଆସିଲା, ସବୁ କିଛି ବଦଳିଯାଇଥିଲା । ନୂଆ ମା' ଘରକୁ ଆସିବାପରେ ଘରଟି ତାକୁ ପରଘର ଭଳି ମନେହେଉଥିଲା । ପରପର ବାପଘରକୁ ଯିବା ଆସିବା ଥିଲା । ହେଲେ ନୂଆ ମା' କୋଳରେ ପୁଅଟିଏ ହେବାପରେ ସବୁକିଛି ଓଲଟପାଲଟ ହୋଇଗଲା । ବାପା ନିଜ ବଂଶଧରକୁ ନେଇ ଏତେବ୍ୟସ୍ତ ହୋଇଗଲେ ଯେ, ନିଜ ଝିଅ କଥା ଭୁଲିଗଲେ । ଏ ନିମନ୍ତେ ସୁଭଦ୍ରାର ମନରେ ତିଳେମାତ୍ର ଦୁଃଖ ନ ଥିଲା । ବାପାଙ୍କ ସ୍ୱପ୍ନ ସାକାର ହେଲା । ସେ ଖୋଜୁଥିବା ବଂଶଧରଟିଏ ପ୍ରାପ୍ତ ହେଲା। ସୁଭଦ୍ରାର ଖୁସି କହିଲେ ନ ସରେ । ହେଲେ ବାପାଙ୍କର ଖୁସି ବେଶିଦିନ ରହିଲା ନାହିଁ । ସେ ହୃଦ୍‌ରୋଗରେ ମୃତ୍ୟୁବରଣ କଲେ ।

ଶାଶୂଘରେ ସୁଖସୁବିଧା ଥିଲେ ମଧ୍ୟ ନିଜ ଉପରେ ସବୁ ଦାୟିତ୍ୱର ବୋଝକୁ ବୋହି ନେଇ ସୁଭଦ୍ରା ଚଲୁଥିଲା । ସ୍ୱାଧୀନତା ବୋଲି ତା'ର କିଛି ବି ନ ଥିଲା । ସ୍ୱାମୀ ଭାନୁପ୍ରତାପଙ୍କ ଠାରୁ କୌଣସି ସମ୍ବେଦନଶୀଳତା ସେ ପାଇ ପାରୁ ନ ଥିଲା । କେବଳ ଘରର ବୋଝ ସମ୍ଭାଳି ନେବାପାଇଁ ବୋଧହୁଏ ସେ କେବଳ ସୁଭଦ୍ରାକୁ ବାହା ହୋଇଥିଲେ । ସୁଭଦ୍ରା ନିଜର ସ୍ୱାମୀକୁ ତାଙ୍କର କର୍ମକ୍ଷେତ୍ର ପାଟନାକୁ ନେଇଯିବା ପାଇଁ ବହୁବାର ଅନୁରୋଧ କରିଥିଲେ ମଧ୍ୟ ନିଷ୍ଫଳ ହୋଇଥିଲା । ପାଟନାରେ ଭାନୁପ୍ରତାପଙ୍କ ଏକ ଅଲଗା ଦୁନିଆ ଥିଲା । ସମବୟସ୍କା ଝିଅ କେଇଟାଙ୍କ ସହିତ ଖରାପ ସମ୍ପର୍କ ଥିଲା । ସବୁ ଜାଣିଶୁଣି ମଧ୍ୟ ସୁଭଦ୍ରା ନୀରବ ରହୁଥିଲା । ଥରେ ଅଧେ ବିରୋଧ କରି ଭାନୁପ୍ରତାପଙ୍କ ଆକ୍ରୋଶର ଶିକାର ହୋଇଥିଲା । ମା' ଘରକୁ ପଠାଇଦେବାପାଇଁ ଧମକ ମିଳିଥିଲା । ସୁଭଦ୍ରା ପରିସ୍ଥିତିକୁ ନେଇ ଚୁପ୍ ରହିଯାଉଥିଲା । ନୀରବ ରହିବା ହିଁ ତା' ପକ୍ଷରେ ଶ୍ରେୟ ଥିଲା । ସୁଭଦ୍ରାକୁ ଅଠର ବର୍ଷ ହୋଇଥିଲାବେଳେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲା । ନକୁଳକୁ ଜନ୍ମ ଦେବାପରେ ତା'ର ସବୁ କିଛି କଷ୍ଟ ଲାଘବ ହୋଇଯିବ ଭାବି ଉଲ୍ଲସିତ ହୋଇଉଠୁଥିଲା । ସେ କେବଳ ନକୁଳର ମା' ଥିଲା । ପୁଅ ବିଷୟରେ ସବୁକିଛି ନିଷ୍ପତ୍ତି ନେବା ତା'ର

ଜେଜେ, ଜେଜେମା'ଙ୍କର ହିଁ ଅଧିକାର ଥିଲା । ଛୋଟ ବୟସରୁ ହିଁ ନକୁଳକୁ ତା'ଠାରୁ ଅଲଗା କରି ଦିଆଯାଇ ହଷ୍ଟେଲରେ ରଖାଯାଇଥିଲା । ସେ ଭଲ ପାଠପଢ଼ି ଦିନେ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିଲା; ହେଲେ କ'ଣ ହେବ ଭାନୁପ୍ରତାପ ଭଳି ନକୁଳ ମନରେ ମଧ୍ୟ ଗର୍ବ ଅହଙ୍କାର ଭରି ରହିଥିଲା । ସୁଭଦ୍ରା ଚାହୁଁଥିଲା ତା' ପୁଅ ଶାନ୍ତଶିଷ୍ଟ ସ୍ୱଭାବର ହେଉ । ବହୁତ ଚେଷ୍ଟା କରି ମଧ୍ୟ ସେ ନକୁଳର ସ୍ୱଭାବକୁ ବଦଳାଇପାରି ନ ଥିଲା ।

ଦେଖୁ ଦେଖୁ ସୁଭଦ୍ରାକୁ ପଚାଶ ବର୍ଷ ହୋଇଗଲା । କିନ୍ତୁ ତା' ଜୀବନର ସମୟ ବଦଳି ନଥିଲା । ଘର ପ୍ରତି ତା'ର କର୍ତ୍ତବ୍ୟକୁ ପୂର୍ବଭଳି ବଜାୟ ରଖିଥିଲା । ନକୁଳ ବାହା ହୋଇଗଲା । ବୋହୂ ସୁନନ୍ଦା ରୂପଗୁଣରେ କମ୍ ନ ଥିଲା । ସମୟ ପୁଣିଥରେ ବଦଳିଗଲା । ଶାଶୂ ଶ୍ୱଶୁର ଦୁଇଜଣଙ୍କ ମୃତ୍ୟୁପରେ ସ୍ୱାମୀ ଭାନୁପ୍ରତାପ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କଲେ । ସୁଭଦ୍ରା ଏକାଟିଆ ହୋଇଗଲା । ବୋହୂ ସୁନନ୍ଦା ତା'ର ସାହାଯ୍ୟକାରୀ ହେଲା । ଶଶୁରଙ୍କ ଫ୍ୟାମିଲି ପେନ୍ସନ୍‌କୁ ଶାଶୂଙ୍କ ଜମାଖାତାକୁ ରଖି ସାଥିରେ ସୁଭଦ୍ରାକୁ ନେଇ ଦିଲ୍ଲୀ ଚାଲିଗଲା । ଏଣିକି ପୁଅ-ବୋହୂ ଅଧୀନରେ ସୁଭଦ୍ରା ରହିଲା । ପୁଅ ଗର୍ଭଧାରିଣୀ ମା' ପ୍ରତି ଟିକିଏ ବି ଧ୍ୟାନ ଦେଉ ନଥିଲା । ସୁଭଦ୍ରା ଭାବୁଥିଲା ଜୀବନଟା ଗୋଟିଏ ଲମ୍ବା ରାସ୍ତା । ସେ ଲମ୍ବା ରାସ୍ତାରେ ଚାଲୁ ଚାଲୁ କେତେବେଳେ କେଉଁ ଘଟଣା ଦୁର୍ଘଟଣାର ସମ୍ମୁଖୀନ ହେବାକୁ ହୋଇଥାଏ । ସୁଖର ସ୍ୱପ୍ନରେ ବିଭୋର ମଣିଷଟା ବେଳେବେଳେ ଦୁଃଖରେ ଭାଙ୍ଗିପଡ଼େ । ସୁଭଦ୍ରାର ସ୍ୱପ୍ନ ତ ପ୍ରଥମରୁ ଭାଙ୍ଗିଯାଇଥିଲା । ଏବେ ବଞ୍ଚିଥିବା ଜୀବନଟା ମଧ୍ୟ ସୁଖଦୁଃଖରେ ସମଭାଗୀ ହୋଇଗଲା । ପୁଣି ନକୁଳ ଆସି ତା'ର ଚାକିରି କାନାଡ଼ାରେ ହୋଇଥିବା କଥା ଜଣାଇଲା । ସୁଭଦ୍ରାକୁ ନିଜ ଗାଁ'କୁ ପଠାଇବା ବ୍ୟବସ୍ଥା କରି ସୁନନ୍ଦାକୁ ନେଇ କର୍ମକ୍ଷେତ୍ର ଥିବା ସ୍ଥାନକୁ ଚାଲିଗଲା । ସୁଭଦ୍ରା ଭାବିଚାଲିଥିଲା, ଜୀବନଟା ଗୋଟିଏ ଲମ୍ବା ରାସ୍ତା । ଘଟଣ-ବିଘଟଣ, ସୁଖ-ଦୁଃଖକୁ ନେଇ ଏ ମଣିଷଟା ସେ ରାସ୍ତାରେ ଚାଲିବାକୁ ହୁଏ । ଜୀବନରେ ସବୁଠାରୁ ବଡ଼ ଅଭିଳାଷ ହେଉଛି ସୁଖ । ସେ ଅଭିଳାଷର ଲୋଭରେ ମଣିଷ ସବୁବେଳେ ଆସକ୍ତ ଥାଏ । ହେଲେ ସେ ସୁଖଟା ତ ସମସ୍ତଙ୍କ ଭାଗ୍ୟରେ ନ ଥାଏ । ପୁଅ ସ୍ତ୍ରୀକୁ ନେଇ ଚାଲିଗଲା ପରେ ସୁଭଦ୍ରାର ଆର୍ଥିକ ଅବସ୍ଥାରେ କିଛିଟା ଅସୁବିଧା ନ ଥିଲେ ସୁଦ୍ଧା ବହୁବର୍ଷ ଧରି ପିଞ୍ଜରାବଦ୍ଧ ପକ୍ଷୀଟିଏ ମୁକ୍ତି ପାଇଲା ପରେ ଉଡ଼ିବାର ଶକ୍ତି ହରାଇଥିବା ଭଳି ସେ ଅନୁଭବ କରୁଥିଲା । ରାଞ୍ଚି ଫେରିଆସିବା ପରେ ସେ ନିଜ ସଞ୍ଚିତ ଅର୍ଥକୁ ବିନିଯୋଗ କରି ବୃଦ୍ଧାଶ୍ରମଟିଏ ଖୋଲିଲା । ଯେଉଁଠିକି ତା'ଭଳି ପୁଅବୋହୂଙ୍କଠାରୁ ବହିଷ୍କୃତ ହୋଇଥିବା ଲୋକମାନଙ୍କୁ ସେ ଆଣି ରଖିଥିଲା ।

ବୋହୂ ସୁନନ୍ଦା ଫୋନ୍ ଦ୍ୱାରା ଯୋଗାଯୋଗ ରଖୁଥିଲେ ମଧ୍ୟ ସେଥିରେ ଆନ୍ତରିକତା ନ ଥିଲା । ଶାଶୂ ସୁଭଦ୍ରାକୁ ନିଜ ପାଖକୁ ନେଇଯିବା ପାଇଁ ସୁନନ୍ଦା ଥରେ ଅଧେ ଯଦିଓ କହିଥିଲା । କିନ୍ତୁ ସୁଭଦ୍ରା ତ ଆଜି ଆଗଭଳି ଅସହାୟ ହୋଇନାହିଁ । ସୁନନ୍ଦାର ସେ କଥାଟିକୁ ସେ କେବଳ ଭାବୁଥିଲା । ''ମୁଁ ସବୁବେଳେ ତମ ପାଖରେ ଅଛି ।'' ହୁଏତ ପରୋକ୍ଷରେ ଏହା ତାକୁ ବଳ ଦେଉଥିଲା । ବୃଦ୍ଧାଶ୍ରମର ଉଦ୍‌ଘାଟନ କରିବା ନିମନ୍ତେ ଯାଇ ବାପଘର ପର୍ଯ୍ୟନ୍ତ ସେ ଚାଲିଆସିଥିଲା । ପୁରୁଣାଦିନର କଥା ସବୁ ମନେପଡ଼ି ତା'ର ହୃଦୟ କ୍ଷତାକ୍ତ ହୋଇଯାଇଥିଲା । ଶେଷଥର ପାଇଁ ନିଜ ଘରର କାନ୍ଥ ସବୁ ଦେଖିନେଲା, ଆଉ ଭାବିଲା ଯେ, ସେହି ପ୍ରାସାଦକୁ ଯାଇ କ'ଣ କରିବ, ଯେଉଁଠି ତାକୁ କେହି ବି ମନେ ରଖି ନ ଥିବେ ।

*- ମୁକୁନ୍ଦପୁର, ଆସ୍କା, ଗଞ୍ଜାମ*

# ନିରିମାଖୀ ଝିଅ ନିରୁପମା

■ ଶ୍ୟାମସୁନ୍ଦର ବେହେରା

ପୃଥିବୀର ଗତି ବଡ଼ ବିଚିତ୍ର । ଏଇ ବୈଚିତ୍ର୍ୟମୟ ପୃଥିବୀରେ କେତେ ଜନ୍ମ, ମୃତ୍ୟୁ, ଘଟଣା, ଦୁର୍ଘଟଣା, ଆଲୋକ, ଅନ୍ଧାର ସଂଘଟିତ ହୋଇଥାଏ ତା'ର ହିସାବ ରଖୁଛି ବା କିଏ ? କିନ୍ତୁ ବେଳେବେଳେ ମନେହୁଏ ପୃଥିବୀରେ ଯାହାକିଛି ଘଟୁଛି ତାହା କେବଳ ଯେ ଏ ମାନବ ଜାଣିଶୁଣି କରୁଛି ତା' ନୁହେଁ ବରଂ ସର୍ବଶକ୍ତିମାନ, ସର୍ବବ୍ୟାପୀ ସେଇ ଈଶ୍ୱର ହିଁ ସଂପୂର୍ଣ୍ଣଦାୟୀ । ମଣିଷ ନିମିତ୍ତ ମାତ୍ର । ଈଶ୍ୱରଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠତ୍ୱର ସମ୍ମାନ ପାଇଛି । ହେଲେ ସେଇ ଈଶ୍ୱର କାହିଁକି କେଜାଣି ବେଳେବେଳେ ଏତେ ନିର୍ଦ୍ଦୟ ଓ ନିଷ୍ଠୁର ହୋଇପଡ଼ନ୍ତି, ସେ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେ କାହାକୁ ଜୀବନସାରା ହସାନ୍ତି ତ ପୁଣି କାହାକୁ ଜୀବନସାରା କନ୍ଦେଇ କନ୍ଦେଇ ମାରନ୍ତି ।

ଏଇ ଅଳ୍ପଦୂରରେ ଦେଖାଯାଉଥିବା ଦୂର ତାଳବଣ । ତା'ରି ପାଖରେ ପାହାଡ଼ ଭଳି ଠିଆ ହୋଇଥିବା ଗାଁ'ଟିର ନାମ ମୋହିନୀପୁର । ସେଇ ଗାଁ'ର ପାଣି ପବନରେ, ଏକ ଦରିଦ୍ର ପରିବାରରେ ଜନ୍ମ ନେଇଥିଲା ନିରୁପମା । ପିତା ଦେବୀପ୍ରସାଦ ଓ ମାତା ଭାନୁମତୀଙ୍କର ଏକମାତ୍ର ଅଲିଅଳି କନ୍ୟା ସେ । ଦେଖିବାକୁ ଭାରି ସୁନ୍ଦର । ଗୋଟିଏ ଚାଉଳରେ ଗଢ଼ା । ପିତା ଦେବୀପ୍ରସାଦଙ୍କର କିଛି ରୋଜଗାର ପନ୍ଥା ନ ଥାଏ । ସ୍ୱଳ୍ପ ଚାଷଜମିରୁ ଯାହା ଫସଲ ମିଳେ ତା'ରି ଉପରେ ନିର୍ଭର କରି ଦୁଃଖେ କଷ୍ଟେ ଚଳିଯା'ନ୍ତି । ନିରୁପମାକୁ ଖୁବ୍ ସ୍ନେହ ଓ ଆଦର କରନ୍ତି । ନିରୁପମାର ବୟସ ବଢ଼ିଚାଲେ । ସ୍କୁଲରେ ତା'ର ଶିକ୍ଷା ଆରମ୍ଭ ହୁଏ । ନିରୁପମା ସାଙ୍ଗସାଥୀମାନଙ୍କ ସହ ଖେଳେ, ହସେ, ସ୍କୁଲରେ ପଢ଼ିବାକୁ ଯାଏ ।

ସ୍କୁଲରେ ନିରୁପମାର ସାଥିମାନେ ବିଭିନ୍ନ ଡିଜାଇନ୍‌ର ରଙ୍ଗବେରଙ୍ଗ ଡ୍ରେସ୍ ପିନ୍ଧି ଆସନ୍ତି । ଖେଳଛୁଟି (ରିସେସ୍) ରେ ସେମାନେ ସ୍କୁଲ ପାଖ ଦୋକାନରେ ମନମଉଜ କରି ଟିଫିନ୍ ଖାଆନ୍ତି । କିନ୍ତୁ ନିରୁପମା ନିରୁପାୟ । ପଇସା ଆଣିବ କୋଉଠୁଁ । ସେ ପିତାମାତାଙ୍କର ଦାରିଦ୍ର୍ୟତା ହେତୁ କିଛି କହେନାହିଁ । ଖଣ୍ଡିଏ ଡ୍ରେସ୍‌କୁ ଧୋଇ ଶୁଖେଇ ପିନ୍ଧେ । ପାଖରେ ପଇସା ନ ଥିବାରୁ ସେ ମଧ୍ୟ ସାଥିମାନଙ୍କ ମେଳରେ ନ ଯିବା ପାଇଁ ବିଭିନ୍ନ ଆଳ ଦେଖାଇ ରହିଯାଏ । ପିତାମାତାଙ୍କ ଦରିଦ୍ର ଅବସ୍ଥା ଦେଖି ନିରୁପମା କାନ୍ଦି ପକାଏ ଏବଂ ଅଭିମାନରେ ଈଶ୍ୱରଙ୍କୁ କହେ, ହେ ଈଶ୍ୱର ତୁମେ କାହିଁକି ମତେ ଏ ଗରିବ ପରିବାରରେ ଜନ୍ମ ଦେଲ ? ଜନ୍ମ ନ ଦେଇଥିଲେ କ'ଣ ହୋଇ ନ ଥାନ୍ତା । ସବୁ ତ ତୁମରି ଇଚ୍ଛା ।

ଅନ୍ତରରେ ଅସୁମାରୀ କୋହ ଓ ଆଖିରେ ଆଖିଏ ଲୁହକୁ ଚାପିଧରି ବିଦ୍ୟା ଅଧ୍ୟୟନ କରେ ନିରୁପମା । ବାପା ଓ ମା'ଙ୍କ ପାଖରେ କୌଣସି ଜିନିଷ ପାଇଁ ଜିଦ୍ କିମ୍ବା ଜୁଲମ୍ କରେ ନାହିଁ । ସାଙ୍ଗପିଲାମାନଙ୍କଠାରୁ ବହିପତ୍ର ଦି'ଖଣ୍ଡ ମାଗିଆଣି ପଢ଼େ । ପଢ଼ିସାରି ପୁଣି ଫେରାଇ ଦିଏ । ସ୍କୁଲରେ ଶିକ୍ଷକମାନେ ନିରୁପମାର ଆର୍ଥିକ ପରିସ୍ଥିତି କଥା ଜାଣି, ନିରୁପମା ପ୍ରତି କେତେବେଳେ କେମିତି ଅନୁକମ୍ପା ଦେଖାନ୍ତି; ହେଲେ ନିରୁପମାର ପାରିବାରିକ ଆର୍ଥିକ ଅନଟନ ସତେଯେପରି ତା'ର ସୁନେଲି ସ୍ୱପ୍ନକୁ ଧୂଳିସାତ୍ କରିଦେଇଛି । ଘରେ ଭଲକରି ଦି'ଓଳି ଦି'ମୁଠା ଖାଇବାକୁ ମିଳେନାହିଁ । ସମୟେ ସମୟେ ଭୋକଉପାସରେ ସ୍କୁଲକୁ ପଢ଼ିବାକୁ ଯାଏ । ପଢ଼ିବାରେ ତା'ର ଭାରି ଶ୍ରଦ୍ଧା ଓ ଆଗ୍ରହ । ରାତିରେ ଡିବି ଆଲୁଅରେ ପଢ଼ି ନାକ ଓ କାନରେ କଳାର ଆସ୍ତରଣ ପଡ଼ିଯାଏ । ବିଜୁଳି ଆଲୋକ ତାଙ୍କ ଭାଗ୍ୟରେ ନାହିଁ । ସ୍କୁଲରେ ପୂଜାପାର୍ବଣ ସମୟରେ ନିରୁପମା ସେଇ ଖଣ୍ଡିଏ ସ୍କୁଲ୍ ଡ୍ରେସ୍‌କୁ ସଫାକରି ପିନ୍ଧି କରିଯାଏ । ବାପା-ମା' ନିରୁପମାର ଏଭଳି ପରିସ୍ଥିତି ଦେଖି ମନଦୁଃଖ କରନ୍ତି ଏବଂ କୁହନ୍ତି ନିରିମାଖୀଟା କପାଳରେ କେତେଦିନ ଦୁଃଖ ଅଛି ।

ରୂପ, ଗୁଣରେ ଦେଖିବାକୁ ସୁନ୍ଦର ହେଲେ ବି, ନିରୁପମା ପରିବାରର ଦାରିଦ୍ର୍ୟତା ହେତୁ ନିଜର ଉପମା ହରାଇବସିଛି । ସେ ଆଜି ପାଲଟିଛି ନିରିମାଖୀ । ସ୍କୁଲର ଶିକ୍ଷା ସମାପ୍ତି ପରେ ସାଥିଝିଅମାନେ କଲେଜରେ ନାମ ଲେଖାଇଲେ, ପଢ଼ିଲେ; କିନ୍ତୁ ନିରିମାଖୀ ନିରୁପମା କଲେଜରେ ପଢ଼ିବାର ସୌଭାଗ୍ୟ ପାଇବ କାହୁଁ ? କଲେଜରେ ପଢ଼ିବା ପାଇଁ ମୋଟା ଅଙ୍କର ଅର୍ଥ ଦରକାର । ତେଣୁ ନିରୁପମା କଲେଜ ପାଠପଢ଼ାରୁ ବଞ୍ଚିତ ହୋଇ ରହିଲା । ପିତାମାତା ମଧ୍ୟ ନିରୁପାୟ । ପଢ଼ାଇବା ପାଇଁ ଏତେ ଟଙ୍କା ଆଣିବେ କୋଉଠୁଁ ।

ନିରୁପମା ଭାବିଲା ଗରିବ ଘରେ ଜନ୍ମନେବା ହୁଏତ ଗୋଟିଏ ପାପ ନଚେତ୍ ଅଭିଶାପ । ତା' ନ ହେଲେ ଏ ଗରିବଙ୍କ ପ୍ରତି ଭଗବାନଙ୍କର ଏତେ ଅବିଚାର କାହିଁକି ? ଧନଶାଳୀ ଲୋକମାନଙ୍କର ଏତେ ପକ୍ଷପାତିତା କାହିଁକି ? ଧନୀକ ବ୍ୟକ୍ତି ଚାହିଁଲେ କଣ ସମାଜର ଗରିବ ଲୋକଙ୍କ ଆର୍ଥିକ ମାନଦଣ୍ଡର ପରିବର୍ତ୍ତନ ହୁଅନ୍ତା ନି ? ଏମିତି ଅନେକ ଅସମାହିତ ପ୍ରଶ୍ନ ସୃଷ୍ଟି ହୁଏ ନିରୁପମାର ମାନସପଟରେ । ନିରୁପମା ଦାରିଦ୍ର୍ୟର

କଷାଘାତରେ ପେଷି ହୋଇ ଆଉ ବଞ୍ଚିବାକୁ ଚାହେଁନାହିଁ । ପିତାମାତାଙ୍କ ଉପରେ ପୁଣି ବିବାହର ବୋଝ ହେବା ଅପେକ୍ଷା ସମାଜରୁ ସବୁଦିନ ପାଇଁ ଚାଲିଯିବା ବରଂ ଭଲ ବୋଲି ଭାବିଲା । ଏହାହିଁ ଥିଲା ନିରୁପମାର ଶେଷ ନିଷ୍ପତ୍ତି ।

ଦିନେ ରାତି ପ୍ରାୟ ସାଢ଼େ ଗୋଟାଏ ହେବ । ନିଶା ଗର୍ଜନ କରୁଛି । ଚାରିଆଡ଼ ଶୂନ୍‌ଶାନ୍ । ପିତା-ମାତା ଶୟନକକ୍ଷରେ ଗାଢ଼ ନିଦ୍ରାରେ ଅଛନ୍ତି । ଏମିତି ଏକ ମୁହୂର୍ତ୍ତରେ କାଳବିଳମ୍ବ ନ କରି ପିତାମାତାଙ୍କର ଚରଣ ଧୂଳି ମୁଣ୍ଡରେ ମାରି, ଶେଷ ଦର୍ଶନ କରି ବାହାରିପଡ଼ିଲା ନିଜର ଜୀବନ ହାରିଦେବାକୁ । ତା'ର ପାଦ ଦୁଇଟି ଥର ଥର ହୋଇ ଥରୁଥାଏ । ମନରେ ଥାଏ ଅଭିମାନର କମ୍ପନ ଧ୍ୱନି । ଦୁଃଖ ଜର୍ଜରିତ ଯନ୍ତ୍ରଣାକ୍ଲିଷ୍ଟ ଜୀବନର ପରିସମାପ୍ତି ଘଟାଇବାର ଥାଏ ତା'ର ପ୍ରୟାସ । ନିବିଡ଼ ଅନ୍ଧକାରକୁ ଖାତିର ନ କରି ଏକାକୀ ଚାଲିଲା କ୍ଷିପ୍ର ଗତିରେ । ଲକ୍ଷ୍ୟହୀନ କକ୍ଷଚ୍ୟୁତ ତାରକା ଭଳି ।

ନିର୍ଜନ ରାସ୍ତାରେ ମାଡ଼ିଚାଲିଲା ନିରୁପମା ଏକାକୀ । ଠିକ୍ ସେହି ସମୟରେ ଡଃ ଅଜିତ ଦାସ ଓ.ଟି.ରୁ ରୋଗୀ ଅପରେସନ୍ ସାରି ଫେରୁଥିଲେ । ନିରୁପମାକୁ ଦେଖି ଅଜିତ୍‌ବାବୁ ବିସ୍ମିତ ହୋଇଗଲେ । ଏତେ ସୁନ୍ଦରିଆ ଝିଅ ପୁଣି ରାତି ଅଧରେ ଏକୁଟିଆ କ୍ଷିପ୍ର ଗତିରେ ଚାଲିଛି । ନିଶ୍ଚୟ କିଛି କାରଣ ଥାଇପାରେ । କାରଟିକୁ ନିରୁପମା ପାଖକୁ ନେଇଗଲେ । ତା'ଠାରୁ ସମସ୍ତ ଦୁଃଖ କଥା ବୁଝିସାରି, ଅଜିତ୍‌ବାବୁ କହିଲେ– ନିରୁପମା, ତୁମେ ଅଭାବ ଓ ଅନଟନ ସହିତ ସଂଗ୍ରାମ କରି ହାରିଯାଇଛ । ଯେଉଁଥିପାଇଁ ଏ ନିର୍ଜନ ରାତିରେ ଅଘଟଣ ଘଟାଇବାକୁ ଯାଉଛ ।

ହଁ, ତୁମେ ମନରେ କିଛି ନ ଭାବି ଆସ । ମୁଁ ତୁମକୁ ସାଥିରେ ନେଇଯିବି ଏବଂ ମୋର ଇଞ୍ଜିନିୟର ପୁଅ ସୁବ୍ରତ ସହିତ ବିବାହ ଦେବି । ତୁମେ ହେବ ମୋ ଘରର କୁଳବଧୂ । ତୁମେ ମୋ ସହିତ ଆସିବା ପୂର୍ବରୁ ମୁଁ ତୁମ ପିତାମାତାଙ୍କର ଠିକଣା ଜାଣିବାକୁ ଚାହେଁ । ସେମାନଙ୍କର ମତାମତ ଓ ଆଶୀର୍ବାଦ ମଧ୍ୟ ତୁମ ପାଇଁ ନିହାତି ଦରକାର । ନିରୁପମା ଠାରୁ ଠିକଣା ନେଇ ଅଜିତ୍‌ବାବୁ ନିରୁପମାର ପିତାମାତାଙ୍କ ପାଖକୁ ଗଲେ ଏବଂ ନିରୁପମାକୁ ବୋହୂ କରି ନେବାପାଇଁ କହିଲେ । ହଠାତ୍ ନିରୁପମାର ବିବାହ ପୁଣି ଡଃ ଅଜିତ୍‌ବାବୁଙ୍କ ପୁଅ ସହିତ ଶୁଣି, ନିରୁପମାର ପିତାମାତା ଯେତିକି ବିସ୍ମିତ ହେଲେ ତା'ଠାରୁ ଅଧିକ ଖୁସି ହେଲେ ଏବଂ କହିଲେ ଯାହାହେଉ ଦୁଃଖିନୀଟାର ଦୁଃଖ ଭଗବାନ ଶୁଣିଛନ୍ତି । ସବୁ ସେଇ ପ୍ରଭୁଙ୍କ ଇଚ୍ଛା ।

ବୈଦିକ ରୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ନିରିମାଖୀ ଝିଅର ଭାଗ୍ୟରେ ଈଶ୍ୱର କି ପରିବର୍ତ୍ତନ କରିଦେଲେ । ଆତ୍ମହତ୍ୟା ପାଇଁ ଉଦ୍ୟମ କରିବାକୁ ଯାଉଥିବା ସେଦିନ କଳାରାତିର ପରଦା ଭିତରେ ଆଜି ପୁଣି ଜୀବନର ଆଲୋକ ଜ୍ୟୋତି ଜଳି ଉଠିବ, ଏ କଥା କିଏ କ'ଣ ଭାବିଥିଲା । ଏଇ ତ ଜୀବନ । ସେଦିନର ନିରିମାଖୀ ଝିଅ ନିରୁପମା ଆଜି କୁଳବଧୂରେ ବିଭୂଷିତା । ଗାଁ ଗହଳିରେ କୁହାକୋହି ହେଲେ, ଯାହାହେଉ ଈଶ୍ୱର ନିରିମାଖୀଟିର ଭାଗ୍ୟ ବଦଳାଇ ଦେଲେ ।

*– ସାଗବାରିଆ, ତିରଣ, ଜଗତସିଂହପୁର*



# କାଳିଆ ଆଖିରେ ଲୁହ

■ ରାଜକିଶୋର ମିଶ୍ର

ରଥଯାତ୍ରା ସରିଯାଇଥାଏ । ପ୍ରଭୁ ଜଗନ୍ନାଥ, ବଳଦେବ ଓ ମାଆ ସୁଭଦ୍ରା ବଡ଼ ଦେଉଳରେ ଅବସ୍ଥାନ କରୁଥାଆନ୍ତି । ଦିନକର କଥା । ସେଦିନ ବଡ଼ ଠାକୁରଙ୍କ ନୀତି ବହୁତ ବିଳମ୍ବ ହୋଇଥାଏ । ଏହି ସମୟରେ ମାଆ ଲକ୍ଷ୍ମୀ ଠାକୁରାଣୀ ନିଜ ମନ୍ଦିରରୁ ବାହାରି ଶ୍ରୀମନ୍ଦିରରେ ପ୍ରବେଶ କରି ଦେଖିଲେ ରତ୍ନବେଦୀରେ ପ୍ରଭୁ ଜଗନ୍ନାଥ ଓ ପ୍ରଭୁ ବଳଦେବ, ଭଉଣୀ ସୁଭଦ୍ରାଙ୍କ ସହ ନୀରବରେ ବସିଛନ୍ତି । ମାଆ ଲକ୍ଷ୍ମୀ ପ୍ରଭୁଙ୍କ ଜଗନ୍ନାଥଙ୍କୁ ଡାକି କହିଲେ, ''ପ୍ରଭୁ ଟିକିଏ ଶୁଣିବେକି ?''ସେଠାରେ ତ ଦେଢ଼ଶୁର ଓ ନଣନ୍ଦ ଅଛନ୍ତି । ତେଣୁ ସେଠି କିଛି କଥାବାର୍ତ୍ତା କରିହେବନି । ତେଣୁ ପ୍ରଭୁ ଜଗନ୍ନାଥ ମନ୍ଦିର ବାହାରକୁ ଆସିଲେ ଏବଂ ପଚାରିଲେ, ''କ'ଣ କି ଲକ୍ଷ୍ମୀ, ଏ ଅସମୟରେ ତୁମର କ'ଣ କାମ ପଡ଼ିଲା ?''

ମାଆ ଲକ୍ଷ୍ମୀ କହିଲେ, ''ପ୍ରଭୁ ! ଆଜି ଆସି ଦିନ କେତେ ହେଲାଣି ? ଏ ପର୍ଯ୍ୟନ୍ତ ନୀତି ହେଇନି । ଆପଣ ତ ପେଟ ବିକଳରେ ଭୋକରେ ଆଉଟୁ ପାଉଟୁ ହେଉଥିବେ । ଆପଣ ତ ଭୋକ ସହିପାରନ୍ତି ନି । ତେଣୁ ବୁଝିବାକୁ ଚାଲିଆସିଲି । '' ତା' ସତ ଯେ ଲକ୍ଷ୍ମୀ ! କିନ୍ତୁ ମୁଁ କ'ଣ କରିପାରିବି ? ଏ ମଣିଷ ମୋତେ ଏମିତି ଭାବରେ ବାନ୍ଧି ରଖିଛି, ଯାହାକି ମୁଁ ତାକୁ ଛାଡ଼ିପାରୁନି କି ଧରିରଖିପାରୁନି । ତୁମେ ତ ଜାଣ, ମୁଁ ଭକ୍ତିରେ ସର୍ବଦା ବନ୍ଧା । ବିଶ୍ୱାବସୁ ଶବର ଭକ୍ତିରେ ବାନ୍ଧି ରଖିଥିଲା । ମୁଁ ସେଠାରେ ଥିଲି । ହେଲେ ସେଠି କେତେଦିନ ରହିପାରିବି । ଏଣେ ଜଗତଟାଯାକର ଭକ୍ତଙ୍କର ଆକୁଳ ନିବେଦନ ମୋତେ ଏଠାକୁ (ଶ୍ରୀକ୍ଷେତ୍ରକୁ) ଟାଣି ଆଣିଲା । ଏ ମଣିଷ ଆମ୍ଭମାନଙ୍କ ନିମନ୍ତେ ସବୁପ୍ରକାର ମାନବିକ ଚଳଣି ପାଇଁ ଯାହା ଆବଶ୍ୟକ ସବୁ ଖଞ୍ଜି ଦେଇଛି । ଏମିତି ଭାବରେ ଆମକୁ ବନ୍ଦୀ କରି ରଖିଛି ଯେ, ଏଠୁ ଖସିବା ସମ୍ଭବ ନୁହେଁ । ଖାଇବା, ପିଇବା, ପିନ୍ଧିବା, ବେଶ ହେବା, ଶୋଇବା, ନାଚ, ତାମ୍‌ସା, ପର୍ବପର୍ବାଣି, ଓଷାବାର, ବ୍ରତ, ଉପାସନା, ରୋଗ, ଉପଚାର ଠାରୁ ଆରମ୍ଭ କରି ମଣିଷର ଯାହା ଆବଶ୍ୟକ, ସେ ଆମ ପାଇଁ ଖଞ୍ଜିଦେଇଛି । ଆମେ ଯାହାଫଳରେ ମଣିଷ ପରି ଚଳୁଛେ । ବର୍ଷକରେ ଥରେ ରଥରେ ଚଢ଼ି ମାଉସୀ ମାଆକୁ ଦେଖାକରିବାର ବ୍ୟବସ୍ଥା କରିଛି । ଏଥିସହ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦେଖା କରିବାର ସୁଯୋଗ ମିଳିଛି । ସ୍ନାନ, ତର୍ପଣ ବିଭିନ୍ନ ପ୍ରକାର ଫୁଲ ଫଳରେ ଆମମାନଙ୍କୁ ସଜେଇବାରେ ହେଳା କରୁନି । ସେମାନଙ୍କର ସ୍ନେହ, ଭକ୍ତି, ଶ୍ରଦ୍ଧାକୁ ଏଡ଼ି ଶ୍ରୀକ୍ଷେତ୍ର ଛାଡ଼ି ଚାଲିଯିବାଟା ସମ୍ଭବ ନୁହେଁ । ତୁମେ କ'ଣ ନିଜେ ଅନୁଭବ କରିପାରୁନା ?

ଆହୁରି ଗୋଟାଏ କଥା । ସେମାନେ ମଣିଷ । ଶହ ଶହ ବେଠିଆ, ବେଗାରୀ, ପୂଜକ, ସୁଆର ଓ ସେବକ ଆମ୍ଭମାନଙ୍କର ଦାୟିତ୍ୱ ବୁଝିବା ପାଇଁ ଅଛନ୍ତି । ଆମର ଏକ ବିରାଟ ପରିବାର । ବଡ଼ ପରିବାର ହେଲେ, ବେଳେବେଳେ ପରିବାର ଲୋକଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦିଏ । କଳି ଝଗଡ଼ା ଲାଗେ । ସେମିତି ସେମାନଙ୍କ ଭିତରେ କଳିଗୋଳ ଟିକେ ଲାଗିଛି । ଯାହାଫଳରେ ନୀତିରେ ବିଳମ୍ବ ଘଟିଛି । ହଉ ହେଲା । ସେମାନଙ୍କର ମୀମାଂସା ହେଇଯିବ ଏବଂ ଖୁବ୍ ଶୀଘ୍ର ସେମାନେ ଆମ ନୀତିରେ ଲାଗିପଡ଼ିବେ । ଏଥିରେ ବିବ୍ରତ ହବା ଆମର ଠିକ୍ ନୁହେଁ ।

ମାଆ ଲକ୍ଷ୍ମୀ କହିଲେ, ''ହଉ ହେଲା । ତୁମେ ରଥରେ ପରିକ୍ରମା କରିବାକୁ ଯାଇଥିଲ । କ'ଣ କ'ଣ ସବୁ ଦେଖିଲ ? କ'ଣ କ'ଣ ସବୁ ଅନୁଭବ କଲ ? ସେ ବିଷୟରେ ଟିକେ କୁହ । ଶୁଣିବା । ପ୍ରଭୁ ଜଗନ୍ନାଥ କହିଲେ, ''କ'ଣ କହିବି ଲକ୍ଷ୍ମୀ ? କହିଲା ବେଳକୁ ମୋ ଆଖିରେ ଲୁହ ଆସିଯାଉଛି । ମୋତେ ବାରମ୍ବାର ବୈକୁଣ୍ଠପୁରରୁ ଡାକରା ଆସିଲାଣି । ଶୀଘ୍ର ନୀଳାଚଳ ଛାଡ଼ିଯିବାକୁ । ହେଲେ କ'ଣ କରିବି କିଛି ଠିକ୍ କରିପାରୁନି । ଏ ମଣିଷ ଦିନକୁଦିନ ଏମିତି ସ୍ୱାର୍ଥାନ୍ଧ, କାମୁକ, ଅବିଚାରକ, ଅତ୍ୟାଚାରୀ ହେଲାଣି, ସେ କଥା ଭାବିଲାବେଳକୁ ଏଥିରେ ମୋ ମୁଣ୍ଡ କାମ କରୁନି । ଦିନ ଦ୍ୱିପ୍ରହରରେ ନରହତ୍ୟା, ଲୁଣ୍ଠନ, ଶୋଷଣ, ରାହାଜାନୀ, ନାରୀ ନିର୍ଯାତନା, ବଧୂହତ୍ୟା ଆଦି ଜଘନ୍ୟ ଅପରାଧ କରିବାକୁ ଏ ମଣିଷ କୁଣ୍ଠାବୋଧ କରୁନି । ଅନ୍ୟାୟ, ଚରମ ସୀମାରେ ପହଞ୍ଚିଲାଣି । ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ମଣିଷ ଗର୍ଭସ୍ଥ ଶିଶୁକୁ ଜାଣିପାରି କନ୍ୟାଭ୍ରୁଣ ହତ୍ୟା କରୁଛି । ସମାଜର ପ୍ରତ୍ୟେକ ସ୍ତରରେ ଦୁର୍ନୀତି ବ୍ୟାପିଯାଇଛି । ଡାକ୍ତରଖାନାର ସଦ୍ୟଜାତ ଶିଶୁ ଚୋରିଯାଉଛି । ଡାକ୍ତରମାନେ ଅପରେସନ୍ ନାଆଁରେ ଶରୀରର ମୂଲ୍ୟବାନ୍ ଅଂଶ ଚୋରି କରି ତାକୁ ବହୁମୂଲ୍ୟରେ ବିକ୍ରି କରୁଛନ୍ତି । ମଣିଷ ମୁଣ୍ଡରେ ଧନୀ

ହେବାର ପ୍ରୟାସ ବୃଦ୍ଧି ହେବାରେ ଲାଗିଛି । ଅସତ୍ ହେଉ ବା ସତ୍ ହେଉ ଯେକୌଣସି ଉପାୟରେ ସେ ଧନୀ ହେବା ଦରକାର । ଧର୍ମ-କର୍ମ ସମସ୍ତେ ଭୁଲିଗଲେଣି । ଶିକ୍ଷକମାନେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦେଉଛନ୍ତି । ସାଧୁସନ୍ଥମାନେ ମଧ୍ୟ ନିଜର ଶିଷ୍ୟାମାନଙ୍କୁ ବଳାତ୍କାର କରିବାକୁ ପଛୋଉନାହାନ୍ତି । ସମାଜରେ ନ୍ୟାୟ ମିଳିବା କଷ୍ଟ ହେଲାଣି । ରକ୍ଷକମାନେ ଭକ୍ଷକ ହେଲେଣି । ଗାଆଁ ଗାଆଁରେ ମଦ ଦୋକାନ ଖୋଲିଗଲାଣି । ମଦ୍ୟପାନ କରି ଅପ୍ରାପ୍ତବୟସ୍କ ଯୁବକମାନେ ଅବାଟକୁ ଯାଉଛନ୍ତି । ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଚାକିରି ନ ପାଇ ସେମାନେ ମଧ୍ୟ ନାନା ଅସତ୍ ଉପାୟ ଅବଲମ୍ବନ କରି ଧନ ରୋଜଗାର କରିବାରେ ଲାଗିଲେଣି । ଦେଶସାରା ମାଓବାଦୀ ଓ ଆତଙ୍କବାଦୀ, ସନ୍ତ୍ରାସବାଦୀ ଓ ବିଧର୍ମୀ ବୈଦେଶିକ ଶତ୍ରୁମାନଙ୍କର ନରସଂହାର ଲାଗି ରହିଛି । ସାଧୁସନ୍ଥମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଲାଣି । ଧର୍ମ ନାମରେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ରାଜନୀତି କରି ନିଜ ନିଜ ସ୍ୱାର୍ଥ ସାଧନ କରିବାରେ ବ୍ୟସ୍ତ ରହୁଛନ୍ତି । ଏଥିପାଇଁ ମୁଁ କ'ଣ ବା କରିପାରିବି ? କଳିଯୁଗରେ ମୁଁ ନୀରବ ହୋଇ ସବୁ ଦେଖିବା ବ୍ୟତୀତ ମୁଁ କିଛି କରିପାରିବି ନାହିଁ । ମୁଁ ଦ୍ୱାପରଯୁଗରେ ସତ୍ୟ ପ୍ରତିଷ୍ଠା ପାଇଁ ନ୍ୟାୟ ସପକ୍ଷରେ ଲଢ଼ିଥିଲି । ହେଲେ କଳିଯୁଗରେ ନୀରବଦ୍ରଷ୍ଟା ହେବାପାଇଁ ମୁଁ ଅଭିଶାପ ପାଇଛି । ମୋ ଭକ୍ତମାନେ ବହୁତ କଷ୍ଟ ପାଉଛନ୍ତି ।

ଏସବୁ ଦେଖି ମୁଁ କିଛି କରିପାରୁ ନ ଥିବାରୁ ମୋ ମନରେ ପ୍ରବଳ ଦୁଃଖ ହେଉଛି । ମୁଁ କେବଳ ନୀରବରେ ବସି ନିରୋଳାରେ ଲୁହ ଗଡ଼େଇବା ସାର ହେଉଛି ।

ମା' ଲକ୍ଷ୍ମୀ କହିଲେ, ''ପ୍ରଭୁ ! ଆପଣଙ୍କର କ'ଣ ଭକ୍ତମାନଙ୍କ ପାଇଁ କିଛି କର୍ତ୍ତବ୍ୟ ନାହିଁ । ସେମାନେ କ'ଣ ଏମିତି କଷ୍ଟ ଭୋଗୁଥିବେ । ଅତୀତରେ ଆପଣ ଭକ୍ତମାନଙ୍କ ପାଇଁ ଅନେକ କିଛି କରିଛନ୍ତି । ଏ ଯୁଗରେ କ'ଣ ଆପଣ ଭକ୍ତମାନଙ୍କର କଷଣ ଦେଖି ମଧ୍ୟ, କିଛି କରିପାରିବାର କ୍ଷମତା ହରେଇଛନ୍ତି ?''

ଜଗନ୍ନାଥ କହିଲେ, ''ନାଇଁ ଲକ୍ଷ୍ମୀ ! ସେ ସମୟ ହେଇନି । ଏବେ କେବଳ ବସି ବସି ମୁଁ ଲୁହଗଡ଼େଇ ଚାଲିଛି । ବେଳ ଆସିବ, ମୁଁ କଳ୍କୀ ଅବତାର ହେବି । ଶ୍ରୀକ୍ଷେତ୍ର ଛାଡ଼ି ଛତିଆବଟକୁ ଯିବି । ବାରହାତ ଖଣ୍ଡା ଧରି ପାପୀମାନଙ୍କୁ ବିନାଶ କରିବି । ମୋ ଭକ୍ତମାନଙ୍କ ଦୁଃଖ ଦୂର କରିବି । ସୃଷ୍ଟିରେ ପ୍ରଳୟ ଘଟିବ । ବନ୍ୟା, ବାତ୍ୟା, ମହାମାରୀ, ସୁନାମୀ, ଭୂମିକମ୍ପ ହେବ । ନାନା ଉପାୟରେ ପାପୀମାନେ ନାଶ ହେବେ । ଏ କଥା ମୋର ଭକ୍ତ ଅଚ୍ୟୁତାନନ୍ଦ ଛଅ ଶହ ବର୍ଷ ତଳୁ ଲେଖିଯାଇଅଛନ୍ତି । ଯାହାର ନାମ– 'ଭବିଷ୍ୟତ ମାଳିକା' । ସେଥିରେ ସବୁ ଉଲ୍ଲେଖ ଅଛି । ଆହୁରି ମଧ୍ୟ କିଛି ଜାଗାରେ ଖଣ୍ଡପ୍ରଳୟ ହେବ । ଆକାଶରୁ ଉଲ୍କାପାତ ହେବ । ବର୍ତ୍ତମାନ ଏସବୁ ବିଷୟ ଆଲୋଚନାର ସମୟ ନୁହେଁ । ତେଣୁ ତୁମେ ମନ୍ଦିରକୁ ଯାଅ, କେବଳ ଏତିକି ଜାଣିଥା' ମୁଁ ବର୍ତ୍ତମାନ ଏଥିପାଇଁ ନିରୁପାୟ । ତା'ର ସମୟ ନିକଟ ପ୍ରାୟ । ମୁଁ ଏବେ ନୀରବରେ ବସି ଲୁହ ଗଡ଼ୋଉଛି ।''

ମାଆ ଲକ୍ଷ୍ମୀ ପ୍ରଭୁଙ୍କଠାରୁ ବିଦାୟ ନେଇ ଲକ୍ଷ୍ମୀ ମନ୍ଦିରକୁ ଗଲେ ଓ ଜଗନ୍ନାଥ ବଡ଼ଦେଉଳକୁ ବିଜେ କଲେ ।

*– ପାଣ୍ଡିଆ (ଭଦ୍ରେଶ୍ୱର), ଝାଡ଼େଶ୍ୱରପୁର, କଟକ*




**R. S. TUTORIALS**

SURYALOKA LANE, CHANDI CHHAK, CUTTACK

Admission Open ! Admission Open ! Admission Open !

Admission Open ! Admission Open !

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

# ବାଘୁଣୀ

■ ଦୀନବନ୍ଧୁ ପଣ୍ଡା

କେଇ ମୁହୂର୍ତ୍ତ ସମୟ ପରେ ରଙ୍ଗିଆ ମାଆର ଉପସ୍ଥିତି ଯାତ୍ରା ପାଇଁ ଆସିଥିବା ଅଧିକାଂଶ ଦର୍ଶକଙ୍କ ମନ ଟାଣି ହୋଇଗଲା ତା' ଆଡ଼କୁ । ''ମୋ ପୁଅକୁ କିଏ ଉଠାଇଦେଲା ଓ ତା' ସହିତ କିଏ ଝଗଡ଼ା କରିଛି ।'' ଏମିତି ନାହୁଲୁ ଥିବା କଥାର ସ୍ୱର କ୍ରମେ ଯାତ୍ରାପାର୍ଟିର ବାଜୁଥିବା ବାଜାଠାରୁ ଆହୁରି ଗୁରୁଗମ୍ଭୀର ହୋଇଉଠୁଥାଏ ରଙ୍ଗିଆମାର ସ୍ୱର । ସବୁ ଦର୍ଶକ ରଙ୍ଗିଆ ମାଆ ଆଡ଼କୁ ଚାହିଁରହିଥାଆନ୍ତି । ରଙ୍ଗିଆ ମାଆର ମୁହଁ ଭାବ, ଆଖିର ଇସାରା ଏବଂ ଦାନ୍ତ-ପାଟିରୁ ବାହାରୁଥିବା ପାନଖିଆ ଛେପ ସହିତ ଅନର୍ଗଳ ଗାଳି, ଯାତ୍ରା ବାତାବରଣକୁ ଚଳଚଞ୍ଚଳ କରିଦେଲା । ଦେଖାଗଲା, ସତେଯେମିତି କୌଣସି ଗୋରୁ ଗୋଠରେ ଗୋଟେ ବାଘ କି ବାଘୁଣୀ ପଶିଯାଇଛି । ପୁଅ ରଙ୍ଗିଆକୁ ପିଣ୍ଡା ଧାରରେ ବସେଇଦେଇ ଦୁଇ କଡ଼ର ଦୁଇ ପିଲାଙ୍କୁ ଆଡ଼େଇ ଦେଇ କ'ଣ ନାହିଁ କ'ଣ କହୁଥାଏ, ତାହା ଭଲଭାବରେ ମୁଁ ଶୁଣିପାରୁ ନ ଥିଲେ ବି ସବୁକିଛି ଅନୁମାନ କରିନେଉଥାଏ ମୁଁ । ଏଣିକି ରଙ୍ଗିଆକୁ ଆଉ କେହି ଯେପରି ସେ ସ୍ଥାନରୁ ନ ଉଠାଏ, ଯଦିବା ଉଠାଏ ତେବେ ରଙ୍ଗିଆ ମାଆ ସେଠି ଗୋଟେ ମହାଭାରତ ସୃଷ୍ଟି କରିବାକୁ ପଛେଇବ ନାହିଁ, ଏହା ମୋର ବୋଧଗମ୍ୟ ହୋଇଯାଇଥାଏ ।

ପିଣ୍ଡା ତଳେ ବସିଥିବା ଦର୍ଶକ ଏବଂ ପିଣ୍ଡା ଉପରେ କାନ୍ଥ ଆଉଜି ବସିଥିବା କିଛି ବୁଢ଼ାବୁଢ଼ୀ ରଙ୍ଗିଆ ମା'ର କଥାରେ ପ୍ରତିବାଦ କରୁ ନ ଥାନ୍ତି । ରାତ୍ରି କ୍ରମେ ବଢ଼ିବାରୁ ଯାତ୍ରା ଆରମ୍ଭ ହେଲା ଓ ଦେଖଣାହାରିଏ ଯାତ୍ରାରେ ନିଜକୁ ହଜେଇଦେଲାବେଳେ ମୁଁ କିଛି ନ ଭାବି ହଠାତ୍ ପିଣ୍ଡା ଉପରଆଡ଼େ ଚାହିଁଦେଲି । ଦେଖିଲି କେତେ ପିଲା ଢୋଳେଇ ଶୋଇଗଲେଣି ତ କେତେକ ନିଜ ନିଜ ସ୍ଥାନରେ ଆଉ ନାହାନ୍ତି । ଅଥଚ ରଙ୍ଗିଆ ସ୍ଥାନ ଖାଲିଥିବାରୁ ଆଉ କେହି ତା' ସ୍ଥାନରେ ସାହସ କରି ବସିବାକୁ ମଧ୍ୟ ଇଚ୍ଛା କରୁ ନ ଥାନ୍ତି ।

ଯାତ୍ରା ସରିଲା ବେଳକୁ ସକାଳ ହୋଇଯାଇଥାଏ । ଦିନ ତିନିଟା କି ସାଢ଼େ ତିନିଟା ବେଳକୁ ମୁଁ ଭାଉଜଙ୍କୁ ଏକୁଟିଆ ବିଶ୍ରାମ ନେଉଥିବାର ଦେଖି ମୋ ମନରେ ବହୁଦିନରୁ ଜନ୍ମ ନେଇଥିବା ସେଇ ଗୋଟିଏ ପ୍ରଶ୍ନ ରଙ୍ଗିଆ ମାଆକୁ ବାଘୁଣୀ କହିବାର ଇତିହାସ କଥା ପଚାରିଦେଲି । ହେଲେ ଗତ ରାତିର ଘଟଣା ମୋ ମନରେ ସଂପୂର୍ଣ୍ଣ ଜୀବିତ ଥାଏ ।

ମୋ ଗାଁ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ବାଘୁଣୀ କହିଲେ ସମସ୍ତେ ରଙ୍ଗିଆ ମାଆକୁ ଚିହ୍ନନ୍ତି । ବାଘୁଣୀକୁ ଦେଖି ଗାଁ ମାଇପେ ମୁହଁରେ ଲୁଗା ଦେଇ ହସନ୍ତି ତ କେତେକ ବାଟ ଭାଙ୍ଗି ଆଡ଼େଇ ଚାଲିଯାଆନ୍ତି । ରଙ୍ଗିଆ ମାଆକୁ ବାଘୁଣୀ କହିବାର କ'ଣ କାରଣ ଥାଇପାରେ, ତାହା ବୁଝିବା କଷ୍ଟ । ତଥାପି ଥରେ ମୁଁ ମୋ ବଡ଼ ଭାଉଜଙ୍କୁ ଏହାର କାରଣ ପଚାରିଦେଲି । ଭାଉଜ କ'ଣ କହିବେ ନ କହିବେ ଏମିତି ଥଙ୍ଗ ଥଙ୍ଗ ହୋଇଗଲେ । ମୋ ବୟସ ବଢ଼ିଗଲେ ମୁଁ ଆପେ ଆପେ ବୁଝିପାରିବି ବୋଲି କହି କଥା ଶେଷ କଲେ ।

ହେଂସ ବାଣୀ ଲେଉଟାଣି ପରି ମୋ ବୟସ ବଢ଼ିଗଲା । ମୁଁ ଗାଁ ଛାଡ଼ି କଲେଜ ଗଲି । ଖରାଛୁଟିରେ ଗାଁ'କୁ ଆସିଥାଏ । ପ୍ରତିବର୍ଷ ପରି ଚନ୍ଦନଯାତ୍ରା ଗାଁ'ରେ ପାଳନ ହେବାର ଦିନ ଆସିଲା । ଅନିଦ୍ରା ରହି ଚନ୍ଦନ ଯାତ୍ରା ଦେଖିବାର ସଉକ୍ ମୋର ଆଗରୁ ଥିବାରୁ ରାତିଘଡ଼ିକ ବେଳକୁ ମୁଁ ଗୋଟେ ପ୍ଲାଷ୍ଟିକ୍ ଚୌକି ଧରି ଆଗଧାଡ଼ିରେ ପକାଇ ଆସିଲି । ରାତି ଦଶଟା ବେଳକୁ ଯାତ୍ରା ଆରମ୍ଭ ହେବା କଥା, ଆରମ୍ଭ ବି ହେଲା । ଗାଁଯାକର ପିଲା-ଛୁଆ ଠାକୁରଘର ଉଚ୍ଚ ପିଣ୍ଡାରେ ଆସ୍ଥାନ ଜମେଇ ସାରିଥାଆନ୍ତି । ପିଲା-ପିଲାଙ୍କ ଭିତରେ ସ୍ୱଭାବବତ୍ସଳ ସ୍ଥାନ ପାଇଁ କଳି ଲାଗିଯାଉଥାଏ । ଯାତ୍ରା ବାଦ୍ୟ ଆଡ଼କୁ ମୁଁ ମନ ନ ଦେଇ ପିଲାପିଲାଙ୍କ ଭିତରେ ଲାଗିଥିବା ଛୋଟ ଛୋଟ କଳିତକରାଳ ଆଡ଼କୁ ନଜର ରଖିଥାଏ ।

ଏହି ସମୟରେ ରଙ୍ଗିଆ ଉଚ୍ଚସ୍ୱରରେ କାନ୍ଦିଉଠିଲା ଏବଂ ନିଜ ବସିଥିବା ଆସ୍ଥାନ ଛାଡ଼ି କାନ୍ଦି କାନ୍ଦି ରାତି ଦଶଟା । ପରେ ଘରମୁହାଁ ହେଲା । ପିଲାଟା ଏକା ଏକା ଘରକୁ ଦୌଡ଼ୁଥିବା ଆଡ଼କୁ କେତେକ ଆସ୍ଥାନ ଜମେଇ ବସିଥିବା ଲୋକେ ମଧ୍ୟ ରଙ୍ଗିଆ ଆଡ଼କୁ ଚାହିଁରହିଲେ । ରଙ୍ଗିଆକୁ ଆଠ ନଅ ବର୍ଷ । ଡଉଲ ଡାଉଲ ଚେହେରା । ଦୌଡ଼ରେ ଚମକ ସୃଷ୍ଟି କରି ଲୋକ ଆଡ଼େଇ ରାସ୍ତାଧରି କ୍ରମେ ଶୀଘ୍ର ଶୀଘ୍ର ଘରମୁହାଁ ହେଲା ।

ତା' କାନ୍ଦଣା ମୁହଁ ଏବଂ ବିକଳ ଚିତ୍କାର ଶୁଣି କିଛି ଗୋଟେ ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇ ପାରୁ ନ ଥିଲେ ବି ରଙ୍ଗିଆ ମାଆକୁ ଚିହ୍ନିଥିବା ଲୋକେ କିଛି ଗୋଟେ ଘଟିବ ଏମିତି ଅନୁଭବ କରୁଥିଲେ ନିଶ୍ଚିତରୂପେ ।

ଭାଉଜ କଥାଛଳରେ ମୋ ସନ୍ଦେହମୋଚନ କଲେ । ତାଙ୍କ ଭାଷାରେ ରଙ୍ଗିଆ ମାଆ ଆମ ଗାଁ'ର ବୋହୂ । ଦୀର୍ଘ ପନ୍ଦର ବର୍ଷ ତଳେ ସେ ଆମ ଗାଁ ରାଜା ଗୌଡ଼କୁ ବାହାହୋଇ ଆସିଥିଲା ଆମ ଗାଁ'କୁ । ସେତେବେଳେ ତା' ରୂପ ଗୁଣରୁ ସମସ୍ତେ ସନ୍ଦିହାନ ଥିଲେ ଯେ, ବୋହୂଟି ଭଲ ହୋଇ ଶାଶୂଘର ସମ୍ଭାଳି ପାରିବ କି ନା ଏହା ଥିଲା ସେମାନଙ୍କର ଏକ ଭାବନା । ସତକୁସତ ସେଇଆ ହେଲା । ଶାଶୂ, ବୋହୂ କଳିରୁ ଘର ଭାଙ୍ଗିଲା ପରି ଶାଶୂ ଆତ୍ମହତ୍ୟା କଲା ଏବଂ ଶଶୁର ଘରଛାଡ଼ି କାହିଁ କୁଆଡ଼େ ଜଟା-ଜୁଟ ଧରି ସାଧୁ ପାଲଟିଗଲା ଯେ, ଆଉ ଫେରିଲା ନାହିଁ । ଘରେ କେବଳ ଦୁଇ ଭାଇ ରାଜା ଓ ମନ୍ତ୍ରୀ । ସାନଭାଇ ମନ୍ତ୍ରୀ ଭାଉଜକୁ ମାଆ ଭଳି ସମ୍ମାନ ଦେଖାଉଥାଏ । ଘରର ଆର୍ଥିକ ଅବସ୍ଥା ପାଇଁ ମନ୍ତ୍ରୀ କଲିକତା ଯାଇ କେଉଁଠି ମୂଲ ମଜୁରି କରି ପେଟ ପୋଷି, ଯାହା ଦୁଇ ପଇସା ସଞ୍ଚେ ତାହା ମାସ ଶେଷରେ ବଡ଼ ଭାଇ ରାଜା ପାଖକୁ ପଠାଇଦିଏ । ମନ୍ତ୍ରୀଠୁ ପଇସା ପାଇ ଘରେ ରାଜା ଓ ଭାଉଜ ରାଣୀ ଚଳିଯାଉଥାଆନ୍ତି ଦୁଃଖକଷ୍ଟେ ।

ରାଜା ବାହାଘରର କେଇଟା ବର୍ଷ ପରେ ବାପା-ବୋଉ ଏବଂ ସାନ ଭାଇକୁ ହରାଇଲା ପରି ଦୁଃଖରେ ହତାଶ ହୋଇ ଦୁଃଖରେ ଥିଲାବେଳେ ଘରକୁ ଆସିଲା ନୂଆକରି ପୁଅଟେ ନୀଳ । ନୀଳର ବୟସ ତିନି ପୂରି ଚାରି ଚାଲିବାକୁ ଆରମ୍ଭ କଲାବେଳକୁ ନୀଳକୁ ହଠାତ୍ କାଠି ଛୁଇଁଲା । ଗାଁ'ରେ ସଞ୍ଜସରିକି ହାଲା ପଡ଼ିଗଲା ଯେ, ରାଜା ଆଉ ନାହିଁ । ମନ୍ତ୍ରୀ ପାଖକୁ ତାର ଗଲା । ମନ୍ତ୍ରୀ ଆସିଲାବେଳକୁ ଗାଁ ଭାଇଏ ରାଜାକୁ ସଂସ୍କାର କରିସାରିଥିଲେ । ମନ୍ତ୍ରୀ ଦୁଃଖରେ ଭାଙ୍ଗିପଡ଼ିଥିଲା । ଯାହାକିଛି ଆଣିଥିବା ଅର୍ଥରେ ଶୁଦ୍ଧିକାମ ଓ ଗାଁ ଭାଇସାଇକୁ ସନ୍ତୁଷ୍ଟ କରି ଯେନତେନପ୍ରକାରେ ମଘା କାମ ବଢ଼େଇଦେଲା । ହେଲେ ଭାଉଜ ଏବଂ ପୁଅକୁ କୋଟିନିଧିର ସ୍ନେହ ଦେଲା ଭିତରେ ଗାଁ ଲୋକ ଏବଂ ସାଇଭାଇଙ୍କ କଥାରେ ଭାଉଜଙ୍କୁ ଖୁଆଖୁଇ କରିଦେବାକୁ ଇଚ୍ଛା ନ ଥାଇ କ୍ରମେ ଏକରକମ ରାଜି ହୋଇଗଲା । ଭାଗ୍ୟକୁ ନୀଳକୁ ବାପା ମିଳିଗଲା ଏବଂ ନୀଳ ବୋଉକୁ ସ୍ୱାମୀ । କ୍ରମେ ଦୁଃଖର ଦିନ ସରିଆସିଲାବେଳକୁ ନୀଳକୁ ପନ୍ଦର ପୂରି ଷୋହଳ ଚାଲିଲାଣି । ନୀଳବାପା ସାଙ୍ଗରେ କଲିକତା ଯାଇ ବାପା କାମ ନିଜ କାନ୍ଧକୁ ନେଇ ମନ୍ତ୍ରୀଙ୍କୁ ଗ୍ରାମରେ ରହିବାର ବ୍ୟବସ୍ଥା କରିସାରିଥାଏ ।

ଏବେ ମନ୍ତ୍ରୀ ଗାଁ'ରେ । ସ୍ୱାମୀ-ସ୍ତ୍ରୀ ଦୁହେଁ ଅନ୍ଧେବହୁତେ ଚଳି ଆସୁଥିବାବେଳେ ମନ୍ତ୍ରୀର ଔରସରୁ ନୀଳବୋଉର କ'ଣ ପିଲାପିଲି ହେବାର କଥା କ୍ରମେ ଗାଁ ମାଇପଙ୍କ ମୁହଁରୁ ଜଣାଗଲା । ସତକୁ ସତ କେଇଟା ଦିନପରେ ରଙ୍ଗିଆର ଜନ୍ମ ।

ରଙ୍ଗିଆକୁ ଜନ୍ମ ଦେଲା ପରେ ନୀଳବୋଉ କ୍ରମେ ରୂପାନ୍ତରିତ ହେଲା ରଙ୍ଗିଆ ମାଆ ଭାବେ । ଏ କଥା ମନ୍ତ୍ରୀ ଶୁଣି ନିଜକୁ ମନେ ମନେ ଧନ୍ୟ ଧନ୍ୟ ବୋଲି ମଧ ଭାବୁଥାଏ । ହେଲେ ରଙ୍ଗିଆ ବୋଉର ପୂର୍ବ ସ୍ୱଭାବ କ୍ରମେ ପରିବର୍ତ୍ତନ ହୋଇ ଏକ ବାଘୁଣୀର ସ୍ୱଭାବରେ ପରିଣତ ହେଲାଣି ଏକଥା ମନ୍ତ୍ରୀ ବୁଝିବା ଆଗରୁ ଗାଁ ମାଇପେ ଭଲକରି ବୁଝିନେଲେଣି । ଟିକେ କଥାରେ ରାଗ, ରୋଷ ଏବଂ କଳିକଜିଆ ଆରମ୍ଭ କରି ସ୍ୱାମୀ ମନ୍ତ୍ରୀଙ୍କୁ ଯେଉଁ ସଣ୍ଠ-ଅସଣ୍ଠ ଭାଷାରେ ଗାଳିଗୁଲଜ କରେ, ତାହା କାନରେ ଶୁଣିବାର କଥା ନୁହେଁ । ପୁଣି ନିଜ ଜନ୍ମିତ ସନ୍ତାନ ନୀଳ ଘରକୁ ଆସିଲେ ତା' ପ୍ରତି ଯେଉଁ ବ୍ୟବହାର ତାହା ମଧ କୌଣସି ବାଘୁଣୀର ବ୍ୟବହାରରୁ କମ୍ ନୁହେଁ, ଏକଥା ସମସ୍ତେ ଜାଣିଗଲେଣି ଆମ ଗାଁ'ରେ ।

ପଶୁପକ୍ଷୀ ବଡ଼ ହୋଇଗଲେ ନିଜ ଜନ୍ମିତ ମା'ବାପାଙ୍କଠୁ ଦୂରେଇଯାଇ ଯେପରି ନିଜ ଭବିଷ୍ୟତ ନିଜେ ଗଢ଼ନ୍ତି ଏବଂ ଭବିଷ୍ୟତରେ ମାଆ-ବାପାଙ୍କୁ ଚିହ୍ନନ୍ତି ନାହିଁ ଠିକ୍ ସେହିପରି ତା' ସ୍ୱାମୀ ମନ୍ତ୍ରୀ ଏବଂ ପୁଅ ନୀଳକୁ ମଧ ଚିହ୍ନେନା ବୋଲି ଧରିନେଇଛି ସେ । କେବଳ ରଙ୍ଗିଆ ତା' ନିଜ ଜୀବନ ଏହା ସମସ୍ତଙ୍କ ପାଖରେ ଅଛପା ନ ଥାଏ ।

ଏମିତି କେଇଟା ଦିନ ଭିତରେ ରଙ୍ଗିଆ ମାଆର ଆଚାର ବ୍ୟବହାରରେ ଗାଁ' ଲୋକେ କିଏ କେତେବେଳେ ରଙ୍ଗିଆ ମାଆକୁ ପ୍ରଥମେ 'ବାଘୁଣୀ' ବୋଲି ସମ୍ବୋଧନ କଲା ଓ କ୍ରମେ ତାହା ଗାଁ' ମାଇପଙ୍କଠୁ ଆରମ୍ଭ କରି ଅଧିକାଂଶଙ୍କ ମୁହଁରେ ସେ ବାଘୁଣୀ ପାଲଟିଗଲା, ତାହା କହିବା ଦୁସାଧ ବୋଲି ଭାଉଜ କହିଲେ ।

ଭାଉଜଙ୍କ କଥା କେଇପଦ ଶୁଣି, ମୁଁ ମନେ ମନେ ଭାବୁଥିଲି, ହୁଏତ ମୋ ପାଠପଢ଼ା ସରିଲେ ମୁଁ ଗାଁ'ରେ ରହି ମୋ ଗାଁ'ର ସବୁ ଚରିତ୍ରମାନଙ୍କୁ ମୁଁ ପୁଣିଥରେ ଅନୁଭବ କରିବି ଏବଂ ବହିଯାଉଥିବା ନଈର ତାଳେ ତାଳେ ମୋତେ ମୋ ଗାଁ'ର ଇତିହାସ ଜାଣିବାକୁ ପଡ଼ିବ, ନ ହେଲେ ମୁଁ ମୋ ଜନ୍ମମାଟିର କିଛି କରିପାରିଲି ନାହିଁ ବୋଲି କ୍ଷୋଭ ରହିଯିବ, ମୋ ଆସନ୍ତା ଜନ୍ମ ପାଇଁ । ଏହାହିଁ ସ୍ଥିରକଲି ମୋ ଜୀବନର ବ୍ରତ ଭାବରେ ।

*- ଜାରକା, ଧର୍ମଶାଳା, ଯାଜପୁର*

# ଅଜ୍ଞାତରେ ବିଷ୍ଣୁ ଦର୍ଶନ

■ ସୁଧାଂଶୁ ଭୂଷଣ ସାମଲ

ଜନୈକ ବୃଦ୍ଧାଙ୍କୁ ୮୦ ବର୍ଷ ବେଳେ ଯମାଳୟଘରୁ ଡାକରା ଆସିବା କଥା । ବୃଦ୍ଧାଙ୍କର ମଧ ଇଚ୍ଛା ଥିଲା ଯମାଳୟକୁ ଯିବାପାଇଁ କାରଣ ବୃଦ୍ଧାଟି ଭାବିଥିଲା ଯେ ମୋର ଏହି ୮୦ ବର୍ଷ ହେଉଛି ଜୀବନର ଅନ୍ତିମ ସମୟ । ଏହା ହେଉଛି ୫୦ ବର୍ଷ ତଳର କଥା । ସେହିଦିନଠାରୁ ବୃଦ୍ଧାଟି ଘାଣ୍ଟିଚକଟି ହେଉଛି । ପକ୍ୱକେଶ, ଦାନ୍ତ ନାହିଁ, ଠାକରା ମୁହଁ । ପୋରଡ଼ ପୋରଡ଼ ଦୁଇଟି ଆଖି । ହାତ ଗୋଡ଼ ଡାଙ୍ଗ ପରି । ପାଟିରେ ଖନଖନ କଥା କହୁଛି । ଆଖିକୁ ଦେଖା ହେଉନାହିଁ । କାନକୁ ଶୁଭୁନାହିଁ । ନିଶ୍ୱାସପ୍ରଶ୍ୱାସ ଭଲଭାବରେ ଯିବଆସିବା କରିପାରୁ ନାହିଁ । ଖାଇବା ପିଇବା କିଛି ନାହିଁ କହିଲେ ଚଳେ । ବସିଉଠି ପାରୁନି । ଝାଡ଼ାପରିସ୍ରା ହବାର ଜାଣିପାରୁନି । ରାତିଦିନ ଚବିଶ ଘଣ୍ଟା ଚିତ୍କାର କରୁଛି । ସାଇପଡ଼ିଶାମାନେ ବିରକ୍ତ ହେଉଛନ୍ତି । ସେହିଦିନଠାରୁ ଆଜିପର୍ଯ୍ୟନ୍ତ ବୃଦ୍ଧାଟି ସେହି ଅବସ୍ଥା ଅଛି । ଜୀବନର ଅନ୍ତିମ ସମୟ କେଉଁଠି ? କେତେବେଳେ ? ଜୀବନର ଅନ୍ତିମ ସମୟ କାହାକୁ କହନ୍ତି ? ଏହିପରି ଅନେକ ଅନେକ ପ୍ରଶ୍ନ ଅନେକ ଅନେକ ଲୋକମାନଙ୍କ ମୁଖରୁ ଶୁଣାଯାଉଛି । ଏହା ଏକ ଅଦ୍ଭୁତ ପ୍ରଶ୍ନ । ବର୍ତ୍ତମାନ ବୃଦ୍ଧାଟିକୁ ୧୩୦ ବର୍ଷ ଚାଲିଛି । ବୃଦ୍ଧାଟି ମାୟାଜାଲରୁ ଉଦ୍ଧାର ପାଇପାରୁନାହିଁ । ବିଷୟ ଜାଲରେ ବୁଡ଼ିରହିଛି ।

ଯମରାଜାର ଜ୍ୟୋତିଷ ଚିତ୍ରଗୁପ୍ତ ପାଞ୍ଜି ଖେଳାଉ ଖେଳାଉ ବୃଦ୍ଧା କଥାଟି ଜାଣି ପକାଇ ମୁଣ୍ଡରେ ହାତ ଦେଇଦେଲା । ଏ'ତ ୫୦ ବର୍ଷଳ ତଳର କଥା । ଯମରାଜାଙ୍କୁ କିପରି ଜଣାଇବି ? ଯାହାହେଉ ଭୟରେ ଥରଥର କଣ୍ଠରେ ଯମରାଜାଙ୍କୁ କହିଲା । ଯମରାଜା ଖୁବ୍ ଜୋର୍‌ରେ ରାଗିଯାଇ ସିଂହାସନରୁ ଉଠି ଚିତ୍ରଗୁପ୍ତକୁ ଗଦାରେ ପ୍ରହାର କରିବାକୁ ଉଦ୍ୟତ ହୁଅନ୍ତେ, ଚିତ୍ରଗୁପ୍ତ ନିଜର ଭୁଲ୍ ସ୍ୱୀକାର କରି ଯମରାଜାଙ୍କ ଗୋଡ଼ତଳେ ଲମ୍ବ ହୋଇଶୋଇଗଲେ । ଯମରାଜା ନିଜକୁ ସଂଯତ ରଖି ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲେ । ଚିତ୍ରଗୁପ୍ତ ଧୀରେ ଧୀରେ ଉଠି ଥର ଥର କଣ୍ଠରେ କହିଲା, ମହାରାଜ ! ମଲ୍ଲୀପୁର ଗାଁରେ ମଲ୍ଲୀବୁଢ଼ୀକୁ ୧୩୦ ବର୍ଷ ହୋଇଯାଇଛି । ୮୦ ବର୍ଷ ସମୟରେ ସେ ଯମାଳୟକୁ ଆସିବା କଥା । ଆପଣ ସେ ସମୟରେ ନ ଥିଲେ । ମୁଁ କହିବାକୁ ଭୁଲିଯାଇଛି । ଯମରାଜ କହିଲେ, ଆଚ୍ଛା ଆଚ୍ଛା ! ମୋ ଦୂତ କାଳ ଓ ବିକାଳକୁ ଡାକିଦିଅ । ଆଜ୍ଞା ହଜୁର୍ କହି ଚିତ୍ରଗୁପ୍ତ ଆସି କାଳ-ବିକାଳଙ୍କୁ ଡାକିଦେଇ ଚାଲିଗଲା ।

ସଙ୍ଗେ ସଙ୍ଗେ ଯମ ନିର୍ଦ୍ଦେଶ ଦେଲେ– ହେ ମୋ ଦୂତ କାଳ ବିକାଳ, ଅବିଳମ୍ବେ ଛୁଟିଯାଅ ମଲ୍ଲୀପୁର ଗାଁ'କୁ ସେ ମଲ୍ଲୀବୁଢ଼ୀକୁ ନେଇଆସ ।

ସଙ୍ଗେ ସଙ୍ଗେ ମଲ୍ଲୀପୁର ଗାଁ'ରେ ପହଞ୍ଚି ଯମଦୂତ କାଳ ବିକାଳ ମଲ୍ଲୀବୁଢ଼ୀକୁ ଡାକିଲେ । ହେ ବୁଢ଼ୀ ! ଆମେ ଯମଦୂତମାନେ ଆସିଛୁ, ଯମରାଜା ପଠାଇଛନ୍ତି । ତୁ ଯମାଳୟକୁ ଯିବୁ । ବୁଢ଼ୀ ପଚାରୁଛି କିଏ କିଏ ତୁମେ ଯମଦୂତ ? ଆଜିକୁ ପଚାଶ ବର୍ଷ ହେଲା କୁଆଡ଼େ ଯାଇଥିଲ ? ତମ ଯମରାଜା କୁଆଡ଼େ ଯାଇଥିଲା । ତମ ଜ୍ୟୋତିଷ ଚିତ୍ରଗୁପ୍ତ କ'ଣ ଶୋଇପଡ଼ିଥିଲା କି ? ମୋତେ ୮୦ ବର୍ଷ ହେଲାବେଳେ ମୋର ଜୀବନଦୀପ ଲିଭି ଲିଭି ଯାଉଥିଲା । ତେଲ ଦୀପରେ ନ ଥିଲା । ତୁମର ଆସିବା ଡେରି ହେବାରୁ ସମୀର ମୋର ଜୀବନଦୀପକୁ ତେଜିଲା । ଆଜିପର୍ଯ୍ୟନ୍ତ ସେ ମୋ ଜୀବନ ଦୀପକୁ ବସି ଜାଳୁଛି । ଯାଅ, ତମ ଯମରାଜାଙ୍କୁ କହିଦେବ । ମୋର ଯମାଳୟକୁ ଯିବାପାଇଁ ଅନେକ ଡେରି ଅଛି ।

ଯମଦୂତମାନେ ପୁଣି ପଚାରିଲେ, ହେ ବୁଢ଼ୀ ! ଯିବୁ କି ନାହିଁ କହ ? ଆମକୁ ତୋ ସାଙ୍ଗରେ ଗପିବାକୁ ସମୟ ନାହିଁ । ମୁଁ ମଧ ତମ ସାଙ୍ଗରେ ଗପି ଅଯଥା ସମୟ ନଷ୍ଟକରିବାକୁ ଚାହୁଁନି । ମୋର ବୃଦ୍ଧ ଓ ବୃଦ୍ଧା ପୁଅ-ବୋହୂ, ବୃଦ୍ଧ-ବୃଦ୍ଧା ନାତିନାତୁଣୀ ବୋହୂ, ବୃଦ୍ଧ-ବୃଦ୍ଧା ଝିଅ-ଜ୍ୱାଇଁ ସମସ୍ତେ ଘେରି ବସିଛନ୍ତି । ଆରେ ହେ ବୁଢ଼ୀ ତୁ ଜାଣିପାରୁନୁ ମାୟାଜାଲ ତୋତେ ଘେରି ରହିଛି । ସେମାନେ ସମସ୍ତେ ତୋ' ଉପରେ ଚିଡୁଛନ୍ତି । ସମସ୍ତେ ଭଗବାନଙ୍କୁ ଏକସ୍ୱରରେ କହୁଛନ୍ତି, ହେ ଭଗବାନ୍ ! ଏ ବୁଢ଼ୀ ଆଜକୁ ୭୦ ବର୍ଷ ହେଲା ଆମକୁ ଯେଉଁ ହଇରାଣ କରୁଛି, ମଳମୂତ୍ରରେ ଘାଣ୍ଟି ଚକଟି ହେଉଛି, ତାକୁ ଶୀଘ୍ର ନେଇଯାଅ । ନ ହେଲେ ଆମ୍ଭମାନଙ୍କୁ ନେଇଯାଅ । ତୁ ଜାଣିପାରୁନୁ । ତମେମାନେ ଏଠୁ ପଳାଇଯାଅ, ମୋତେ ନିରବ ରହିବାକୁ ଦିଅ । ଯାଅ ଏଠୁ । ମୁଁ ଯେତେବେଳେ ଯମାଳୟକୁ ଯିବାକୁ ଚାହୁଁଥିଲି ତୁମେ ନେଲନାହିଁ । ମୁଁ ବର୍ତ୍ତମାନ ଯିବି ନାହିଁ । ଯା' ତମ ଯମରାଜାଙ୍କୁ କହିଦେବ ।

କାଳ ବିକାଳଙ୍କୁ ଏହିଭଳି ବୁଢ଼ୀ ବାରମ୍ବାର ତଡ଼ିକରି କହିବାରୁ

ଦୂତମାନେ ଯମ ପାଖକୁ ଫେରିଯାଇ ବୁଢ଼ୀର ବୟାନଗୁଡ଼ିକୁ ଯମରାଜାଙ୍କ ଆଗରେ ବଖାଣିଲେ । ଯମ ପ୍ରଚଣ୍ଡ ରାଗିଯାଇ ଗଦା ବୁଲାଇ ପୁଣି ଚିତ୍ରଗୁପ୍ତଙ୍କୁ ପ୍ରହାର କରିବାକୁ ଉଦ୍ୟତ ହୁଅନ୍ତେ, ଚିତ୍ରଗୁପ୍ତ ବୁଢ଼ା ପୁଣି ଲମ୍ବ ହୋଇ ଯମଗୋଡ଼ତଳେ ପଡ଼ିଗଲା । ଯମ ଶାନ୍ତ ହୋଇ ନିରବରେ ଚିନ୍ତାକଲା, କ'ଣ କରିବି ? ଯମ ଏହିଭଳି ପଞ୍ଚାକ୍ଷର ଜପିଲା ।

ଏଣେ ମଲ୍ଲୀବୁଢ଼ୀର ରହସ୍ୟ ଜାଣିବା ପାଇଁ ମଲ୍ଲୀପୁର ଗାଁ'ରେ ଗ୍ରାମବାସୀଙ୍କୁ ନେଇ ଗୋଟିଏ ସଭା କଲେ । ସଭାରେ ସ୍ଥିର ହେଲା, ଗାଁ'ର କେତେକ ମୁଖ୍ୟ ଲୋକ ଯମକୁ ଦେଖା କରିବେ । ସେହି ଅନୁସାରେ କେତେକ ମୁଖିଆ ଲୋକ ଯମପୁରକୁ ଯାଇ ଯମକୁ ଦେଖାକଲେ । ଯମ ପ୍ରଥମେ ମଲ୍ଲୀପୁରବାସୀଙ୍କୁ ଦେଖି ଭୟକଲେ ଏବଂ ସଙ୍ଗେ ସଙ୍ଗେ  ପ୍ରଣାମ ଜଣାଇ ଆସନ ଗ୍ରହଣ କରିବାକୁ ଅନୁରୋଧ କଲେ । ଯମ ସାଙ୍ଗରେ କିଛି ସମୟ ଆଳାପ ପରେ ଯମ ଶେଷରେ ନିଜେ କର୍ତ୍ତବ୍ୟହୀନ ବୋଲି କହିଲେ । ମଲ୍ଲୀପୁରବାସୀଙ୍କୁ ସିଧାସଳଖ ଯମ ମଲ୍ଲୀବୁଢ଼ୀର କିଛି କରିପାରିବ ନାହିଁ ବୋଲି କହିଲେ । ତଥାପି ମଲ୍ଲୀପୁରବାସୀମାନେ ଯମକୁ କେତେକ ପ୍ରଶ୍ନ କଲେ, ଯେ, ଶରୀରରୁ ଆତ୍ମା ବା ଜୀବ କେଉଁଠି ରହନ୍ତି । କେଉଁଠିକୁ ଆସନ୍ତି  । ଦେହର ଅନେକ ପୁଣି କେଉଁଠି ଯାଇ ରହନ୍ତି । ଯମରାଜା ଭୟରେ କହିଲେ ଆଜ୍ଞା, ଏ ପ୍ରଶ୍ନର ଉତ୍ତର ବ୍ରହ୍ମା, ଶିବ ମଧ୍ୟ କହିପାରିବେ ନାହିଁ, ଆଉ ମୁଁ ବା କ'ଣ ? କେବଳ ବିଷ୍ଣୁ ଏହାର ଉତ୍ତର ଦେଇପାରିବେ ।

ମଲ୍ଲୀପୁରବାସୀମାନେ ନୀରବ ହୋଇ ଫେରିଆସିଲେ । ବାଟରେ ଜଣେ ବୃଦ୍ଧ ବାଟୋଇକୁ ଦେଖିଲେ । ବାଟୋଇ ପଚାରିଲେ, ପୁଅମାନେ କୁଆଡ଼େ ଯାଇଥିଲ ? ଇଏ ସମସ୍ତେ ବାଟୋଇ ବୃଦ୍ଧଙ୍କୁ ମଲ୍ଲୀବୁଢ଼ୀଠାରୁ ଆରମ୍ଭ କରି ଯମ କଥା ପର୍ଯ୍ୟନ୍ତ କହିଲେ । ଆଉ ଯମକୁ  ପଚାରିଥିବା ପ୍ରଶ୍ନଗୁଡ଼ିକ ମଧ୍ୟ କହିଲେ ।

ବାଟୋଇ ବୃଦ୍ଧ ମୁରୁକି ମୁରୁକି ହସି କହିଲେ, ଆରେ ବାବା ଏ'ତ ଗଭୀର ତତ୍ତ୍ୱ । ଶରୀର ତତ୍ତ୍ୱ କଥା । ହଉ ଶୁଣ । ମଲ୍ଲୀବୁଢ଼ୀ ଆହୁରି ଦଶବର୍ଷ ବଞ୍ଚିବ । ତା'ରି ଆଗରେ ତା'ର ଯେତେ ଯେତେ ଆତ୍ମୀୟସ୍ୱଜନ ଅଛନ୍ତି ସମସ୍ତେ ମରିସାରିବା ପରେ ସେ ଯମାଳୟକୁ ଯିବ । ଯମକୁ ପଚାରିଥିବା ପ୍ରଶ୍ନର ଉତ୍ତର ହେଉଛି, ପ୍ରତ୍ୟେକଙ୍କ ଘଟରେ ଗୋଟିଏ ଚେତନା ସ୍ଥାନ ଅଛି । ତା'ର ନାମ ହେଉଛି ବିକୁଣ୍ଠି । ସେହି  ଚେତନା ସ୍ଥାନରେ ଜୀବ ରହେ । ଦେହର ଅନ୍ତେ ଜୀବ ବିକୁଣ୍ଠି ବ୍ରହ୍ମରେ ମିଶେ । କିଛି ବାଟ ଗଲାପରେ ବାଟୋଇ ବୃଦ୍ଧଟି ଅନ୍ତର୍ଦ୍ଧାନ ହୋଇଗଲେ । ମଲ୍ଲୀପୁର ଗ୍ରାମବାସୀ ସ୍ୱୟଂ ବିଷ୍ଣୁ ଦର୍ଶନ କଲେ; କିନ୍ତୁ ଜାଣିପାରିଲେ ନାହିଁ ।

*– କଡ଼ାଇ, ବଡ଼ଚଣା, ଯାଜପୁର*


AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

# ଶୁଭେନ୍ଦୁର ବୁଦ୍ଧି

■ ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ

ବୈଶାଖ ମାସ । ଖୁବ୍ ଗରମ । ସତେଅବା ପୁଳାକୁପୁଳା ନିଆଁ ଆକାଶରୁ ବର୍ଷୁଛି । ତା' ସାଙ୍ଗକୁ ଝାଞ୍ଜିପବନ । ଏଣେ ବିଜୁଳି ବହୁ ସମୟ ରହୁନାହିଁ । ଆଗେ ଲୋକମାନେ ଯେମିତି ସେମିତି ଚଳିଯାଉଥିଲେ, ହେଲେ ଏଇ କେତେବର୍ଷ ହେଲା ବିଜୁଳି ସୁଆଦ ପାଇବା ପରଠୁ ଆଉ ଅନ୍ଧାରରେ ରହିବା କଷ୍ଟ । ବିଞ୍ଚଣା ବୁଲାଇବାକୁ ଇଚ୍ଛା ହେଉନାହିଁ । ପ୍ରାୟ ସମସ୍ତେ ଘରୁ ବାହାରି ଆସି ଦାଣ୍ଡପିଣ୍ଡା କିମ୍ବା ଝଙ୍କାଳିଆ ଗଛତଳେ ବସି ହାତରେ ବିଞ୍ଚଣା ଖଣ୍ଡେ ଲେଖାଁ ବୁଲାଉଥା'ନ୍ତି । କେହି ପ୍ରକାଶ୍ୟରେ ବା କେହି ମନେ ମନେ ବିଜୁଳି ନ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ଗାଳି ଦେଉଥା'ନ୍ତି । ସବୁରି ମନରେ ରାଗ । ପାଖରେ ପାଆନ୍ତେ କି ମାଡ଼ ମାରନ୍ତେ ଅବା !

''ଆମ ଓଡ଼ିଶା ରାଜ୍ୟ ତ ବିଦ୍ୟୁତ୍ ଉତ୍ପାଦନରେ ଆଗୁଆ । ଏଣେ କମ୍ପାନୀ ହାତକୁ ଟେକିଦେଇ ସରକାର କୁଆଡ଼େ ଲାଭରେ ଅଛି ? ଆଉ ବଳକା ବିଦ୍ୟୁତ୍ ପଡ଼ୋଶୀ ରାଜ୍ୟମାନଙ୍କୁ ବିକୁଛି । ହେଲେ ଏ ଅଗ୍ନିବର୍ଷୀ ଖରାଦିନେ ଲାଇନ୍ କାଟୁଛନ୍ତି କାହିଁକି ?'' ଏ କଥା ଦାମ ମହାପାତ୍ରେ ଶ୍ୟାମ ଚୌଧୁରୀଙ୍କୁ ଚାହିଁ ପ୍ରଶ୍ନ କଲେ । ଶ୍ୟାମ ଚୌଧୁରୀଏ ଟିକେ ନାସ ଶୁଙ୍ଘିଦେଇ ଉତ୍ତରଦେଲେ– ''କ'ଣ କହୁଥିଲେ ମହାପାତ୍ରେ ! ଏ ବିଜୁଳି କଥାଟି ? ଛାଡ଼ ଛାଡ଼ ହେ ! ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ । ଏ ଦିନ ରାତି ଚବିଶ ଘଣ୍ଟାରୁ ବାରଘଣ୍ଟା ଉପରେ ବିଜୁଳି ରହୁନି । ପୁଣି ମନଇଚ୍ଛା କଟୁଛି । ବେଳ ଅବେଳ କିଛି ନାହିଁ । ତୁମେ ପିଲାଛୁଆ ନେଇ ହଇରାଣ ହେଉଥା, କିଏ ଦେଖୁଛି ? ଯା'ପ ସରକାର ତ ଅନନ୍ତଶୟନରେ ଶୋଇଛନ୍ତି । କାହାକୁ କହିବା ?''

ବୟସ୍କ ଲୋକମାନେ ଏମିତି କଥା ହେଉଥା'ନ୍ତି । କେହି ତାଳପତ୍ରର ବିଞ୍ଚଣା ତ କେହି ପ୍ଲାଷ୍ଟିକ୍ ବିଞ୍ଚଣାରେ ବିଞ୍ଚି ହେଉଥାନ୍ତି । କୂଅର ଥଣ୍ଡାପାଣିରୁ ଢାଳେ ଢାଳେ ରଖି ଦଉଡ଼ିଆ ଖଟିଆରେ ଗଡୁଥା'ନ୍ତି ଗାଁ ମୁଣ୍ଡର ଆମ୍ବତୋଟାରେ । ସେଠାରେ ମହାପାତ୍ର ଓ ଚୌଧୁରୀଙ୍କ ପରି ବହୁ ଲୋକ ଗଡୁଥା'ନ୍ତି । ପିଲାମାନେ ତୋଟା ଛାଇରେ ଖେଳୁଥା'ନ୍ତି । ତାଙ୍କର ଏତେ କଥାକୁ ଚିନ୍ତା ନ ଥାଏ । ''ବାଇଚଢ଼େଇର କି ଯାଏ ନା ବାଆ କଲେ ବସା ଦୋହଲୁଥାଏ'' ନ୍ୟାୟରେ ସେମାନେ ନିଶ୍ଚିନ୍ତ ଥାଆନ୍ତି ।

ଗାଁ'ତୋଟାକୁ ଲାଗି ବଡ଼ ପୋଖରୀଟିଏ । ଚାରିଦିଗରେ ଚାରି ଚାରିଟା ଘାଟ । ସେଥିରେ କାଚକେନ୍ଦୁ ପରି ନିର୍ମଳ ପାଣି । ହେଲେ ବଡ଼ ଗଭୀର । ଗ୍ରାମବାସୀ ଏକାଠି ମିଶି ଦଳ କାଢ଼ି ମାଛ ଯାଆଁଳ ଛାଡ଼ନ୍ତି । ମାଛ ବିକ୍ରି କରି ଗାଁ'ରେ ଏକ କୋଠବ୍ୟାଙ୍କ ଖୋଲିଛନ୍ତି । ସୁବିଧା ଅସୁବିଧାରେ ଗ୍ରାମବାସୀ ସେଥିରୁ ଅଳ୍ପ ସୁଧରେ ଟଙ୍କା ନିଅନ୍ତି । ମାଛ ବିକ୍ରି ଟଙ୍କା ମଧ୍ୟ ଗ୍ରାମର ଉନ୍ନତିରେ ଲାଗେ । 'ରଜ' ତିନିଦିନ କୋଠ ପୋଖରୀରୁ ମାଛ ଧରାଯାଇ ପ୍ରତି ଲୋକଙ୍କ ଘରେ ଦିଆଯାଏ ।

ପୋଖରୀରେ କେତେ ବୁଦା କଇଁ ତା'ର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଇଥାଏ । ପୋଖରୀ ବନ୍ଧରେ ନାନା ଜାତିର ଫଳଗଛ । କଦଳୀ, ନଡ଼ିଆ, ଗୁଆ, ଅମୃତଭଣ୍ଡା, ପିଜୁଳି ଓ ଲେମ୍ବୁ ସାଙ୍ଗକୁ ମଲ୍ଲୀ, ମନ୍ଦାର, ରଜନୀଗନ୍ଧା, ଟଗର, ସୁଗନ୍ଧରାଜ, କରବୀର ପ୍ରଭୃତି ଫୁଲଗଛ ଥାଏ । ତା' ମୂଳରେ ବସିଲେ ଖରାତାତି ବାଧେନାହିଁ । କିଛି ପିଲା ସେହି ପୋଖରୀ ବନ୍ଧରେ ଖେଳୁଥା'ନ୍ତି । ଦିନ ଗଡ଼ିଗଲାଣି । ତୋଟାରୁ ବୟସ୍କ ଲୋକମାନେ ଛାଇ ଲେଉଟାବେଳ ହେବାରୁ ଯେ ଯାହାର କାମଧନ୍ଦାରେ ବିଲବାଡ଼ିକୁ ଗଲେଣି ।

ଶୁଭେନ୍ଦୁ ତାଙ୍କ ଗ୍ରାମ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢ଼େ । ସେ ଭାରି ଶାନ୍ତ ଓ ସୁଧାର ପିଲା । ତାର ବୁଦ୍ଧି ଓ ସାହାସ ବି ସେମିତି । ତୋଟାରେ ସେ ମାଧିଆ, ମଙ୍ଗୁଳିଆ, ଚକରା, ନଟିଆ, ବାଜିଆ ଆଦି ସାଙ୍ଗମାନଙ୍କ ସହିତ ଡାଳମାଙ୍କୁଡ଼ି ଖେଳୁଥାଏ । ହଠାତ୍ ପୋଖରୀ ଆଡୁ ପିଲାଏ ପାଟିକରି ଉଠିଲେ– 'ସୁଲୀ ଖୁଡ଼ୀଙ୍କ ଝିଅ ସୁକୁଟୀ ବୁଡ଼ିଗଲା ହୋ ଧାଇଁଆସ, ଧାଇଁ ଆସ ।' ପିଲାଙ୍କ ଚିତ୍କାର ଶୁଣି ଶୁଭେନ୍ଦୁ ଆଗେ ଡାଳରୁ ଡେଇଁପଡ଼ି ଧାଇଁ ଆସିଲା । ତା' ପଛେ ପଛେ ତା'ର ସାଙ୍ଗ ପିଲାଏ ଦୌଡ଼ିଲେ । ଶୁଭେନ୍ଦୁ ଦେଖିଲା, ସାଇପିଲାଏ କାନ୍ଦୁଛନ୍ତି । ପାଣିରେ ଝିଅଟା ବୁଡୁଛି ଆଉ ଉଠୁଛି । ସେ ପାଟି କରି ଚିତ୍କାର କଲା– ''ଦମ୍ଭ ଧର, ମୁଁ ଅଛି । ତୋତେ ତୁଠକୁ ନେଇଆସିବି ।'' ଏତିକି କହି ସେ ଚାରିଆଡ଼କୁ ଚାହିଁଲା, ଦେଖିଲା– 'ଗାଁ ଧୋବଣୀ ପୋଖରୀ ବନ୍ଧରେ ଲୁଗାଗୁଡ଼ାଏ ଶୁଖାଇଛି ।' ମାଇପପିନ୍ଧା ଲୁଗାସବୁ ବାରହାତିଆ । ସେ ଚଟାପଟ ଦୁଇଟା ଲୁଗା ଉଠାଇ ନେଇ ଗଣ୍ଠି ପକାଇଲା । ତାକୁ ଗୁଡ଼ାଇ ପେଣ୍ଡୁ ପରି କରି ସୁକୁଟୀ ପାଖକୁ

ଗୋଟେ ମୁଣ୍ଡ ଧରି ଫିଙ୍ଗିଦେଲା । ସୁକୁଟୀ ହାତ ପାଖରେ ସେ ଲୁଗା ପଡ଼ିବାରୁ ସେ ଜୀବନ ବିକଳରେ ତାକୁ ମାଡ଼ିବସିଲା । ମାଛ ଗିଳିଥିବା ବନିଶୀର ଡୋର ଟାଣିଲା ପରି ଶୁଭେନ୍ଦୁ ଲୁଗା ଟାଣି ଚାଲିଲା । ଶେଷରେ ଲୁଗାର ଆର ମୁଣ୍ଡଟି ଧରି ସୁକୁଟୀ କୂଳରେ ଲାଗିଲା । ଶୁଭେନ୍ଦୁ ଆଉ ସମୟ ନଷ୍ଟ ନ କରି ପାଣିରୁ ତାକୁ ଛାଣି ଆଣିଲା ।

ତା'ର ମନେପଡ଼ିଲା ଏଇ କିଛିଦିନ ତଳେ ଜଣେ ଡାକ୍ତରବାବୁ ତାଙ୍କ ସ୍କୁଲକୁ ଆସିଥିଲେ । ସେ ପ୍ରଧାନଶିକ୍ଷକଙ୍କ ସହ ସବୁ ଶ୍ରେଣୀର ପିଲାମାନଙ୍କୁ ଏକ ସଭାରେ ଏକାଠି କରି ପ୍ରାଥମିକ ଚିକିତ୍ସା କିପରି କରିବ, ସେ କଥା ବେଶ୍ ବୁଝାଇ କହିଥିଲେ । ବିଦ୍ୟୁତ୍ ଆଘାତରେ, ନିଆଁରେ ପୋଡ଼ିଗଲେ, ପାଣିରେ ବୁଡ଼ିଗଲେ, ସାପକାମୁଡ଼ିଦେଲେ କିମ୍ବା ପଡ଼ିଯାଇ ଗୋଡ଼ହାତ ଭାଙ୍ଗିଗଲେ କ'ଣ କରାଯିବ । ସେମିତି ପ୍ରାଥମିକ ଚିକିତ୍ସା କରି ଶୁଭେନ୍ଦୁ ଝିଅଟି ପେଟରୁ ପାଣିତକ ବାହାର କରିଦେଲା ।

ସେତେବେଳକୁ ସେଠାରେ ଗ୍ରାମବାସୀ ପହଞ୍ଚିଗଲେଣି । ଗ୍ରାମ ମୁଖିଆ ସୁକୁଟୀକୁ ଡାକ୍ତରଖାନା ନେଇଗଲେ । ସେଠାରେ ଚିକିତ୍ସା ପରେ ତା'ର ଚେତା ଫେରିଲା । ପ୍ରଥମେ ସେ ତା'ର ପ୍ରାଣରକ୍ଷାକାରୀ ଶୁଭେନ୍ଦୁ ଭାଇକୁ ଖୋଜିଲା । ଦୁଇଦିନ ପରେ ରାକ୍ଷୀ ପୂର୍ଣ୍ଣମୀ । ସୁକୁଟୀ ଶୁଭେନ୍ଦୁ ଘରକୁ ଯାଇ ତା' ହାତରେ ରାକ୍ଷୀଟିଏ ବାନ୍ଧି ଦେଇ କହିଲା– ଭାଇ ! ତମେ ମୋର ଜୀବନ ରଖିଛ । ମୋର ତ କେହି ଭାଇ ନାହାନ୍ତି । ତମେ ମୋର ଧର୍ମ ଭାଇ ଆଜିଠୁ ହେଲ । ସର୍ବଦା ମୋତେ ଆପଦ ବିପଦରେ ସାହା ହେଉଥିବ ଏମିତି ।

ଶୁଭେନ୍ଦୁ ସ୍ନେହରେ ତା'ର ମୁଣ୍ଡ ଆଉଁଶିଦେଇ କହିଲା– ''ତୋ କଥା ନିଶ୍ଚେ ରଖିବି । ମୋର ବି କେହି ଭଉଣୀ ନାହାନ୍ତି । ମୋ ମନରେ ସେଥିପାଇଁ ବହୁତ କଷ୍ଟ ଥିଲା । ଦେଖୁନୁ ମୋତେ ଠାକୁରେ କେମିତି ତୋତେ ଦେଇ ମୋ କଷ୍ଟ ଦୂରେଇ ଦେଲେ ! ଚାଲ୍ ସେହି ପରମେଶ୍ୱରଙ୍କୁ ପ୍ରଣାମ କରିବା । ତାଙ୍କରି ଆଶୀର୍ବାଦ କାମନା କରିବା । ଦୁହେଁ ଠାକୁରଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ମୁଣ୍ଡରେ ଲଗାଇଲେ । ଏତିକିବେଳେ ଶୁଭେନ୍ଦୁର ମାଆ ଆସି କହିଲେ– ''ଆସରେ ପିଲାଏ ! ପିଠା ମିଠା ସବୁ ବାଢ଼ିଦେଲିଣି । ଖାଇବ ଚାଲ ।''

ଶୁଭେନ୍ଦୁ ଓ ସୁକୁଟୀ ହସି ହସି ହାତ ଧରାଧରି ହୋଇ ମାଆଙ୍କ ପଛେ ପଛେ ଉଠିଗଲେ ।

*– ଜବାହର ନବୋଦୟ ବିଦ୍ୟାଳୟ, ଦେବଗଡ଼*



# ଅଶ୍ରୁଭିଜା ଅନୁଭୂତି

■ ରତ୍ନପ୍ରଭା ଦେବୀ (ଷଡ଼ଙ୍ଗୀ)

ଅଠାବନଟି ବସନ୍ତ ଅତିକ୍ରାନ୍ତ ହେଲାପରେ ଅଚାନକ ଆସିଛି କ୍ଲାନ୍ତ ଅପରାହ୍ଣ । ତନୁ, ମନ, ଅବୟବ ସବୁ ଅବଶ ହୋଇଯାଇଛି । ସ୍ମୃତି ପରଦାରେ ଝଲସି ଉଠୁଛି ସୁଦୂର ଅତୀତର ପାରିବାରିକ ଅର୍ଦ୍ଧପାସୋରା ଛବି । ରୀତାର ନୟନ କୋଣରେ ଭରିଯାଉଛି ତପ୍ତ ଅଶ୍ରୁର ଧାରା । ଶତଚେଷ୍ଟା ପରେ ଅବୁଝା ମନ ଶାନ୍ତ ହେଉନି । ବିଗତଦିନର ଅସ୍ପଷ୍ଟ ଛବିଗୁଡ଼ିକ ଗୋଟିଏ ପରେ ଗୋଟିଏ ମରମ ଦର୍ପଣରେ ପ୍ରତିଫଳିତ ହେଉଛି ।

ନିରାକାରବାବୁ ଥିଲେ ଉଚ୍ଚ ବିଦ୍ୟାଳୟର ଜଣେ ବିଜ୍ଞାନ ଶିକ୍ଷକ । କୃତି ଶିକ୍ଷକ ହିସାବରେ ବେଶ୍ ସୁନାମ ଅର୍ଜନ କରିଥିଲେ । ରାଜରାଜୁଡ଼ା ଶାସିତ ଅମଳରେ ପୁରସ୍କାରସ୍ୱରୂପ କିଛି ଜମି ମଧ୍ୟ ପ୍ରାପ୍ତ କରିଥିଲେ । ଛ'ଟି ପୁତ୍ର ଓ ଛ'ଟି କନ୍ୟାସନ୍ତାନର ସେ ଥିଲେ ଜନକ । ଏତେବଡ଼ ପରିବାରର ଦାୟିତ୍ୱ ବହନ କରି ସେ ଅର୍ଥାଭାବର ସମ୍ମୁଖୀନ ହେଉଥିଲେ । ପତ୍ନୀ ଉଷାଦେବୀଙ୍କର ପୁତ୍ର ସନ୍ତାନମାନଙ୍କୁ ଉଚ୍ଚଶିକ୍ଷିତ କରାଇବା ପରେ ଉଚ୍ଚ ଅଭିଳାଷ ଓ ଭୂମିକା ଥିଲା । ସେ ନିଜର ଗହଣା ବନ୍ଧା ପକାଇ ନିଜର ସ୍ୱପ୍ନ ସାକାର କରିବାରେ ବ୍ୟସ୍ତ ଥିଲେ । ସମୟକ୍ରମେ ଜ୍ୟେଷ୍ଠ ପୁତ୍ର ଦୟାନିଧି ୨୦ ବର୍ଷ ବୟସରେ ବି.ଏସ୍‌ସି. ପାସ୍ କଲେ । ଇତିମଧ୍ୟରେ ପିତା ନିରାକାରବାବୁ ଚାକିରିରୁ ଅବସର ନେଲେ । ଫଳରେ ଦୟାନିଧିଙ୍କର ଅର୍ଥାଭାବରୁ ଏମ୍.ଏସ୍‌ସି. ପଢ଼ିବାର ଆଶା ମଉଳିଗଲା । ପରିବାରର ଗୁରୁ ଦାୟିତ୍ୱ ବହନ କରିବା ଉଦ୍ଦେଶ୍ୟରେ ଦୟାନିଧି ଏକ ଛୋଟିଆ ସରକାରୀ ଚାକିରିରେ ଯୋଗଦାନ କଲେ । ସାନଭାଇମାନଙ୍କ ମଧ୍ୟରୁ ଅନିଲକୁ ଇଞ୍ଜିନିୟରିଂ ଏବଂ ରଞ୍ଜନକୁ ଡାକ୍ତର ପାଠ ପଢ଼ାଇ ସାମାଜିକ ପ୍ରତିଷ୍ଠା ହାସଲ କରାଇବାରେ ସାହାଯ୍ୟ କଲେ । ଅନ୍ୟ ତିନିଭାଇ ରବି, ଗୋପାଳ ଓ ରାମ ପୃଥକ୍ ପୃଥକ୍ ତିନିଗୋଟି କମ୍ପାନୀରେ ଅବସ୍ଥାପିତ ହୋଇ ନିଜ ନିଜର ଗୁଜୁରାଣ ମେଣ୍ଟାଇବାକୁ ସକ୍ଷମ ହେଲେ । କାଳକ୍ରମେ ଦୟାନିଧି ବିବାହ କରି ସାଂସାରିକ ବନ୍ଧନରେ ଆବଦ୍ଧ ହେଲେ । ପତ୍ନୀ ଓ ତିନି ସନ୍ତାନର ଦାୟିତ୍ୱ ସହ ପରିବାରର ଗୁରୁଦାୟିତ୍ୱ ମଧ୍ୟ ବହନ କରିଥିଲେ । ଭାଇମାନେ ଯୋଗ୍ୟ ହୋଇ ରୋଜଗାରକ୍ଷମ ହେଲାପରେ ଭଉଣୀମାନଙ୍କୁ ଯଥାସାଧ୍ୟ ଯୋଗ୍ୟା କରି ବିବାହ ଦେବା ଇତ୍ୟାଦି କାର୍ଯ୍ୟ ସଂପାଦନ କଲେ । ଇତିମଧ୍ୟରେ ସମୟର ଇସାରାରେ ପିତାମାତା ଆରପାରିକୁ ଚାଲିଗଲେ । ଜ୍ୟେଷ୍ଠ ସନ୍ତାନ ହିସାବରେ ଦୟାନିଧି ଧାର ଉଧାର କରି ପାରିବାରିକ ସମସ୍ୟାର ସମାଧାନ କରିବାକୁ ବାଧ୍ୟ ହୋଇଥିଲେ ।

ଏହି ପରିପ୍ରେକ୍ଷୀରେ ଅବସ୍ଥାଚକ୍ରରେ ପଡ଼ି ପତ୍ନୀ ରୀତାରାଣୀ ପତିଙ୍କର ଭାରାକ୍ରାନ୍ତ ମନକୁ ହାଲୁକା କରିବା ପାଇଁ ଏକ ସରକାରୀ ଚାକିରିରେ ନିଜକୁ ନିୟୋଗ କଲେ । ସ୍ୱାମୀଙ୍କର କରଜ ଶୁଝିବାରେ ବ୍ରତୀ ହେଲେ ।

ବେଢ଼ି ଉପରେ କୋରଡ଼ା ପରି ପିତୃ ଦାୟିତ୍ୱର ପରିସମାପ୍ତି ପରେ ସ୍ୱକୀୟ ଦାୟିତ୍ୱ ସଂପାଦନ କରିବାର ନିର୍ଦ୍ଦେଶନାମା ଜାରି କଲା ସମୟ । ଜନ୍ମିତ ୩ଟି ପୁତ୍ରମାନଙ୍କୁ ସମାଜରେ ସୁପ୍ରତିଷ୍ଠିତ କରିବାର ଲକ୍ଷ୍ୟ ନେଇ ପତିପତ୍ନୀ ଆପ୍ରାଣ ଉଦ୍ୟମ କଲେ । ବିଭୁକୃପା ବଳରେ ସ୍ୱପ୍ନ ସାକାର ହେଲା । ଦୟାନିଧିବାବୁଙ୍କର ବଡ଼ ପୁଅ ଡାକ୍ତର ଓ ସାନ ଦୁଇପୁଅ ଇଞ୍ଜିନିୟର ହୋଇ କୃତିତ୍ୱ ହାସଲ କରିଥିଲେ ।

ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେମାନେ କେନ୍ଦ୍ରୀୟ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଲେ । ସମୟକ୍ରମେ ଦୟାନିଧିବାବୁଙ୍କର ସମସ୍ତ ପାରିବାରିକ ସମସ୍ୟା ଅନ୍ତର୍ନିହିତ ହୋଇଗଲା । ଅଭାବ, ଅନଟନଜନିତ ମାନସିକ ଚାପର ପରିସମାପ୍ତି ଘଟିଲା

ଯେଉଁ ଭାଇମାନଙ୍କୁ ଦୟାନିଧିବାବୁ ଯୋଗ୍ୟ କରିଥିଲେ ସେମାନେ ଆବଶ୍ୟକ ସମୟରେ କୌଣସି ସାହାଯ୍ୟ ଓ ସହଯୋଗ କଲେ ନାହିଁ । ସ୍ୱାର୍ଥପର ଓ କୃତଘ୍ନ ପରି କାର୍ଯ୍ୟକଳାପ ପ୍ରଦର୍ଶନ କରିଥିଲେ । କୂଟଚକ୍ରାନ୍ତ କରି ପିତାମାତାଙ୍କର ମୃତ୍ୟୁକାଳୀନ ଟିପ ଚିହ୍ନ ବଳରେ ସମସ୍ତ ସମ୍ପତ୍ତିର ଅଧିକାରୀ ହୋଇ ଦୟାନିଧିବାବୁଙ୍କୁ ସେଥିରୁ ବଞ୍ଚିତ କରିଦେଲେ । ରକ୍ତର ସମ୍ପର୍କ ପାଣି ଫାଟିଗଲା । ଏକ ବାପାମା'ଙ୍କର ପେଟର ଭାଇ ଦୁର୍ଭାଗ୍ୟବଶତଃ ଭଗାରୀ ସାଜିଲେ ।

ଦୟାନିଧିଙ୍କୁ ହୀନମ୍ମନ୍ୟତାର ଶିକାର ହେବାକୁ ପଡ଼ିଲା । ସାନଭାଇଙ୍କର ମନରେ ଉଚ୍ଚ ପଦବୀର ଅହମିକା ଏମିତି ବସା ବାନ୍ଧିଥିଲା ଯେ ମିଥ୍ୟା ଓ ପ୍ରବଞ୍ଚନାର ଆଶ୍ରୟ ନେଇ ସେମାନେ ଦୟାନିଧିଙ୍କର କୁତ୍ସାରଟନା କରୁଥିଲେ । ପଞ୍ଚୁପାଣ୍ଡବ ହସ୍ତିନା ଛାଡ଼ି ଇନ୍ଦ୍ରପ୍ରସ୍ଥରେ ଆଶ୍ରୟ ପରି ଦୟାନିଧି ସ୍ୱକୀୟ ବାସଗୃହଟିଏ ନିର୍ମାଣ କରି ବିଭୁ ପଦାରବିନ୍ଦରେ ଜୀବନ ସମର୍ପଣ କରି କାଳାତିପାତ କରିବାକୁ ଲାଗିଲେ । ଦୟାନିଧି ଥିଲେ ଦିଲ୍‌ଦାରିଆ ଓ ଖୁସିର ମଣିଷ ଓ ନିଜ ମନ ମଧ୍ୟରେ କୌଣସି ଘୃଣ୍ୟ ପ୍ରକୃତିର ଚିହ୍ନ ନ ଥିଲା । ସବୁବେଳେ ଅନ୍ୟକୁ ସାହାଯ୍ୟ କରି ସୁଖଦୁଃଖରେ ସାଥୀ ହୋଇ ସାମାଜିକ ପ୍ରତିଷ୍ଠା ଓ ଗୌରବ ଅର୍ଜନ କରିଥିଲେ ।

ପତ୍ନୀ ରୀତାରାଣୀ ଥିଲେ ଆଧ୍ୟାତ୍ମିକ ଚେତନାର ବ୍ୟକ୍ତିତ୍ୱ । ହରପାର୍ବତୀ ତଥା ବିଭିନ୍ନ ଦେବଦେବୀଙ୍କର ଉପାସନା ବଳରେ ସେ ନିଜର ସ୍ୱାମୀ ଓ ସନ୍ତାନମାନଙ୍କର ଉନ୍ନତି କାମନା କରି ସେଥିରେ ସଫଳକାମୀ ହୋଇଥିଲେ । ତାଙ୍କର ଛୋଟ ପରିବାରଟି ଏକତାର ବ୍ରତ ପିନ୍ଧି ଯଶ ବିମଣ୍ଡିତ ହେଉ– ଏହା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ସ୍ୱାର୍ଥପର ହୃଦୟର ଲୋକମାନଙ୍କୁ ଈଶ୍ୱର କେବେ କ୍ଷମା ପ୍ରଦାନ କରନ୍ତି ନାହିଁ । ତାଙ୍କ ବିଚାରାଳୟରେ ଦୋଷୀ ଉଚିତ ସମୟରେ ଦଣ୍ଡ ପାଏ ।

ସ୍ୱାର୍ଥପର ଭାଇ ଯେ'କି ଦେଖିଲେ କଥା କହେନାହିଁ ବା ସମ୍ମାନ କରେନାହିଁ । ସେ ପକ୍ଷାଘାତ ରୋଗର ଶିକାର ହୋଇ ବାକ୍‌ଶକ୍ତି ବିହୀନ ହୋଇଗଲା । ଦକ୍ଷିଣ ହସ୍ତ ଅଚଳ ହୋଇଗଲା । ଦୟାନିଧିବାବୁ ଏଥିରେ ମର୍ମାହତ ହୁଅନ୍ତି । ବଚନ ଅଛି –

"Wickedman never goes unpunished."

*- ନୟାପଲ୍ଲୀ, ସି.ଆର୍.ପି. ଛକ, ଭୁବନେଶ୍ୱର-୧୨*

# ସେଇ ଛ' ହାତ

■ ହେମନ୍ତ କୁମାରୀ ମହାନ୍ତି

ମୁଁ ଛୋଟ ହୋଇଥିଲି; ତଥାପି ମୋର ମନେଅଛି, ମୁଁ ଯେତେବେଳେ ସନ୍ଧ୍ୟାବେଳେ ଗାଁ' ମୁଣ୍ଡରେ ବୁଲୁଥିଲି ଗୋଟିଏ ମଇଳା ଚିରା ସାର୍ଟ ପିନ୍ଧି, ଖାଲି ଗୋଡ଼ରେ । ସେ ସେତେବେଳେ ଭଲ ଫୁଲ୍ ପ୍ୟାଣ୍ଟ ସାର୍ଟ ପିନ୍ଧି ଜୋତାମୋଜା ପିନ୍ଧି ବୁଲୁଥିଲା । ଆମେ ଦୁହେଁ କିନ୍ତୁ ଥିଲୁ ଏକା ବୟସର । ସେ ଖାଲି ମୋ ଆଡ଼େ ଚାହିଁ ରହୁଥିଲା । ହୁଏତ କିଛି କହିବ ବୋଲି ଭାବୁଥିଲା; କିନ୍ତୁ ତା' ମୋ ଭିତରେ ଥିଲା ଯେଉଁ ଲକ୍ଷ୍ମଣରେଖା ସେ ତାକୁ ଟପି ପାରୁ ନ ଥିଲା । କିନ୍ତୁ ଆମେ ଦୁହେଁ ଥିଲୁ କୋମଳମତି ବାଳକ, ଦୁହିଁଙ୍କର ମନ ଥିଲା ଗଙ୍ଗା ପରି ପବିତ୍ର । କିନ୍ତୁ ବଡ଼ଲୋକର ସୀମାରେଖା ଟପି ସେ ମୋ ପାଖକୁ ଆସିପାରୁ ନ ଥିଲା । ଖାଲି ଆଖିର ଭାଷାରେ ଆମେ ଦୁହେଁ ଯାହା କଥା ହେଉଥିଲୁ ।

ତା'ପରେ ସେ ଗଲା ବଡ଼ ସ୍କୁଲରେ ପଢ଼ିବାକୁ । ମୁଁ ଗାଁ ଚାହାଳିରୁ ବହି ବସ୍ତାନି ବାନ୍ଧି ଗଲି ବା ସାଙ୍ଗରେ ଜମି କାମ କରିବାକୁ । କେମିତି ଚାଷବାସ ହେବ ଭଲ ଫସଲ ହେବ । ସେଇଥିରୁ ମୋ ବା' ଚଳୁଥିଲା ଏବଂ ସେଇ କଥାକୁ ମୁଁ ମଧ୍ୟ ଆଦରି ନେଲି । ଏମିତି ପ୍ରାୟ ସବୁ ଛୁଟିରେ ସେ ଆସେ । ଆଉ ଦଉଡ଼ିଆସେ ଗାଁ ମୁଣ୍ଡ ବରଗଛ ପାଖକୁ, ସେ ଯେତେବେଳେ ତା' ଆଖିର ଚାହାଣିରେ ମତେ ଖୋଜୁଥାଏ, ମୁଁ ସେତେବେଳେ ଗାଈ ବାଛୁରୀ ଧରି ଘରକୁ ଫେରୁଥାଏ । କେଜାଣି କାହିଁକି ସେ ଅଟକିଯାଏ ମୁଁ ମଧ୍ୟ ଅଟକିଯାଏ । ଟିକିଏ ସ୍ମିତ ହସରେ ଦୁହେଁ ଦୁହିଁକି ଅନେଇଁ ଯେଝା ବାଟରେ ଯେଝା ଚାଲିଯାଉ ।

ହଁ, ସେ ଦିନେ କୁଆଡ଼େ ଗୋଟେ ବଡ଼ ଚାକିରି ପାଇଲା । ଗାଁ ସାରା ମିଠା ବଣ୍ଟା ହେଲା, ହେଲେ ମୁଁ ସିନା କିଛି କହିପାରୁ ନ ଥିଲି; କିନ୍ତୁ ଠାକୁରଙ୍କ ପାଖରେ ମୁଣ୍ଡିଆ ମାରୁଥିଲି । ମୁଁ କାହିଁକି ତାକୁ ଏତେ ଭଲ ପାଉଥିଲି, ମୁଁ ମଧ୍ୟ ଜାଣେନି ।

ହଁ, ଏ ଭିତରେ ତା'ର ବାହାଘର ହେଲା ଗାଁ'ରେ, ଏମିତି ସାଜସଜ୍ଜା ହେଲା ଯେ କହିଲେ ନ ସରେ । ମାଛ, ମାଂସ, ମିଠାରେ ଗାଁ' ଜମିଗଲା; କିନ୍ତୁ ସେ ବର ହୋଇଗଲାବେଳେ ମୁଁ ଚୁପ୍ ମାରି ଯାଇ ସେଇ ବରଗଛ ପାଖରେ ଠିଆ ହୋଇଥିଲି । ମୁଁ ଦେଖିଛି ସେ ଗ୍ଲାସ୍ ତଳକୁ କରି ମତେ ଅନାଇ ଟିକେ ହସିଦେଲା ସତରେ ଯେମିତି ସେଇ ହସରେ ଥିଲା କେଉଁ ଜନମ ଜନମର ଆତ୍ମୀୟତା । ହଁ, ମୁଁ ମଧ୍ୟ ବାହା ହେଲି । ଆମେ ଗରିବ ଘର । କଦଳୀ ଗଛ ଦୁଇଟା ପୋତା ହେଲା । ଦାଣ୍ଡରେ ବେଦି ବନ୍ଧା ହେଲା, ବୋହୂ ଆମ ଘରକୁ ଆସିଲା । ତୋଳାକନିଆଁ ବାହାଘର ତ; କିନ୍ତୁ ମୋ ସ୍ତ୍ରୀ କଳା ହେଲେ କ'ଣ ହେବ ଗୋଟିଏ ଚାଉଳରେ ଗଢ଼ା । ସେ ପାଦରେ ଅଳତା ପାଉଞ୍ଜି ଲଗାଇ ହଳଦି ଶାଢ଼ୀ ପିନ୍ଧି ବେଶ୍ ସୁନ୍ଦର ଦେଖାଯାଉଥିଲା ।

ସେ ଗଲା ତା' ସ୍ତ୍ରୀକୁ ସାଙ୍ଗରେ ନେଇ ବାହାରକୁ, ମୁଁ ରହିଲି ଘରେ । ଥରେ ସେ କାର୍‌ରେ ତା' ସ୍ତ୍ରୀକୁ ଆଣି ଗାଁ'କୁ ଆସୁଥିଲା, ମୁଁ ବିଲରୁ ହଳଧରି ଆସୁଥିଲି । ଆଉ ମୋ ସ୍ତ୍ରୀ ମୋ ପାଇଁ ନେଇଥିବା ଭାତ କଂସା ପାଣି ମୁଣ୍ଡେଇ ମୋ ପଛେ ପଛେ ଆସୁଥିଲା । ଦେଖାହେଲା ସେଇ ବରଗଛ ପାଖରେ । ସେ ତା'ର ଗାଡ଼ି ଟିକେ ସ୍ଲୋ କଲା, ମୁଁ ବି ହଳ ଟିକେ ଅଟକାଇଲି । ସେ ଆଉ ତା' ସ୍ତ୍ରୀ ମୋ ଆଡ଼କୁ ଚଷମା ଟେକି ଅନାଇଥିଲେ । ମୋ ସ୍ତ୍ରୀ, ମୁଁ ମଧ୍ୟ ତା' ଆଡ଼କୁ ସେଇ ଧାରେ ହସ । ତା'ପରେ ଆମେ ଯିଏ ଯାହା ବାଟରେ ଆଗେଇଲୁ ।

ସମୟ ଗଡ଼ି ଚାଲିଲା । ତା'ର ସଂସାର ବଢ଼ିଲା ମୋର ମଧ୍ୟ ସଂସାର ବଢ଼ିଲା । ସେ ଘରକୁ ଆସିଲେ ଦେଖା ସେଇ ଗାଁ ମୁଣ୍ଡ ପାଖରେ । ଜାତି, ବର୍ଣ୍ଣ ବୈଷମ୍ୟର ସୀମାରେଖା ଡେଇଁ ଆମେ ଦୁଇଜଣଯାକ କେହି କାହାରି ପାଖକୁ ଯାଇପାରିନୁ; କିନ୍ତୁ ଦୁଇଜଣଙ୍କର ମଧ୍ୟ ବନ୍ଧା ପଡ଼ିଥାଏ ଗୋଟିଏ ଜାଗାରେ ।

ଏ ଭିତରେ ମୋ ଦେହ ଆଉ ଭଲ ରହୁନି । ପିଲା ମୋର ବଡ଼ ହୋଇ ହାତକୁ ଦୁଇହାତ ହେଲେଣି, ଭାରି ଇଚ୍ଛା ହୁଏ ସେଇ ବରଗଛ ମୂଳେ ଠିଆହୋଇ ତାକୁ ଅନାଇବାକୁ; କିନ୍ତୁ ଚାଲିପାରୁନି । ତା'ପରେ ସେ କେଉଁ ଗାଁ'ରେ ରହୁଛି । ଦିନେ ଶୁଣିଲି ସେ ହାର୍ଟ ଆଟାକ୍‌ରେ ଚାଲିଗଲା । ଛାତିଟା ମୋର ଧଡ୍‌କିନା ହେଲା । ସତେଯେମିତି ମୋ ନିଶ୍ୱାସ ବନ୍ଦ ହୋଇଯିବ । ତାକୁ ଗାଁ'କୁ ଅଣା ହେଲା । ବହୁତ ଜନଗହଳି ସେଇ ଗାଁ' ମୁଣ୍ଡ ବରଗଛ ପାଖ ମଶାଣିକୁ ନିଆଗଲା । ମୁଁ ମୋ ପୁଅକୁ ବହୁତ ନେହୁରା ହେବାରୁ ସେ ମୋ ହାତ ଧରି ସେଠାକୁ ନେଇଥିଲା । ମୁଁ ଆଉପାଖକୁ ଯାଇପାରିଲିନି । ସେଇ ବରଗଛ ମୂଳ ଯେଉଁଠି ଠିଆହୋଇ ଆମେ ପରସ୍ପରକୁ ଚାହୁଁଥିଲୁ ତା'ର ଶବାଧାର ଗଲାବେଳେ ମତେ ଶୁଭିଲା ସେ ଯେମିତି ସେଇ ବରଗଛ ମୂଳେ ଟିକେ ଅଟକିଗଲା । ତା'ର ଆତ୍ମା ଚାହୁଁଥିଲା ବୋଧେ । ଆଜି ହସ ନାହିଁ, ମୋ ଆଖିରୁ ଝରିପଡ଼ୁଥିଲା ତତଲା ଲୁହଧାର ।

ମୋ ପୁଅକୁ ମୁଁ ଦେଖାଇଦେଇ କହିଲି ବାପା, ତା'ର ଯେଉଁଠି ଚିତା ଜଳୁଛି, ତା'ରି ପାଖରେ ସେଇ ଛ' ହାତ ଜାଗାରେ ମୋର ଚିତା ଜାଳିବୁ । ମୋର ମଧ୍ୟ ସମୟ ହୋଇଗଲାଣି । ଏଇ ଜନ୍ମରେ ସିନା ଏକାଠି ହୋଇପାରିଲୁନି । ଅନ୍ତତଃ ପରଜନ୍ମରେ ସେଇ ଛ'ହାତ ଜାଗାରେ ଏକାଠି ରହିପାରିବୁ ତ ! ତା'ର ଚିତାଭସ୍ମ ସାଙ୍ଗରେ ମୋ ଚିତାଭସ୍ମ ଏକାଠି ହୋଇ ବର୍ଷାଦିନେ ଏଇ ଗାଁ ରାସ୍ତାରେ ବୋହିଯିବୁ ।

*- ସାଗବାରିଆ, ତିରଣ, ଜଗତସିଂହପୁର*

# ଗୁଣ ଚିହ୍ନେ ଗୁଣିଆ

■ ଚଣ୍ଡୀରାମ ପଟେଲ

ରାଜ୍ୟଟିଏ । ତହିଁରେ ଜଣେ ରାଜା ଥା'ନ୍ତି । ପ୍ରଜାମାନେ ତାଙ୍କ କାଳରେ ମହା ସୁଖଶାନ୍ତିରେ ଥା'ନ୍ତି । ରାଜା ମଝି ମଝିରେ ସୈନ୍ୟସାମନ୍ତଙ୍କ ସହ ଜଙ୍ଗଲରୁ ଶିକାର କରିବାକୁ ଯା'ନ୍ତି । ଏହିପରି କିଛି ବର୍ଷ ବିତିଗଲା ।

ଦିନକର କଥା । ସୈନ୍ୟସାମନ୍ତଙ୍କ ସହ ଜଙ୍ଗଲକୁ ବାହାରିଲେ । କ୍ରମେ ସେମାନେ ଜଙ୍ଗଲକୁ ପ୍ରବେଶ କରି ଶିକାର ଅନ୍ୱେଷଣରେ ମାତିଗଲେ ।

କିଛି ସମୟ ପରେ ରାଜାଙ୍କ ସମ୍ମୁଖରେ ମୃଗଟିଏ ଆସି ଠିଆ ହେଲା । ରାଜା ହରିଣକୁ ଦେଖି ଶର ଭେଦ କରିବାକୁ ଉଦ୍ୟମ କଲେ । ମାତ୍ର ମୃଗଟି ସାଙ୍ଗେ ସାଙ୍ଗେ ଦୌଡ଼ିଯାଇ ଅଦୃଶ୍ୟ ହୋଇଗଲା । ରାଜା ମୃଗ ପଛେ ପଛେ ଘୋଡ଼ାକୁ ଦୌଡ଼ାଇଲେ ।

କିଛି ସମୟ ପରେ ରାଜା ଘୋଡ଼ା ସହ ନିଘଞ୍ଚ ଜଙ୍ଗଲକୁ ପ୍ରବେଶ କଲେ । ଏତେବେଳେ ସନ୍ଧ୍ୟା ଆଗତ ପ୍ରାୟ । ରାଜା ଦେଖିଲେ ମୃଗଟି ଆଉ ଦେଖାଯାଉନାହିଁ । କୁଆଡ଼େ ଅଦୃଶ୍ୟ ହୋଇଗଲାଣି ।

ରାଜା ମହାଅଡୁଆରେ ପଡ଼ିଲେ । ଅନ୍ଧାର ହୋଇଥାଏ । ସୈନ୍ୟସାମନ୍ତ ଦୂରେ ବହୁ ଦୂରେ କୁଆଡ଼େ ରହିଗଲେ । ରାତି ହେଲାଣି । କୁଆଡ଼େ ଯିବେ ଫେରିବା ରାସ୍ତା ତାଙ୍କୁ ଜଣାନାହିଁ । କ'ଣ କରିବେ କିଛି ଭାବିପାରିଲେ ନାହିଁ ।

ହଠାତ୍ ତାଙ୍କ ମନକୁ ବୁଦ୍ଧିଟିଏ ପାଇଲା । ସେ ଗଛ ଉପରକୁ ଉଠି ରାତିଟା କଟାଇବାକୁ ସ୍ଥିର କଲେ । ଏଣୁ ଗଛମୂଳରେ ଘୋଡ଼ାଟିକୁ ବାନ୍ଧିଦେଲେ ଓ ନିଜେ ଗଛ ଉପରକୁ ଚଢ଼ିଗଲେ; କିନ୍ତୁ ତାଙ୍କ ମନରେ ସ୍ଥିର ନାହିଁ କି ଶାନ୍ତି ନାହିଁ । ସୈନ୍ୟଗଣ କୁଆଡ଼େ ଗଲେ ଭାବି ହେଲେ । ଭୋକରେ ତାଙ୍କ ପେଟ କଁ କଁ କରୁଛି । ଶୋଷରେ ତାଙ୍କ ତାଲୁ ଶୁଖିଗଲା ପରି ଲାଗୁଛି ।

ଏହି ସମୟରେ ରାଜା ଦେଖିଲେ ଦୂରରେ ଗୋଟିଏ ଜାଗାରେ ନିଆଁ ଜଳୁଛି ଏବଂ ପାଖରେ ଜଣେ ଲୋକ ଠିଆହୋଇଛି । ସେ ଭାବିଲେ ସେହି ଲୋକ ପାଖକୁ ଗଲେ, ତା' ପାଖରୁ ଖାଦ୍ୟପାନୀୟ ମିଳିପାରିବ । ଏଣୁ ଗଛରୁ ଓହ୍ଲାଇ ଘୋଡ଼ାଚଢ଼ି ନିଆଁ ଜଳୁଥିବା ଦିଗକୁ ଯାତ୍ରା କଲେ । କ୍ରମେ ଘୋଡ଼ାର ଟପ୍ ଟପ୍ ଶବ୍ଦ ସହ ସେ ଲୋକଟିର ପାଖରେ ପହଞ୍ଚିଲେ ।

ଲୋକଟି ଦେଖିଦେଲା– ସ୍ୱୟଂ ରାଜା ତା'ର ସମ୍ମୁଖରେ ଠିଆ । ଭୟରେ ତା'ର ହାତଗୋଡ଼ ଥରିବାକୁ ଲାଗିଲା । ସେ କିଛି କହିପାରିଲା ନାହିଁ । ଖାଲି ନାଇଁ ମହାରାଜ, ନାଇଁ ମହାରାଜ କହୁଥାଏ । ରାଜା ଲୋକଟିର ଅବସ୍ଥା ଦେଖି ତାକୁ ଅଭୟ ଦେଲେ ଏବଂ କିଛି ଖାଦ୍ୟପାନୀୟ ଅଛିକି ବୋଲି ପଚାରିଲେ । ଲୋକଟି ଟିକିଏ ଆଶ୍ୱସ୍ତି ବୋଧକଲା ଏବଂ ଧୀରସ୍ୱରରେ କହିଲା, ମହାରାଜ ! ଜଙ୍ଗଲକୁ ଆସିଲାବେଳେ ମୋର ସ୍ତ୍ରୀ ମହୁଲ ପୁଟୁକା କିଛି ଦେଇଛି ଏବଂ ଏହି ତୁମ୍ବାରେ ପାଣି ଅଛି । ଯଦି ଆପଣ ଚାହିଁବେ, ତେବେ ଦେବି ।

କ୍ରମେ କ୍ରମେ ରାଜାଙ୍କ ଭୋକ ଓ ଶୋଷ ବଢୁଥାଏ । ଏଣୁ ବିନା ଦ୍ୱିଧାରେ ତାହାକୁ ଖାଇବାକୁ ମାଗିଲେ । ଲୋକଟି ମଧ୍ୟ ଆନନ୍ଦରେ ତାହା ପ୍ରଦାନ କଲା ।

ରାଜାଙ୍କ ଘରେ ଅନେକ ପ୍ରକାର ଖାଦ୍ୟ; କିନ୍ତୁ ଆଜି ଯେଉଁ ଖାଦ୍ୟ ଖାଉଛନ୍ତି, ତାହାସବୁ ଖାଦ୍ୟଠାରୁ ଭିନ୍ନ । ତାହା ସ୍ୱାଦ ମଧ୍ୟ ଅଲଗା । ଏହା ତାଙ୍କୁ ବହୁତ ମିଠା ଲାଗିଲା । ସେ ମନରେ ତୃପ୍ତି ଅନୁସାରେ ତାହା ଖାଇଗଲେ ଏବଂ ତୁମ୍ବାର ପାଣିକୁ ପେଟ ଭରି ପିଇଗଲେ ।

ସେ ବର୍ତ୍ତମାନ ଆତ୍ମସନ୍ତୋଷ ଲାଭ କଲେ ଏବଂ ତାଙ୍କ ଜୀବନରକ୍ଷା ହେଲା ବୋଲି ଭାବିଲେ ।

ପରେ ଲୋକଟିକୁ ପଚାରିଲେ  ସେ କିଏ ଓ ରାତିରେ ଏ ଜଙ୍ଗଲରେ କ'ଣ କରୁଛି । ସେ ଲୋକଟି ଉତ୍ତର ଦେଇ କହିଲା, ''ଛାମୁ, ମୁଁ ଆପଣଙ୍କ ରାଜ୍ୟର ଜଣେ ଲୁହୁରୀ ଲୋକ ଏବଂ ଲୁହୁରା କାମ କରି ପେଟ ପୋଷେ ।''

ରାଜା କହିଲେ, ''ଲୁହୁରା ବୁଢ଼ା, ଚାଲ ରାସ୍ତା ଦେଖାଅ । ରାଜ୍ୟକୁ ଯିବା ।''

ଲୁହୁରା ବୁଢ଼ା ଆଗେ ଆଗେ ଓ ରାଜା ତା'ର ପଛେ ପଛେ ଘୋଡ଼ାରେ ବସି ରାଜ୍ୟ ଅଭିମୁଖେ ଯାତ୍ରା କଲେ ।

କିଛି ସମୟ ପରେ ସେମାନେ ତାଙ୍କ ରାଜ୍ୟରେ ପହଞ୍ଚିଲେ । ଲୁହୁରା ବୁଢ଼ା ନିଜ ଘରକୁ ଗଲା ଏବଂ ରାଜା ରାଜଉଆସକୁ ପ୍ରବେଶ କଲେ ଏବଂ ବିଶ୍ରାମ କଲେ ।

x x x x x x x

ପରବର୍ତ୍ତୀ ଦିନ ସକାଳ ହେଲା । ସୂର୍ଯ୍ୟ ପୂର୍ବଦିଗରେ ଉଇଁଲେ । ଯଥାସମୟରେ ରାଜା ନିତ୍ୟକର୍ମ ଶେଷକରି କିଛି ଜଳଖିଆ ଖାଇ, ପୋଷାକପତ୍ର ପରିଧାନ କରି ରାଜଦରବାରକୁ

ପ୍ରବେଶ କଲେ । ରାଜା ରାଜସିଂହାସନରେ ଉପବେଶନ କଲାପରେ କହିଲେ, ''କିଏ ଅଛ ଲୁହୁରା ବୁଢ଼ାକୁ ଡକାଅ ।''

ରାଜାଙ୍କ ଆଦେଶ ପାଇ ଡଗର ଶୀଘ୍ର ଶୀଘ୍ର ଯାଇ ଲୁହୁରା ବୁଢ଼ା ଘରେ ଉପସ୍ଥିତ ହେଲା ଏବଂ କହିଲା, ''ଲୁହୁରା ବାବୁ, ରାଜା ତୁମକୁ ଡାକିଛନ୍ତି; ଶୀଘ୍ର ଚାଲ ।''

ରାଜା ଡାକିଛନ୍ତି ଶୁଣି ଲୁହୁରା ବୁଢ଼ାର ଦେହରୁ ଗମ୍‌ଗମ୍ ଝାଳ ବହିବାକୁ ଲାଗିଲା । ସେ ଭାବିଲା, ''ଗତକାଲିର ରାତିର କାମରେ ରାଜା କ୍ଷୁବ୍ଧ ହୋଇଛନ୍ତି ଏବଂ ତାକୁ ଦଣ୍ଡ ଦେବାକୁ ଡାକିଛନ୍ତି ।

ସେ ଡରି ଡରି ଡଗର ସାଙ୍ଗେ ରାଜଦରବାରକୁ ଯାତ୍ରା କଲା । ରାଜା ଲୁହୁରା ବୁଢ଼ାକୁ ଦେଖି ଖୁସି ହୋଇଗଲେ ଏବଂ କହିଲେ, ''ମଉସା, ଗତକାଲି ରାତିରେ ତୁମ ଯୋଗୁଁ ମୋର ଜୀବନ ବଞ୍ଚିଲା । ତୁମ ଉପରେ ବର୍ତ୍ତମାନ ମୁଁ ସନ୍ତୋଷ । ମୋର ବାର ଏକର ଜମି ମଧ୍ୟରେ ଏକ 'ଚନ୍ଦନବନ' ଅଛି । ତାକୁ ତୁମ ନାମରେ ଲେଖିଦେଉଛି ।

ତାହାକୁ ଭୋଗଦଖଲ କରି ବିକିଭାଙ୍ଗି ଆରାମରେ ରୁହ । ଏହା କହି ଚନ୍ଦନ ବନର ଏକ ପଟ୍ଟା ତିଆରି କରି ଲୁହୁରା ହାତରେ ଅର୍ପଣ କଲେ ।

ଲୁହୁରା ବୁଢ଼ା ମହାଖୁସିରେ ରାଜାଙ୍କୁ ନମସ୍କାର ଜଣାଇ ଦରବାର ତ୍ୟାଗ କଲେ ।

ଘରେ ପହଞ୍ଚି ତା'ର ସ୍ତ୍ରୀକୁ ପଟ୍ଟାଟିକୁ ଦେଖାଇ କହିଲେ– ଆଉ ରାତିରେ କୋଇଲା ସଂଗ୍ରହ କରିବାକୁ ଜଙ୍ଗଲକୁ ଯିବାକୁ ପଡ଼ିବ ନାହିଁ । ରାଜା ଖୁସି ହୋଇ ମୋତେ 'ଚନ୍ଦନବନ' ଉପହାର ଦେଇଛନ୍ତି ।

X X X X X X X

ପରବର୍ତ୍ତୀଦିନରୁ ପ୍ରତ୍ୟହ 'ଚନ୍ଦନବନ' କୁ ଯାଇ କାଠ ଗୁଡ଼ାଇ କୋଇଲା ସଂଗ୍ରହ କରି ତାର ନିତିଦିନିଆ କାମ କରି ଗୁଜୁରାଣ ମେଣ୍ଟାଇବାକୁ ଲାଗିଲା । ଏହିପରି ପ୍ରତ୍ୟହ କରିବାକୁ ସେ ଜଙ୍ଗଲର ଅଧା ଅଂଶ ଶେଷ ହୋଇଗଲା ।

X X X X X X X

ପରବର୍ତ୍ତୀ ଘଟଣା ରାଜାଙ୍କ ମନରେ ହଠାତ୍ ଚନ୍ଦନବନ କଥା ପଡ଼ିଗଲା । ଲୁହୁରା ବୁଢ଼ାର କଥା ମନେ ପକାଇଲେ । ଭାବିଲେ ଲୁହୁରାର ଭାଗ୍ୟ ପରିବର୍ତ୍ତନ ହୋଇଯାଇଥିବ, ଯାଏଁ, ତା'ର ଅବସ୍ଥା ଟିକିଏ ଦେଖିଆସିବି ।

ଏହା ଭାବି ଦିନେ ଲୁହୁରାବୁଢ଼ା ଘରକୁ ଗଲେ । ରାଜା ଦେଖିଲେ ତା'ର ସେହି କୁଡ଼ିଆଘର, ମାଟିର କାନ୍ଥ ଉପରେ ନଡ଼ା ଛପର ଘରେ ମୂଷାମାଟି ଭରପୂର । ଲୁହୁରା ବାରିପଟେ ଚନ୍ଦନ କାଠକୁ ଗୁଡ଼ାଇବାରେ ବ୍ୟସ୍ତ । ରାଜା ସବୁ କଥା ଦେଖିଲେ ଓ କହିଲେ ଲୁହୁରା ତୁମେ ଏ କ'ଣ କରୁଛ ? ଏହା ଚନ୍ଦନକାଠ ଅଟେ । ଏହାକୁ କୋଇଲା କର ନାହିଁ । ଏହାକୁ ସହରକୁ ନେଇ ବିକ୍ରି କରି ସ୍ୱଚ୍ଛଳ ହୁଅ ।

ଏହା କହି ଘୋଡ଼ା ଝପଟାଇ ନିଜ ଉଆସକୁ ପ୍ରତ୍ୟାବର୍ତ୍ତନ କଲେ । ତା' ପରଦିନ ଲୁହୁରା ବୁଢ଼ା ଚନ୍ଦନବନକୁ ଯାଇ ଦୁଇ କେ.ଜି. ପରିମାଣ ଚନ୍ଦନକାଠ ସଂଗ୍ରହ କଲେ ଏବଂ ବିକ୍ରି କରିବାକୁ ସହରକୁ ଗଲା ।

ସହରକୁ ଯାଇ ଚନ୍ଦନକାଠ କିଏ ନେବ କହି ଡାକ ପକାଇଲା । ଏତେବେଳେ ଜଣେ ମହାଜନ ଦେଖିଲେ ତା'ର ଚନ୍ଦନକାଠ ସରିଯାଇଛି । ସେ ଲୁହୁରାକୁ ଡାକିଲେ ଓ ଚନ୍ଦନକୁ ଦେଖାଇବାକୁ କହିଲେ ।

ମହାଜନ ଦେଖିଲେ, ଚନ୍ଦନକାଠ ମହ ମହ ବାସୁଛି । ଏହା ଭଲ ଚନ୍ଦନକାଠ ବୋଲି ଠଉରେଇନେଲେ ଏବଂ ଖୁସିରେ ତା'ର ମୂଲ୍ୟ ପଚାରିଲେ ।

ଲୁହୁରା କହିଲା, ମହାଜନ ତୁମେ କହ ?

ମହାଜନ କହିଲା, 'ତୋର ଜିନିଷର ଦାମ୍ ତୁ କହ ।'' ଲୁହୁରା ବୁଢ଼ା ବିକ୍ରିବଟା କରି ନ ଥିବାରୁ ଉଚିତ ଦାମ୍ ଜାଣି ନ ଥାଏ । ପୁଣି ବଜାରର କିଣାବିକା ବିଷୟରେ ତା'ର ଧାରଣା ନ ଥାଏ । ତେଣୁ କହିପାରିଲା ନାହିଁ ।

ସେ କହିଲା, 'ତୁମେ କେତେ ଦେବ କହ ?'

ଶେଷରେ ମହାଜନ କହିଲେ, ''ଚାରିହଜାର ଦେବି ।'' ଚାରିହଜାର ଶୁଣି ଲୁହୁରାବୁଢ଼ା ଆଶ୍ଚର୍ଯ୍ୟ ହୋଇଗଲା, ମୁଁ ଏହାର ମୂଲ୍ୟ ନ ବୁଝି ସବୁ କାଠକୁ ପୋଡ଼ି ପକାଇଲି ବୋଲି ଦୁଃଖ କଲା । ଏହା ଭାବିଲାକ୍ଷଣି ତାର ଆଖିରୁ ଦୁଇବୁନ୍ଦା ଲୁହ ଗଡ଼ିପଡ଼ିଲା ।

ତାହା ଦେଖି ମହାଜନ କହିଲେ, ''ମନଦୁଃଖ କର ନାହିଁ । ଆଉ ଦୁଇହଜାର ଟଙ୍କା ଦେବି ।'' ଲୁହୁରା ବୁଢ଼ା ହଁ ଭରି ଦୁଇ କେ.ଜି. ଚନ୍ଦନକାଠକୁ ଛଅ ହଜାର ଟଙ୍କାରେ ବିକ୍ରି କରି ମହାଆନନ୍ଦରେ ଘରକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ସେହିଦିନଠାରୁ ଚନ୍ଦନକାଠକୁ କୋଇଲା ନ କରି ସହରକୁ ନେଇ ଚନ୍ଦନକାଠ ବିକିବାକୁ ଲାଗିଲା ।

ଅଳ୍ପଦିନ ପରେ ତା'ର ଆର୍ଥିକ ଅବସ୍ଥା ବଦଳିଗଲା । ସେ ସ୍ୱଚ୍ଛଳ ହୋଇଗଲା । ଏହାକୁ କୁହାଯାଏ– ''ଗୁଣ ଚିହ୍ନେ ଗୁଣିଆ, ଉଷୋ ଚିହ୍ନେ ବଣିଆ ।''

*– ସତୀଦର୍ହୀ, ବରଗଡ଼*

# ସାରା ଅଂଚଳ ଜଗନ୍ନାଥମୟ

■ ହରିପ୍ରିୟା ରାଉତରାୟ

ମା' ଡାକୁଥିଲେ ତାଙ୍କ ବଡ଼ ଝିଅକୁ ଶୀଘ୍ର ଶୀଘ୍ର ସ୍ନାନ କରି ବାହାରିପଡ଼େ, ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ମହାଦାରୁବୃକ୍ଷ ଦେଖିବାକୁ ଯିବା । ଭାଗ୍ୟରେ ଥିଲେ ଏହା ଦେଖିବାକୁ ମିଳେ ।

ନିଆଳୀ ଗାଁ ଗୋଟାକସାରା ଯିବେ । ଜଲ୍‌ଦି ବାହାରିପଡ଼େ । ତିରିଶ କିଲୋମିଟର ସମସ୍ତେ ଚାଲି ଚାଲି ଯିବେ । ଏଇ ଚର୍ମଚକ୍ଷୁ ନୟନରେ ଦେଖିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାଦାରୁବୃକ୍ଷ ଶ୍ରୀଶ୍ରୀ ସୁଦର୍ଶନ ଚକ୍ରରାଜଙ୍କୁ, ଆଉ ତାଙ୍କର ନୀତିକାନ୍ତି ମନ୍ତ୍ରପାଠରେ ମନ୍ତ୍ରମୁଗ୍ଧ ଜନତାଙ୍କ ଭକ୍ତ ଦରବାରକୁ ।

ଆଲୋ ଆ' ଗାଡ଼ି ଛାଡ଼ିଦେବ । ମା',ଝିଅ ଗୀତାକୁ ଧରି ବାହାରିପଡ଼ିଲେ ବସ୍‌ରେ ବସିବାକୁ । ମା'ଝିଅ ଭାରି ଖୁସି, ଯାହାହେଉ ସିଟ୍‌ଟିଏ ମିଳିଗଲା ବୋଲି । ଗୋଟିଏ ବ୍ୟାଗ୍‌ରେ ପାଣି ବୋତଲ ଦୁଇଟା, ଗାମୁଛା ଖଣ୍ଡିଏ, ଆଉ ଚୁଡ଼ାଭଜା ପ୍ୟାକେଟ୍‌ଟିଏ ବାଟଘାଟକୁ ନେଇଥିଲେ ଜୀବନରକ୍ଷା ପାଇଁ ବେଳ ଅବେଳକୁ ଚାହିଁ..... ।

ହଠାତ୍ ଗାଡ଼ି ଷ୍ଟାର୍ଟ କଲା । ଲୋକଙ୍କ ହରିବୋଲ ହୁଳହୁଳି ଓ ଜୟ ସୁଦର୍ଶନ ଚକ୍ରଙ୍କର ଜୟ ହେଉ ନାଦରେ ପ୍ରକମ୍ପିତ ହେଲା ବସ୍‌ର ଯାତ୍ରା । ବାଟସାରା ଜୟ ଜଗନ୍ନାଥ ଓ ମହାଦାରୁ ବୃକ୍ଷ ରାଜଙ୍କର ଜୟ ଜୟକାର ନାଦରେ ଗଗନପବନ ଉଚ୍ଛୁଳୁଥିଲା । ହୃଦୟର ଅଫୁରନ୍ତ ଆନନ୍ଦ ଉଲ୍ଲାସର ଭରପୂର ଆବେଗ । ସାରା ଜଗତର ଭାବାବେଗର ମଙ୍ଗଳ ମୁହୂର୍ତ୍ତକୁ ଶୁଭ ଶଙ୍ଖଧ୍ୱନି ପ୍ରତିନିଧିତ୍ୱ କରୁଥିଲା ।

ଆଗରେ ହଠାତ୍ ବସ୍‌ର ଅହରହ ସତର୍କ ଧ୍ୱନି ପମ୍ ପମ୍ ହର୍ଣ୍ଣରେ କାନ ଫାଟୁଥିଲା । ରହଣି ସ୍ଥାନରେ ବସ୍ ମା' ଓ ଝିଅଙ୍କୁ ଛାଡ଼ିଦେଲା । ଗାଁ ଲୋକଙ୍କର ମେଳିରେ ହାତଛଡ଼ା ନ ହେବାପାଇଁ ସାଙ୍ଗରେ ଗୋଡ଼ାଇ ଗୋଡ଼ାଇ ଚାଲିଥିଲେ ବଡ଼ ଆନନ୍ଦରେ ଗୀତା ଓ ତା'ର ମା' ।

ବାଟ ଚାଲିବାରେ ବଡ଼ ଆନନ୍ଦ ଲାଗୁଥିଲା ସମସ୍ତଙ୍କୁ 'ଦାରୁବ୍ରହ୍ମଲୀଳା' ଯାତ୍ରାସ୍ଥଳୀକୁ ଯିବା ପାଇଁ । କେହି ମଧ୍ୟ ଥକିପଡୁ ନ ଥିଲେ । ମୁହଁରେ ସ୍ମିତହାସ୍ୟ ଓ ଖୋଲାହସର ଝରା ପାଖୁଡ଼ାକୁ ଝରେଇ ଝରେଇ ଚାଲିଥିଲେ ଏକ ଲୟରେ ଆଧ୍ୟାତ୍ମିକଭରା ଆବେଗମୟ ପୀଠସ୍ଥଳୀ ଦାରୁବ୍ରହ୍ମ ସୁଦର୍ଶନଙ୍କ ଦାରୁଛେଦନସ୍ଥଳୀକୁ ।

ହେଇ ତ ! ଦେଖାଗଲାଣି ନଦୀବନ୍ଧର ଭିଡ଼ରେ ଭିଡ଼ରେ ଯାତ୍ରୀଙ୍କ କୀର୍ତ୍ତନ, ନୃତ୍ୟରତ ଭଜନଗାନରେ ମୁଗ୍ଧ ଭକ୍ତି ପ୍ରେମର ଆନ୍ଦୋଳିତ ହୃଦୟମାନ, କିଏ ଖୁସିରେ କ୍ରନ୍ଦନରତ ତ, କିଏ ଆତ୍ମବିହ୍ୱଳଭରା ଆନନ୍ଦରେ ସ୍ତବ୍ଧଚକିତ ଶବ୍ଦମାନଙ୍କର ସମଷ୍ଟିକୁ ନେଇ ପ୍ରାର୍ଥନାରତ ।

ଧାଡ଼ି ଚାଲିଥାଏ ଆଗକୁ ଆଗକୁ । ଗାଡ଼ିମଟର, ଅଟୋ, ସାଇକେଲ, ମଟରସାଇକେଲର ଧାଡ଼ି ଗୋଟିଏ ବନ୍ଧପଟେ, ଆଉ ତଳରାସ୍ତାରେ ଲୋକଙ୍କ ଯାତ୍ରା ଭିଡ଼ର ସମ୍ମୁଖରୁ ସମ୍ମୁଖ ଆଗେଇ ଯିବାର ଆନନ୍ଦମୟ ନୀରବ କୋଳାହଳମୟ ଭକ୍ତିର ସଂଯୁକ୍ତ ଆଧ୍ୟାତ୍ମିକ ପରିବେଶର ଭାବମୟ ଅଭ୍ୟୁତ୍ଥାନର ରହସ୍ୟମୟ ପ୍ରବୃତ୍ତିର ଏକାନ୍ତମନା ଦାରୁବ୍ରହ୍ମ ସୁଦର୍ଶନଙ୍କୁ ଦେଖିବାର ଅଭିଳାଷ ।

ଧୀରେ ଧୀରେ ପୋଲିସର କର୍ଡନ ଭିତରେ ଶୃଙ୍ଖଳିତ ଆଧ୍ୟାତ୍ମିକ ଯାତ୍ରୀଦଳ, ପିଲାଛୁଆ, ଯୁବକ-ଯୁବତୀ ଓ ଅଶୀତିତମ ବୃଦ୍ଧ/ବୃଦ୍ଧାଙ୍କ ଆଗମନର ପ୍ରବେଶମୟ ପରିବେଶର ପ୍ରାଚୁର୍ଯ୍ୟର ଭାବଭକ୍ତିମୟ ଆନ୍ଦୋଳନ, କୀର୍ତ୍ତନ ଦଳ ଦଳ ଯାତ୍ରୀଙ୍କର ସମୂହ ଆଗମନ ଅତ୍ୟନ୍ତ ସୁଖକର ମନେହେଉଥିଲା । ଶରୀର ସର୍ବାଙ୍ଗ ଶିହରଣରେ ଭରିଯାଉଥିଲା ଭାବର ପ୍ରାଚୁର୍ଯ୍ୟତାରେ.... ।

ଗୀତା ଓ ତା'ର ମା' ଏକାନ୍ତ ଯୋଡ଼ହସ୍ତରେ ବ୍ୟାଗ୍‌କୁ ଝୁଲାଇ ଝୁଲାଇ, ଗୀତ ଗାଇ ଗାଇ ଦାରୁଙ୍କୁ ସ୍ମରଣ କରି କରି ବୃକ୍ଷରୂପୀ ସୁଦର୍ଶନ ଚକ୍ରରାଜଙ୍କୁ ଭେଟିବାକୁ ଆଗେଇ ଚାଲିଥିଲେ ଗ୍ରାମଯାତ୍ରୀଦଳଙ୍କ ମଧ୍ୟରେ । ମନରେ ଶତସିଂହର ବଳ । ଏକାନ୍ତ ଭକ୍ତିରେ ସୁଦର୍ଶନଙ୍କ ବ୍ରହ୍ମଦାରୁବୃକ୍ଷ ଦର୍ଶନର ଶୁଭବେଳାକୁ ଚାହିଁ ଚାହିଁ .... ଆଗକୁ ଆଗକୁ ।

ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ଗୋଟିଏ ମାତ୍ର ଧାଡ଼ିରେ ସମସ୍ତେ ଚାଲୁଥାନ୍ତି । ବିଘ୍ନ ବିନା ସମସ୍ତ କାର୍ଯ୍ୟ ଧୀରେ ସୁସ୍ଥରେ ଚାଲିଥାଏ । ଦୂରତା କମି କମି ଆସୁଥାଏ । ମନ୍ତ୍ର ଧ୍ୱନିର ମିଳିତ ଶବ୍ଦ ସଂସ୍କାରର ଉଚ୍ଚାରଣଯୁକ୍ତ ଶ୍ଳୋକସମୂହକୁ ନୃସିଂହ ମନ୍ତ୍ରରେ ଅଭିମନ୍ତ୍ରିତ କରୁଥାନ୍ତି ବିଧିବିଧାନକୁ ପାଳନ କରି କରି, ଯଜ୍ଞକୁଣ୍ଡରେ ସମର୍ପିତ ଆହୂତିର ଘୃତାହୁତି ଦେଇ ଦଇତାପତି, ବିଦ୍ୟାଧର, ବିଶ୍ୱାବସୁ, ସ୍ତୋତ୍ରୀୟ ବ୍ରାହ୍ମଣମାନଙ୍କ ମିଳିତ ମନ୍ତ୍ରଧ୍ୱନିର ମନ୍ତ୍ରମୁଗ୍ଧ ଉଚ୍ଚାରଣରେ ଆଧ୍ୟାତ୍ମିକ ଭାବରସର ମିଳିତ ଶିହରଣଯୁକ୍ତ ଉଚ୍ଛ୍ୱାସର ତାଳରେ ତାଳରେ.... ।

ଦେଖଣାହାରି ଯାତ୍ରୀଙ୍କ ମେଳରେ ହରିବୋଲ, ହୁଳହୁଳି ଓ ଦୀପାଳିର ଆଲୋକିତ ଦୀପଦାନ ମନ୍ତ୍ରୋତ୍ସବର ମନ୍ତ୍ରୋମୁଗ୍ଧ ପରିବେଶକୁ ସୁବାସିତ ତୁଳସୀ ଓ ପୁଷ୍ପ ସମ୍ଭାର ଅନନ୍ୟ ସୌନ୍ଦର୍ଯ୍ୟ ପରିବେଷଣ କରୁଥାଏ । ବିଭିନ୍ନ ମିଡ଼ିଆମାନଙ୍କର ବାରମ୍ବାର ଯୋଗାଯୋଗ ସହ କାର୍ଯ୍ୟ ନିର୍ଘଣ୍ଟ, ସମୟ ନିର୍ଘଣ୍ଟ ଓ ଦାରୁଚ୍ଛେଦନର ଆରମ୍ଭ ପର୍ବର ଘୋଷଣା ମୁହୁର୍ମୁହୁଃ ଜନମନ ଆନ୍ଦୋଳିତ କରି ଚାଲିଥାଏ । ପ୍ରଶ୍ନୋତ୍ତରର ଭକ୍ତି ଗଦ୍‌ଗଦ ହୃଦୟର କଥନମୟ ପରିବେଶ ଏହି ବାତାବରଣକୁ ଆହୁରି ଭକ୍ତିପୂର୍ଣ୍ଣ ଶାନ୍ତିମୟ ବାର୍ତ୍ତା ପ୍ରେରଣ କରୁଥାଏ ।

ସମସ୍ତ ସୁ-ପରିବେଶକୁ ତାଳ ଦେଇ ଝିପିଝିପି ବର୍ଷାର ଶୁଭମଙ୍ଗଳ ଧ୍ୱନିର ଆଗମନକୁ ସୁସ୍ୱାଗତ ଜଣାଉଥା'ନ୍ତି । ଗଗନ, ପବନ, ନଦନଦୀର ଜଳଧାରା କଳକଳ ନାଦରେ । ସମସ୍ତ ପ୍ରାକୃତିକ ପରିବେଶ ଅତ୍ୟନ୍ତ ମଧୁର କୋଳାହଳମୟ ସାଂସ୍କୃତିକ ଐଶ୍ୱରୀୟ ପରିବେଶ ଓ ପରମ୍ପରାର ଯୁକ୍ତିକୁ ଆଧୁନିକ ଯୁଗରେ ମଧ୍ୟ ପ୍ରତିଷ୍ଠା ଦେଉଥାଏ ଜନମନ ଭାବଧାରାର ଭକ୍ତିଭାବକୁ ।

ଚକ୍ରରାଜ ସୁଦର୍ଶନଙ୍କ ଆବିର୍ଭାବରେ ସାରା ଅଞ୍ଚଳ ଭକ୍ତି ଗଦ୍‌ଗଦ ଚିତ୍ତରେ ଦାରୁବୃକ୍ଷଙ୍କର ଭୂମିଷ୍ଟ ହେବାର ଅଲୌକିକ ଦୃଶ୍ୟ ଦେଖୁଥା'ନ୍ତି । ଠିକ୍ ଏହି ସମୟରେ ମାହେନ୍ଦ୍ରବେଳାରେ ଯଜ୍ଞପର ବ୍ରହ୍ମଦାରୁବୃକ୍ଷ ସୁଦର୍ଶନଙ୍କ ଦାରୁବୃକ୍ଷ ଐଶାନ୍ୟ କୋଣକୁ ହିଁ ଭୂମିଲଗ୍ନ ହେଲା । ଜୟ ଜୟ, ହରିବୋଲ ଓ ହୁଳହୁଳି ଇତ୍ୟାଦି ବେଦଧ୍ୱନିରେ ସମସ୍ତ ବିଧିବିଧାନକୁ ପାଳନ କରି ସମସ୍ତ ଦଇତାପତି ନିଯୋଗ ତ୍ରିଦିନ ଜଳଶୂନ୍ୟ ଉପବାସ ସହିତ ଦାରୁଚ୍ଛେଦନର ସୁବର୍ଣ୍ଣ କଟାରୀ, ରୌପ୍ୟ କଟାରୀ ଓ ଲୌହ କଟାରୀଯୁକ୍ତ ମହାଦାରୁଚ୍ଛେଦନ ସେବାପାଇଁ ତତ୍‌ପର ହେଉଥିଲେ । ଏହା ଅତ୍ୟନ୍ତ ଆକର୍ଷଣୀୟ ଥିଲା । ମନ୍ତ୍ରଜପ, ସାରାଦିବସ ରାତ୍ରି ଓ ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ପବିତ୍ର ମନ୍ତ୍ରୋଜାପଦ୍ୱାରା ସମ୍ପୂର୍ଣ୍ଣ ହେବାପାଇଁ ଅପେକ୍ଷମାଣ ଥିଲା, ମହାଯଜ୍ଞ କୁଣ୍ଡସ୍ଥଳୀ ଚତୁଃପାର୍ଶ୍ୱ ପରିସୀମା ଓ ଶବରପଲ୍ଲୀ ।

୧୯୯୬ ମସିହା ଦଧିମାଛଗାଡ଼ିଆ ଗ୍ରାମରେ ନବକଳେବର ପରେ, ଆଜିର ୨୦୧୫ ମସିହା ଏପ୍ରିଲ ମାସର ବ୍ରହ୍ମଦାରୁବୃକ୍ଷ ଛେଦନ, ହୀରାପୁର ଚଉଷଠିଯୋଗିନୀ ମନ୍ଦିର ପାର୍ଶ୍ୱରେ କୁଆଖାଇ ନଦୀକୂଳରେ ଜଗନ୍ନାଥ (ପୁରୁଣା ସଡ଼କ ପାର୍ଶ୍ୱ) ରାସ୍ତାରେ ଉଭା ଦାରୁବୃକ୍ଷ ଏକ ଅଲୌକିକ ଯୋଗମୁଦ୍ରା ପ୍ରଦାନ କରୁଥିଲା । ସରକାରୀ ଶାସନକଳର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗେଇ ଚାଲିଥିଲା ଶୃଙ୍ଖଳାମୟ ଅବଧାରିତ 'ବ୍ରହ୍ମଦାରୁ ଯାତ୍ରା' ଯଜ୍ଞକୁଣ୍ଡର ଶାସ୍ତ୍ରୀୟ ମତରେ ଦାରୁଛେଦନ ପର୍ବ 'ବନଯାଗ' ପର୍ବ ।

ସମସ୍ତ କାର୍ଯ୍ୟ ଅନତିବିଳମ୍ବେ ଗତାନୁଗତିକ ପ୍ରଥାରେ ଚାଲିଥିବା ଦେଖି ଗୀତା ଓ ତା' ମା'ର ଭକ୍ତି ଗଦ୍‌ଗଦ ଚିତ୍ତରେ ପରଂବ୍ରହ୍ମଙ୍କ ସୁଦର୍ଶନ ଦାରୁବୃକ୍ଷଙ୍କର ଶୋଭା ଯଜ୍ଞରେ ପୂର୍ଣ୍ଣାହୂତି ପର୍ବକୁ ଦେଖି ଚାଲିଥିଲେ ଏକ ଶାନ୍ତି ଭକ୍ତିର ମୁଦ୍ରାରେ । ଏହାହିଁ ଅଲୌକିକ ପର୍ବ ଶ୍ରୀ ଶ୍ରୀ ବ୍ରହ୍ମାଣ୍ଡକର୍ତ୍ତା ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଚକ୍ରଙ୍କର ମାହାତ୍ମ୍ୟ ।

ଦେଖାସରିଲା ପରେ ଅତ୍ୟନ୍ତ ସୁସ୍ଥ ମନରେ ଗାଁ ଲୋକଙ୍କ ସହିତ ଭକ୍ତି ଗଦ୍‌ଗଦ ଚିତ୍ତରେ ପ୍ରସ୍ଥାନ କରିଥିଲେ ଗୀତା ଓ ତା'ର ମା' ବସ୍ ଯୋଗେ ନିଆଳୀ ଗ୍ରାମକୁ ଅତ୍ୟନ୍ତ ହର୍ଷୋତ୍‌ଫୁଲ୍ଲ ଚିତ୍ତରେ ଜୟଜୟକାର କରି କରି.... । ପଚାରୁଥିଲା ଗୀତା ! ମା' ଆମରି ଗାଁ ପାଖରେ ସୁଦର୍ଶନ ଚକ୍ର ଦାରୁବ୍ରହ୍ମ ଥିଲେ, ହେଲେ ଆମେ କି କେହି ମଧ୍ୟ ଜାଣିପାରିଲେ ନାହିଁ । ସତରେ କି ଏ ଅଲୌକିକ ଲୀଳା, କେମିତି ଯେ ଲୌକିକ ଭାବରେ ପାଳିତ ହେଉଛି ଏ ଭବସାଗରରେ ତାହା ପ୍ରଭୁ ହିଁ ଜାଣନ୍ତି । ଏ ଜନ୍ମ ପାଇଁ ଏ ନୟନ ମନ ମୋର ଧନ୍ୟ ହୋଇଗଲା । ମା' କହୁଥିଲେ, ହଁ ଲୋ ଧନ୍ୟ ଏ ଜଗତକର୍ତ୍ତା, ଏ ବ୍ରହ୍ମାଣ୍ଡକୁ କିପରି ଯେ ଚଳଉଛନ୍ତି, ତାହା ସେ ହିଁ ଜାଣନ୍ତି । ଜୟ ଜଗନ୍ନାଥ, ବନ୍ଦେମାତରମ୍, ଜୟହିନ୍ଦ୍ ।

*- ଶହୀଦନଗର, ଭୁବନେଶ୍ୱର, ଖୋର୍ଦ୍ଧା*

# ଜହ୍ନରାଇଜର ଘର

■ ମୋହନଚନ୍ଦ୍ର ଖିଲାର

ମଣିଷ ଦୌଡ଼େ । ଦୌଡ଼ୁ ଦୌଡ଼ୁ ଯେତେବେଳେ ଥକିପଡ଼େ, ଧଇଁସଇଁ ହୋଇପଡ଼େ । ପୁଣି ବଳ ସଞ୍ଚୟ କରି ଦୌଡ଼ୁ ଦୌଡ଼ୁ ଝୁଣ୍ଟିପଡ଼େ । ସେ ପଛକୁ ନ ଚାହିଁ ଆଗକୁ ଅନାଏ । ଆଉ କେତେବାଟ ରହିଲା । ବସିପଡ଼େ ଅପନ୍ତରା ହେଉ କି, ହେଟାଡୋଟା ଘାସ ଉପରେ । ସେତେବେଳେ ତା'ର ଇଚ୍ଛାଶକ୍ତି ହ୍ରାସ ପାଇ ନଥାଏ । ଇଚ୍ଛାଥାଏ ଆଗକୁ ମାଡ଼ି ଚାଲିବା । ଇଚ୍ଛାଶକ୍ତି ପ୍ରବଳ ଥିଲେ କାର୍ଯ୍ୟର ସଫଳତା ଅର୍ଜନ କରିହୁଏ । ସେ ତା'ର ଲକ୍ଷ୍ୟସ୍ଥଳୀରେ ନ ପହଞ୍ଚିଲାଯାଏ ଇଚ୍ଛାକୁ ଆୟତ୍ତ କରିଥାଏ । ଏଇ ଇଚ୍ଛା ପ୍ରାୟତଃ ସମସ୍ତଙ୍କ ନିକଟରେ ପ୍ରଯୁଜ୍ୟ । ଇଚ୍ଛା ହିଁ ମଣିଷକୁ ବିପଥଗାମୀ କରେ ଏବଂ ସୁପଥଗାମୀ ବି କରିଥାଏ । ସେ କୌଣସି ବାଧାବନ୍ଧନକୁ ମାନେନା । ମାନେ କେବଳ ତା'ର ମାନବୀୟ ଆତ୍ମାର ଆଦେଶକୁ ।

ଏଇ ଆଦେଶରେ ଚାଲିଛି ସଂସାର ଏବଂ ସମସ୍ତଙ୍କ କର୍ମମୟ ପଥ । ପଥ ନିର୍ଦ୍ଦେଶକ ମାତ୍ର ଜଣେ । ସେ ମସ୍ତିଷ୍କକୁ ଯେତେବେଳେ ଯେଉଁ ଆଦେଶ ଦିଏ, ମନୁଷ୍ୟ ସେଇଆ ହିଁ କରିଥାଏ । ଏହି ଉଦ୍ୟମ କେବଳ ଅନୁକୂଳ ପରିବେଶରେ ନୁହେଁ, ପ୍ରତିକୂଳ ପରିବେଶରେ କରିବା ଆବଶ୍ୟକ ।

ଏହାହିଁ ଘଟିଥିଲା ବିମଳବାବୁଙ୍କ ଜୀବନ ଜଞ୍ଜାଳ ଭିତରେ । ବୟସ ବୋଧହୁଏ ଏକୋଇଶ କି ବାଇଶି ହବ । ଟିକିଏ ବୟସ ବଢ଼ିଗଲାରୁ ପାଠପଢ଼ା ଆରମ୍ଭ କଲେ । ବାପା କଲିକତା ଚାକିରିରେ । ବଡ଼ଭାଇ ଗାଁ'ରେ ସିହାଣୀଆ । ଆଉ ତାଙ୍କ ପରେ ବିମଳବାବୁ ଦଶମ ଶ୍ରେଣୀର ଛାତ୍ର । ବଡ଼ଭାଇ ବାହା ହୋଇ ବାପାଙ୍କ ଚାକିରିରେ । ଭାଇଭାଉଜ କଲିକତାରେ । ଘର ଚଳିବା ସକାଶେ ବାପାମାଆ ବିମଳବାବୁଙ୍କୁ ଦି'ହାତ କରିଦବାକୁ ମସୁଧା କଲେ । ସେ ବେଳକୁ ସଭ୍ୟତାର ସେଇ ପୁରୁଣା ଢଙ୍ଗର ରୁପାଗହଣା ଯୁଗ । ବାଙ୍କିଆ, ମଅଲ, ନୋଥ, ଦଣ୍ଡିଗୁଣା, ନୁଲୁକ ଇତ୍ୟାଦି ଇତ୍ୟାଦି ପିନ୍ଧିବା ଯୁଗ ।

ବିମଳବାବୁଙ୍କୁ ଭାବି ଶ୍ୱଶୁର ଥରେ ଅଧେ ଦେଖି ନେଇଛନ୍ତି । ଆଜିକାଲି ଦେଖାସାକ୍ଷାତ ଭଳି ସେବୋକର ଏମିତି ନଜିର ନ ଥିଲା । ଆଭିଜାତ୍ୟ ଜଣାପଡ଼େ, ଯାହାର ବାଡ଼ିରେ ବଡ଼ ପାଳଗଦା ଥାଏ, ସେ ଗାଁ'ରେ ବଡ଼ଘର-ଜମିବାଲା ଝିଅଦେଖାରେ ସେମିତି କିଛି ନ ଥାଏ । ଲୁଚିଛପି ଦେଖା ବ୍ୟତୀତ ସାମ୍ନାସାମ୍ନି ନ ଥିଲା । ବିମଳବାବୁଙ୍କୁ ବାପାମାଆ ପଚାରିଥିଲେ । ବିମଳବାବୁ ମନା କରି ଦେଲେ ଏବଂ କହିଲେ– ମେଟ୍ରିକ୍ ପରୀକ୍ଷାଟା ସରୁ । କନ୍ୟା ନ ମିଳିଲା ପରି ଏତେ ତରତର କାହିଁକି ? ମାଆ କାନ୍ଦିଲା । ବିମଳବାବୁ ନାଚାର ।

ପାଦରେ ଅଳତାର ରଙ୍ଗ, ବରବେଶରେ ସଜ୍ଜିତ ହୋଇ ବାହାବେଦୀକୁ ଗମନ କଲେ । ବୋହୂ ଆସିଲା । ଭାରି ସରମୀ ଝିଅଟେ । କଥା ପଦେ କହିବାକୁ ଲାଜ କରେ । କାଳେ କିଏ ଦେଖିନବ । ବୟସ ସତର । ଏପରି ଝିଅକୁ ନେଇ କେମିତି ସ୍ତ୍ରୀ ଭାବରେ ସଂସାର ଚଳାଇବେ ଭାବୁଥାନ୍ତି ବିମଳବାବୁ ।

ସଭ୍ୟତା ଆଗଉଛି । ଚଳଣି ମଧ୍ୟ ଆଗଉଛି । ଘରର ଚଳଣି ବଡ଼ ଅଭାବ । ଅଭାବ ଅନାଟନକୁ ସୁଧାରିବା ପାଇଁ ବାପାଭାଇ ଅକ୍ଷମ ହୋଇପଡ଼ିଛନ୍ତି । ମୁଣ୍ଡ ଉପରେ ପରୀକ୍ଷା । ଏଣେ ନୂଆ ବୋହୂ । କୁଆଡକୁ ହବ ସଂସାରଟା । ବାହାଘର ଛଅମାସ ନ ପୂରୁଣୁ ବାପା ପଇସା ପଇସା ପାଇଁ ପାଟିଗୋଳ କରିବା ଆରମ୍ଭ କରିଦେଲେ । ଠିକ୍ ପରେ ପରେ ବିମଳବାବୁଙ୍କୁ ଅଚାନକ ଟାଇଫଏଡ୍ ରୋଗ ଆକ୍ରମଣ କଲା । ତା'ପରେ ନୂଆବୋହୂକୁ ଆକ୍ରମଣ କଲା । ଔଷଧ ପାଇଁ ପଇସାଟିଏ ପାଇଲେ ନାହିଁ । ନୂଆବୋହୂଟିର ଗହଣା ବନ୍ଧକ ଦେଇ ଔଷଧ ଖାଇ ଭଲ ହେଲେ । ତା'ପରେ ଘରର ଜଞ୍ଜାଳକୁ ମୁଣ୍ଡରେ ଭର୍ତ୍ତିକଲ – ପଢ଼ା ବନ୍ଦ କରି । ପିତାଙ୍କର ଅସନ୍ତୁଷ୍ଟ ଭାବକୁ ବୁଝିପାରି ନୂଆ ବୋହୂଟିକୁ ଅସହ୍ୟବୋଧ ହେଉଥାଏ । ପ୍ରକୃତରେ ଅଭାବ ଅନାଟନ ମଣିଷକୁ ଅତିଷ୍ଠ କରି ପକାଏ । ଚିନ୍ତା ଚେତନାର ମଣିଷ ପଥଭ୍ରଷ୍ଟ ହୋଇପଡ଼େ । ଉପାୟ ଖୋଜିବୁଲେ । ସେଇଆ ହିଁ ବିମଳବାବୁଙ୍କୁ ପଥ ଦେଖାଦେଲା । ଗୋଟେ ଘରୋଇ ଚାକିରି କରିବାକୁ ମନସ୍ଥ କଲେ । ଏଇଠୁ ତାଙ୍କ ଜୀବନର ପରିବର୍ତ୍ତନ ଦେଖାଦେଲା ।

ତା'ପରେ ଇଣ୍ଟରଭିୟୁ ଦେଇ ଶିକ୍ଷା ବିଭାଗରେ ଚାକିରିଟିଏ ପାଇଗଲେ । ମାଆ ଆଉ ଘରଣୀଙ୍କର ଆନନ୍ଦ କହିଲେ ନ ସରେ । ଦରମା ପାଇ ବାପାମାଆଙ୍କ ହାତରେ ଅର୍ପଣ କରନ୍ତି ବିମଳବାବୁ । ବାସ୍.... ତଳଭାଇଙ୍କ କାର୍ଯ୍ୟକଳାପ ନ କହିଲେ ଭଲ । ନିଜ ନିଜ ଚପଳତାରେ ବେଖାତିର୍ ମନ ନେଇ ମର୍ଯ୍ୟାଦାକୁ ନ ଚାହିଁ ପରାଙ୍ମୁଖୀ ହୋଇ ଅଦିନ ଝଡ଼ପରି ବହିଯାଉଥିଲେ ।

ଦିନ ଗଡ଼ି ଗଡ଼ି ଚାଲିଲା । ଅଳସୁଆ ଭାବ ତ୍ୟାଗକରି କିଛି ଶ୍ରମ କଲେ । ଏ ଭଙ୍ଗା ସଂସାରଟା ସୁନାସଂସାର ହୋଇଯିବ ।

ବଦଳାଇବାକୁ ଅଣ୍ଟା ଭିଡ଼ିଲେ । ପ୍ରକୃତି ନିର୍ମଳ ରହିବା ପାଇଁ ଫଳନ୍ତି ବୃକ୍ଷରୋପଣ କଲେ ।

ମାଆ ଥିଲେ ସୁଲକ୍ଷଣୀ – ସୁଗୃହିଣୀ (ସହଧର୍ମିଣୀର ନାଆଁଟା ପରେ କୁହାଯିବ) ଗାଉଁଲି ଝିଅ । କାନ୍ଧରେ କାନ୍ଧ ମିଳାଇ ସ୍ୱାମୀଙ୍କୁ ଅନେକ କାର୍ଯ୍ୟରେ ସାହାଯ୍ୟ କରୁଥାନ୍ତି । ଏଥକୁ ଲଜ୍ଜା ନାହିଁ କି, ଅଭିମାନ ନ ଥିଲା ଏବଂ ସହଧର୍ମିଣୀ ଦିନେହେଲେ ଗୋଟାଏ ସୌଖୀନ ସାମଗ୍ରୀ ଚାହିଁ ନାହିଁ । ପିଲାପିଲି ଦୁଇଚାରିଟା ହେଇଗଲେଣି । ତାଙ୍କ ପରିଚ୍ଛଦ, ଖାଇବା ପିଇବା ପାଠପଢ଼ା ପ୍ରତି ନଜର ରଖୁଥା'ନ୍ତି ବାପାମାଆ । ବେଶ୍ ସୁନ୍ଦର ସ୍ୱଚ୍ଛନ୍ଦ, ଆଭିଜାତ୍ୟର ଘର ପରି ଘରଟିଏ ଗାଁ ଭିତରେ ଛିଡ଼ା ହୋଇଉଠିଲା । ମା' ଲକ୍ଷ୍ମୀ ବିରାଜମାନ ହୋଇ ଓଷାବାର ପର୍ବପର୍ବାଣିରେ ଘର ମୁଖରିତ ହୋଇଉଠିଲା ।

ଉତ୍ଥାନ ପତନ ଯୁଗେ ଯୁଗେ ରହିଛି ଓ ରହିବ । ଭାଇମାନେ ବଢ଼ିଗଲେ । କଥାରେ ଅଛି– ପର ବୁଦ୍ଧିରେ ଘର ଭାଙ୍ଗେ । ସେଇଆ ହିଁ ହେଲା । ସୁଖୀ ସଂସାରଟାରେ ପୁଣି ଦୁର୍ଦ୍ଦିନର ଝଡ଼ ସୃଷ୍ଟି ହେଲା । ଅକାଳ ଚଡ଼କରେ ଗଛଲତା ଭାଙ୍ଗିପଡ଼ିଲା ପରି ସୁଖୀ ସଂସାରଟା ଭାଙ୍ଗିବାକୁ ଲାଗିଲା । ବିପଦ ଉପରେ ବିପଦ ମାଡ଼ିଆସିଲା ଭାଇମାନଙ୍କର କ୍ରୂର ଆକ୍ରମଣରେ ।

ବିମଳବାବୁ ହତୋତ୍ସାହ ହୋଇପଡ଼ିଲେ । ମଣିଷଭଳିଆ ମଣିଷ କରିପାରିଛନ୍ତି ପୁଅ ଝିଅଙ୍କୁ । କଥାରେ ଅଛି – ମଧୁବାବୁଙ୍କ ଉକ୍ତି, 'ଯାହା ବାପ ଚଢ଼େ ଘୋଡ଼ା, ତା' ପୁଅ ଚଢ଼େ ଥୋଡ଼ା ଥୋଡ଼ା' । ବାପ ଥିଲା ପୁଅ ସଭାରେ ହାରେନା । ବାପ ଥିଲା ଶିକ୍ଷା କ୍ଷେତ୍ରରେ । ନାଁ ପଡୁଥିଲା । ଖାତିର୍ ବି ଥିଲା । ପୁଅଙ୍କୁ ଶିକ୍ଷା ଡିଗ୍ରୀ ଦେଇ ନାଁ ରଖିଛନ୍ତି ବିମଳବାବୁ । ହିନ୍ଦୀରେ କଥାଅଛି– ''ବାପ୍‌ସେ ଜାଦା ବେଟା'' ।

ଅନେକ ଦୂରକୁ ଚାଲିଗଲେଣି ବିମଳବାବୁ । ଘଟଣ ଅଘଟଣ ମଧ୍ୟରେ ଦୁଃଖ ଭୋଗିଛନ୍ତି । ସେ ଝଡ଼କୁ ପଚିଶି-ତିରିଶ ବର୍ଷ ହେଲା ଖାତିର ନ କରି ଆଗେଇ ଚାଲିଛନ୍ତି ସ୍ୱଚ୍ଛ ମନ ନେଇ ।

ଛତିଶ ବର୍ଷରେ ଚାକିରିରୁ ଅବସର ନେଲେ । ବୟସ ପରିପକ୍ୱ ହୋଇନାହିଁ।

୨୦୦୪ ମସିହା ଶୁକ୍ରବାର ରାତି । ଏକ ଅଶୁଭ ଦୁର୍ଯୋଗର ସମୟ ରାତି ଦୁଇଟା । ସହଧର୍ମିଣୀଙ୍କର ଦେହାନ୍ତ ହୋଇଗଲା । ଭାଙ୍ଗିପଡ଼ିଲେ ବିମଳବାବୁ ।

ଆଜି ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଉଠୁଛି । ତାଙ୍କୁ ଖାଁ ଖାଁ ଲାଗୁଛି । ଅସହ୍ୟବୋଧ ହେଉଛି । ବୟସ ବଢ଼ି ବଢ଼ି ବାର୍ଦ୍ଧକ୍ୟରେ ଉପନୀତ ହେଲେଣି । ଗାଡ଼ିରେ, ବଜାରରେ, ବନ୍ଧୁବାନ୍ଧବ, ଗାଁ ଭାଇଏ କହିହେଲେଣି ବିମଳବାବୁ ବୁଢ଼ା । ମଥାର କେଶ ପକ୍ୱ ପାଲଟି ନାହିଁ । ବୃଦ୍ଧ ହେଲେ ଯଷ୍ଟି ଧରିବାକୁ ହୁଏ । ମୁଖ ଆକୃତିର ପରିବର୍ତ୍ତନ ଘଟେ । ବୟସକୁ ମାପିଚୁପି ରହିଛନ୍ତି ବିମଳବାବୁ ।

ବିମଳବାବୁ ଏହି ବାର୍ଦ୍ଧକ୍ୟ ଅବସ୍ଥାକୁ ଭୁଲିଯିବା ପାଇଁ ପ୍ରଭୁଙ୍କ ସାନ୍ନିଧ୍ୟ ଲୋଡ଼ିଛନ୍ତି । ଭାଗବତ ଅଧ୍ୟୟନ କରୁ କରୁ ବହିପତ୍ର ପଢୁଛନ୍ତି । କିଛି କିଛି ଲେଖାଲେଖି କରି ଏବଂ ଅନୁଷ୍ଠାନମାନଙ୍କୁ ଯାଇ କବି ସାହିତ୍ୟିକଙ୍କ ଭାଷଣ ଶୁଣୁଛନ୍ତି ଏବଂ ପରମ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ ହୋଇଯାଇଛନ୍ତି । ମାତ୍ର ସତ୍‌ସଙ୍ଗ ଜୀବନର ପରମ ଆଧାର । ସାହିତ୍ୟ ବନ୍ଧୁଙ୍କ ସାଥିରେ ସାଥି ହୋଇ ସାହିତ୍ୟ ସଂସଦ ଗଠନ କରି ବାରବର୍ଷ ହେଲା ଜୀବନକୁ ସୁଖମୟ କରିଆସୁଛନ୍ତି । ଅନ୍ତିମ ସମୟରେ ସେହି ପରମଦେବ ଜଗନ୍ନାଥ ଭରସା ହେବେ ଏହାହିଁ ତାଙ୍କର ଉଚିତ ବିଚାର ଥିଲା ।

ବୟସ ହୋଇଗଲେ ସେବା ଦରକାର । କୋଉ ପୁଅବୋହୂ କାହାର । ବୟସ ହୋଇଗଲେ ପର ହୋଇଯାଆନ୍ତି । କାହାରିକୁ ଅନ୍ତରପାନ୍ତର କରିନାହାନ୍ତି । ନିଜକୁ ନିଜେ ହସି ହସି ସତର୍କତା ଅବଲମ୍ବନ କରି ରହିଛନ୍ତି ।

ମନେପଡ଼ିଯାଏ ସହଧର୍ମିଣୀ କଥା । ବେଳେବେଳେ ଆଖି ଆଗରେ ନାଚିଯାଏ । ଡାକୁଛନ୍ତି, ଖୋଜୁଛନ୍ତି ବିମଳବାବୁ ।

: ଆହେ, ଦେଖ.... ।

ଭାରି ମନେପଡୁଛ ଏବେ । କୋଉଠି ଅଛ । ପୁନର୍ଜନ୍ମ ପାଇଗଲଣି ନା କ'ଣ ? କହୁନ, କୋଉଠି ଅଛ । ନା, କାହା ଗୃହରେ ଘରଣୀ ହୋଇଗଲଣି କି ? ତୁମେ ପରା ହିନ୍ଦୁ ନାରୀ, ସିନ୍ଦୂର ପିନ୍ଧିଛ ।

X X

X

ବିଦ୍ୟାଳୟରୁ ଫେରିଲେ, ତୁମେ ଚାହିଁ ବସିଥାଅ ପରା । ଚୁଲାରେ ଭାତ ବସେଇ ରଖିଥାଅ । ଭାତ ଥାଳି ବସେଇ ଦେଇ ମାଛି ଘଉଡ଼ାଇ କୁହ, ଭୋକ ହବଣି ଖାଇଦିଅ । ଏଇ ପଦକ କଥାରେ ମୋ ପେଟ ପୂରିଯାଏ । ରବିବାର ଦିନ ଫିଲ୍ମ ଦେଖି ଫେରୁ ଫେରୁ ବିଳମ୍ବ ହୋଇଗଲେ ଦାଣ୍ଡଦୁଆରେ ଚାହିଁ ବସିଥାଅ । ମନେପଡୁଛି ନା ତୁମକୁ 'ଘରସଂସାର' ଫିଲ୍ମ ଦେଖାଇବାକୁ ନେଇଯାଇଥିଲି । କହିଥିଲ ନା, ଆମ ଘର ଏମିତି ହବନି ତ.....

ମୋତେ ହସ ଲାଗିଲା । କହିଥିଲି– ଯେତେ ଭାଇ ସେତେ ଘର । ଯେତେ କନିଆ ସେତେ ବର । ଦେଖିଲଟି, ମୋ ଉପାଖ୍ୟାନଟା ସତ ହେଲା ନା ମିଛ ହେଲା । ଜହ୍ନ ରାଇଜରେ କ'ଣ ଘର କଲଣି କି ? ତୁମ ମୁହଁ ଚିକ୍‌ମିକ୍ ଦିଶୁଛି ।

ଅନେକଦିନ ହେଲା । ତୁମେ ଗଲଣି । ହେଲେ, ମୋ

କଥା ତୁମର କ'ଣ ଟିକିଏ ମନେପଡୁ ନାହିଁ.... । ଏଠି ତ ଘର କରି କରି ଥକିପଡ଼ିଲି । ପୁଣି ଯାଇ ଜହ୍ନ ରାଇଜରେ ଘର ତୋଳିବି । ହଉ, ତୁମେ ତୋଳୁଛ ତୋଳ.....

ପ୍ରିୟା ମୋ ଯାଇଛି ଜହ୍ନ ରାଇଜକୁ
ଏ ଯାଏ ଫେରିଲା ନାହିଁ
ମୋବାଇଲ୍‌ରେ କହେ ଘରଟେ ତୋଳିବ
ରହିବ ସେଠାରେ ଯାଇ ।
ଜହ୍ନ ରାଇଜର ଘର କରିବାକୁ
ଶରଧା ବଳିଛି ତାର
ଜୋଚ୍ଛନାରେ ଭିଜିଯାଇଛି ପ୍ରିୟା ମୋ
କଳାଗୋରା ଦେହ ତାର ।

ଏବେ ତୁମ କଥା କୁହ.....

ହଇଏ, ତୁମେ ସେ ଘରେ ପଡ଼ିରହି କାହିଁକି ଛଟପଟ ହେଉଛ । ଦେଖ ମୁଁ ଜହ୍ନ ରାଇଜରେ ଗୋଟେ ଘର ତୋଳିଛି । ତୁମ ଗାଁ'ର ଘର ସେଇ ମାଟିମଟାଳରେ ସିନା କରିଛ, ଜହ୍ନ ରାଇଜର ଘରକୁ ଦେଖିବ ଆସ ।

ପୁଅଝିଅ କରି ସବୁ କର୍ମ ସାରି
ପୁରାଇଲେ ତାଙ୍କ ଆଶା
ଆଉ କାହିଁପାଇଁ ରହିଛ ଗାଁ'ରେ
ଆଉ କର ନାହିଁ ଆଶା ।
ଦେଖିବ ଆସ ଶୀତ ବସନ୍ତରେ
ଫୁଟୁଛି ଅଦିନେ କଇଁ
ଫଗୁଣ କୋଇଲି ହଳଦୀବସନ୍ତ
ବୁଲୁଛନ୍ତି ଗୀତ ଗାଇ ।
ପ୍ରୀତିରେ ଝରୁଛି ଚମ୍ପା ମଲ୍ଲୀ, ହେନା
ଗଛରେ ଝୁଲୁଛି ଫଳ
ଚ୍ୟୁତ ଗଛଡାଳେ ବଉଳୁଛି ଦେଖ
ଅଦିନେ ଆମ୍ବ ବଉଳ ।
ସବୁ ଦେବଦେବୀ ରହିଛନ୍ତି ଏଠି
ନୀଳାଚଳ ଧାମ ଅଛି ।
ଜଗନ୍ନାଥ-ସୁଭଦ୍ରା-ବଡ଼ଠାକୁରଙ୍କୁ
ଧୂପଦୀପେ ପୂଜୁଅଛି
ବୁଝାଇ କହୁଛି ଭୁଲି ସେ ଅର୍ଦ୍ଧଳୀ
ଜହ୍ନ ରାଇଜକୁ ଆସି ।
ଗଢ଼ିଛି ଯତନେ ଲିପାପୋଛା କରି
ଝୋଟି ଚିତା ଦେଖ ଆସି
ଜହ୍ନ ରାଇଜରେ ଘର କି ସୁନ୍ଦର
କଳଙ୍କ ଟିକିଏ ନାହିଁ ।
ଏଠି ନାହିଁ କିଛି ରୋଗ ବଇରାଗ
ନିନ୍ଦା ଅପବାଦ ନାହିଁ ।

ଏଠି ଅଦିନରେ ବସନ୍ତ ବହୁଛି । ତୁମ କବି-କବୟିତ୍ରୀମାନେ ସୁନ୍ଦର ସୁନ୍ଦର ପ୍ରେମ କବିତା ଲେଖି ବୋଲୁଛନ୍ତି । ....ଆହେ, ଶୁଣୁଛ । ଟିକେ ଶୁଣ.....

ଏଠି ସବୁ ଦେବାଦେବୀ ଅଛନ୍ତି । ହଁ, ପୁରୀଧାମ ପରି ଏଠି ନୀଳାଚଳଧାମ ଅଛି । ମୁଁ ଯୋଉ ଠାକୁରଙ୍କୁ ପୂଜା କରୁଥିଲି, ଏଠି ସେହି ତିନିଠାକୁରଙ୍କୁ ଧୂପ ଦୀପ ଜଳାଇ ପୂଜା କରୁଛି । ମୁଁ ଲିପାପୋଛା କରି, ଝୋଟି ଚିତା ଦେଇ ମାର୍ଗଶୀର ପହିଲି ପାଳିରେ ଗୁରୁବାର ସେର ବସାଇ ଲକ୍ଷ୍ମୀଙ୍କୁ ପୂଜା କରିବି । ଏଠି କଳଙ୍କ ଅହମିକା, ନିନ୍ଦା, ଅପବାଦ, ରାଗରୋଷ, ଭାଇ ବିରାଦ କିଛି ନାହିଁ । ଏଠି ଅମୃତମଣୋହୀ ଖାଇ ଚହଟଚମ୍ପା ହୋଇ ରହିଛି । ଜହ୍ନ ରାଇଜର ଘର କିପରି ତୋଳିଛି, ଆସ ମ.... ଦେଖିବ ଆସ.... । କଣ..., ଆସିବ ନା..... ।

*- ଆଦମ୍‌ପୁର, ନଳାଙ୍ଗ, ଭଦ୍ରକ*

# ସ୍ମୃତି ଲିଭିଗଲା ଅନ୍ଧାର ରାତ୍ରିରେ

■ ପୁଷ୍ପାରାଣୀ ସେନାପତି

ମନର ଉଦ୍ଦୀପନା ଏକ ଦୀପଶିଖା ଭଳି । ଏହାକୁ ଜଳାଇ ରଖିବାକୁ ହେଲେ ଯତ୍ନ ନେବାକୁ ହେବ, ତେଲ ଦେବାକୁ ଏବଂ ଝଡ଼ବର୍ଷା ତୋଫାନରୁ ରକ୍ଷା କରିବାକୁ ହେବ । ସେଥିପାଇଁ ଭଗବାନ ଓ ପିତାମାତାଙ୍କର ଆଶୀର୍ବାଦ ଅନିବାର୍ଯ୍ୟ ଅଟେ ।

ସେଦିନ ଥିଲା ବର୍ଷାର ରାତ୍ରି । ଘନ ଅନ୍ଧକାର ମଧ୍ୟରେ ବିଜୁଳି ଓ ଘଡ଼ଘଡ଼ିର ଶବ୍ଦ ଶରୀରକୁ ପ୍ରକମ୍ପିତ କରୁଥିଲା । ନିସ୍ତବ୍ଧ ନିର୍ଜନ ରାତ୍ରିରେ ସମସ୍ତେ ନିଜ ନିଜ ନୀଡ଼ରେ ଅବସ୍ଥାନ କରିଥା'ନ୍ତି । ଶ୍ୱାନ ଶୃଗାଳର ଗର୍ଜନରେ ଚତୁର୍ଦ୍ଦିଗ ଭୟଙ୍କର ହୋଇଉଠୁଥାଏ । ସେହି ରାତ୍ରି 'ଉର୍ମି'ର ହୃଦୟକୁ ଥରାଇ ଦେଉଥାଏ । ତା' ଲାଗି ଆଜି ସବୁ ପଥ ରୁଦ୍ଧଦ୍ୱାରରେ ପରିଣତ ହୋଇଯାଇଛି । ସ୍ୱାମୀ ତା'ର ଯନ୍ତ୍ରଣାରେ ଆଉଟୁପାଉଟୁ ହେଉଥା'ନ୍ତି । ପାଖରେ ସାତ ମାସର ପୁଅର ବୁକୁଫଟା କ୍ରନ୍ଦନରେ ଛାତି ତାର ବିଦାରି ହୋଇ ଯାଉଥାଏ । ଭଲପାଇ ବିବାହ କରିଥିଲା 'ଉର୍ମି' ପିତାମାତାଙ୍କର ବିନା ସ୍ୱୀକୃତିରେ । ଯୌବନର ଉନ୍ମାଦନାରେ ମଣିଷ ଉନ୍ମତ୍ତ ହୋଇଉଠେ । ନିଜର ଜ୍ଞାନ ହରାଇ ସବୁକିଛି ଭୁଲ୍ କରି ବସେ । ପିତାମାତାଙ୍କ ପରି ଚଳନ୍ତି ଦେବତାଙ୍କୁ ପାଦର ପ୍ରହାର ଦେଇ ଚାଲିଯାଏ ବହୁଦୂରକୁ । ସେତେବେଳେ ଭବିଷ୍ୟତର ଚିନ୍ତା କରିବାର ପ୍ରୟାସ କରି ନ ଥାଏ । ବର୍ତ୍ତମାନର ସୁନେଲି ସ୍ୱପ୍ନରେ ହୋଇଉଠେ ପ୍ରଣୟିନୀ ।

କିନ୍ତୁ କ'ଣ ହେଲା ତା'ର ସ୍ୱପ୍ନର ସଂସାର କରାଳମୁଖୀ କାଳରାତ୍ରିରେ ଭୟଙ୍କର ରାକ୍ଷସମାନଙ୍କ ମଧ୍ୟରୁ କିଏ ରକ୍ଷା କରିବ ତା'ର ସଂସାରକୁ । ସ୍ୱାମୀ ତା'ର କ୍ୟାନ୍ସର ରୋଗୀ । ସମୟ ସାପେକ୍ଷ, ମୃତ୍ୟୁ ସନ୍ନିକଟ । ଆର୍ଥିକ ଅନାଟନ, ଦୁନିଆକୁ କି ଜବାବ୍ ଦେବ ସିଏ ।

କର୍ମ ଯେତେବେଳେ ଆନନ୍ଦଦାୟକ, ଜୀବନ ସେତେବେଳେ ସୁଖମୟ ହୁଏ । କର୍ମ କର୍ତ୍ତବ୍ୟରେ ବଦଳିଗଲେ ଜୀବନ ଦାସତ୍ୱ ହୋଇଯାଏ । ଉର୍ମିର ଆଗକୁ ବଢ଼ିବାର ସାହସ ନ ଥିଲା । ରୋଗଗ୍ରସ୍ତ ସ୍ୱାମୀ ଓ ସାତମାସର ପିଲାକୁ ଛାଡ଼ି କିଛି କରିବାର ଯୋଜନା ତା' ପାଖରେ ନ ଥିଲା । ପ୍ରତ୍ୟେକ ମଣିଷର ଜୀବନ ସମାନ ଭାବରେ ଶେଷ ହୋଇଥାଏ, ହେଲେ ଜଣେ ଜୀବନକୁ ନେଇ କିଭଳି ବଞ୍ଚିଲା ଏବଂ ତା'ର ମୃତ୍ୟୁ କିପରି ହେଲା, ତାହାହିଁ ଜଣକୁ ଭିନ୍ନ କରାଇଥାଏ ।

ହଠାତ୍ ଏକ କରାଳ ରାତ୍ରିରେ ପ୍ରାଣପ୍ରିୟ ତା'ର ଯନ୍ତ୍ରଣାରେ ଛଟପଟ ଏହାର ପରପାରିକୁ ଚାଲିଗଲେ । ଏ ପୃଥିବୀ ପ୍ରତ୍ୟେକଙ୍କୁ ଭାଙ୍ଗିଦେଇଛି । ତା'ପରେ ବି ସେହି ଭଙ୍ଗା ଜାଗାରୁ କେତେକ ମଜଭୁତ୍ ହୋଇ ଛିଡ଼ା ହୋଇଛନ୍ତି । ହେଲେ ସେହି ନିରୀହା ଝିଅ ଉର୍ମି ଛିଡ଼ାହୋଇ ପାରି ନଥିଲା । କାରଣ ତା'ର ପ୍ରତ୍ୟେକ ଡାଳ ନଷ୍ଟ ହୋଇଯାଇଥିଲା । ଅତୀତରେ କରିଥିବା ସମସ୍ତ କର୍ମ ତାକୁ ପ୍ରତିବନ୍ଧକର ରୂପ ନେଇ ଭୟଙ୍କର ହୋଇଉଠିଲା । ସ୍ୱାମୀଙ୍କ ଅନ୍ତେ ଦାରିଦ୍ର୍ୟର ଯନ୍ତ୍ରଣା ଓ ଦୁର୍ବଳ ମନବଳ ଆଗକୁ ଦେଇପାରିଲାନାହିଁ । ହଠାତ୍ ତା'ର ଜୀବନଦୀପଟି ଲିଭିଗଲା । ନିରୀହ ଶିଶୁଟିକୁ ଛାଡ଼ି ଆରପାରିକୁ ଚାଲିଗଲା ।

ଜୀବନ ସଂଗ୍ରାମରେ ହାରିଗଲା ଉର୍ମି । ଯୌବନର ମତ୍ତଗର୍ବ ଭଗ୍ନ ସ୍ତୂପରେ ପରିଣତ ହେଲା । ଆଜିର ଦୁନିଆରେ ବର୍ତ୍ତମାନର ସୁଖସମୟ ଆସନ୍ତାକାଲି ପାଇଁ ଏକ ଦୁଶ୍ଚିନ୍ତାର କାରଣ ।

*- ସହଦେବଖୁଣ୍ଟା, ଚାନ୍ଦମାରିପଡ଼ିଆ, ବାଲେଶ୍ୱର*

# ପରିବର୍ତ୍ତନ

■ ରମେଶ ଚନ୍ଦ୍ର ପତ୍ରୀ

ଯୁବକଟିଏ । ତା'ର ନାମ ବ୍ରଜ । ପିଲାଦିନେ ଭଲ ପିଲା ଥିଲା । ତା'ପରେ ତା'ର ପରିବର୍ତ୍ତନ ଆସିଲା । ଯେପରି ବସନ୍ତ ପରେ ଗ୍ରୀଷ୍ମ, ବର୍ଷା ଆସେ । ତା'ର ଅଭ୍ୟାସ ଖରାପ ଆଡ଼କୁ ଗଲା । ସେ ଯେଉଁ ଗାଁ'ରେ ଜନ୍ମ ହୋଇଥିଲା, ସେ ଗାଁ'ରେ କେତେକ ଯୁବକ ଅଧ୍ୟୟନ କରୁଥିଲେ । କିଏ ଡାକ୍ତରୀ, କିଏ ଅବା ଶିକ୍ଷକ ହେବାପାଇଁ ଟ୍ରେନିଂ ନେଉଥିଲେ, କିଏ ଇଞ୍ଜିନିୟର ହେବାପାଇଁ ପଢୁଥିଲା । ଯୁବକଟି ଗାଁ' ଲୋକମାନଙ୍କର ବନ୍ଧୁବାନ୍ଧବ ଘର ସହିତ ପରିଚିତ ଥିଲା । ପରିଚିତ ବ୍ୟକ୍ତିମାନେ ତାଙ୍କ ଘରେ ନ ଥିବା ସମୟରେ ଯୁବକଟି ସେଇ ବନ୍ଧୁବାନ୍ଧବଙ୍କ ଘରକୁ ଯାଉଥିଲା ଏବଂ ନିଜକୁ ଯେଉଁ ପିଲାମାନେ ଭଲ କ୍ୟାରିଅର ପାଇଁ ପଢୁଥିଲେ ତାଙ୍କ ନାଁ କହି ତାଙ୍କ ଘରେ ଖାଇବା ପିଇବା କରୁଥିଲା । କେବଳ ଖାଇବା ପିଇବାରେ ତା'ର କାର୍ଯ୍ୟ ସୀମାବଦ୍ଧ ନ ଥିଲା । ସେ ସେମାନଙ୍କ ଘରୁ ମଧ୍ୟ ଚୋରି କରୁଥିଲା । ଚୋରିରେ ବେଶୀ ଦାମ୍‌ର ଜିନିଷ ମଧ୍ୟ ଥିଲା । ବିଶେଷକରି ସୁନା ରୁପା ଅଳଙ୍କାର ଚୋରି କରୁଥିଲା । ସୁଯୋଗ ଦେଖି କରୁଥିଲା । କେତେବେଳେ କହୁଥିଲା ମୋ' ନାଁ ଯୁଧିଷ୍ଠିର, କେତେବେଳେ କହୁଥିଲା ମୋ ନାଁ ରାଜେନ୍ଦ୍ର, ଭୀମ, ଗୌରାଙ୍ଗ ଇତ୍ୟାଦି । ବିଶେଷକରି କେବଳ ସ୍ତ୍ରୀ ଲୋକମାନେ ଥିବା ସମୟରେ ସେ ଏପରି କାର୍ଯ୍ୟ କରୁଥିଲା କାରଣ ସ୍ତ୍ରୀ ଲୋକମାନେ ତାକୁ ଦେଖି ନ ଥିଲେ । ବିଭିନ୍ନ ବନ୍ଧୁଙ୍କ ଘରେ ବିଭିନ୍ନ ନାମ କହି ଚୋରି କରୁଥିଲା । ବନ୍ଧୁମାନେ ଜାଣିପାରୁ ନ ଥିଲେ । ପରେ ଚୋରି ହୋଇଥିବା ଜାଣିଲେ ମଧ୍ୟ ଏଇ ଯୁବକଟିକୁ ସନ୍ଦେହ ଚକ୍ଷୁରେ ଦେଖୁ ନ ଥିଲେ ।

ଦିନକର ଘଟଣା । ଯୁବକଟି ଗୋଟିଏ ବନ୍ଧୁବାନ୍ଧବ ଘରକୁ ଯାଇଛି । ଯୁଧିଷ୍ଠିର ବୋଲି କହିଛି । କିନ୍ତୁ ତା'ର ନାମ ବ୍ରଜ । ଯେହେତୁ ଗାଁ ଲୋକଙ୍କର ବନ୍ଧୁବାନ୍ଧବ ଘରକୁ ଯାଉଥିଲା, ସେମାନେ ତାକୁ ଚିହ୍ନି ନ ଥିଲେ । କେବଳ କେତେକ ପିଲା, ଯେଉଁମାନେ ଭଲ କ୍ୟାରିଅର ପାଇଁ ପଢ଼ାପଢ଼ି କରୁଥିଲେ, ସେମାନଙ୍କ ନାଁ ଶୁଣିଥିଲେ । ଅନେକ ସମୟରେ ଯୁବକଟି ଟଙ୍କା ଧାର ମାଗି ଆଣୁଥିଲା । ତା'ର ଗୋଟିଏ ଖରାପ ଅଭ୍ୟାସ ଥିଲା । ଅଭ୍ୟାସଟି ହେଉଛି ବିଡ଼ି ଟାଣିବା । ଯାହା ଘରକୁ ଯାଇଥିଲା ସେମାନେ ଦେଖିଲେ ଯେ ଯୁବକଟି ଲୁଚେଇ କରି ବିଡ଼ି ଟାଣୁଛି । ତାଙ୍କର ସନ୍ଦେହ ହେଲା । ନାଁ କହିଥିଲା ଯୁଧିଷ୍ଠିର । ଯୁଧିଷ୍ଠିର ପିଲାଟି ଭଲ । ତା'ର କୌଣସି ମାଦକଦ୍ରବ୍ୟ ପ୍ରତି ଆଗ୍ରହ ନ ଥିଲା । ସେଇ ବନ୍ଧୁଙ୍କ ମନରେ ସନ୍ଦେହ ଜାତ ହେଲା । ଯୁଧିଷ୍ଠିର ଡାକ୍ତରୀ ପାଠ ପଢୁଛି, ସେମାନେ ଜାଣିଥିଲେ । ସେମାନଙ୍କର ସନ୍ଦେହ ଘନୀଭୂତ ହେଲା;କିନ୍ତୁ ସେମାନେ କିଛି କହିପାରୁ ନଥିଲେ କାରଣ ଗାଁ ଲୋକଙ୍କର ବନ୍ଧୁବାନ୍ଧବମାନେ ସେମାନଙ୍କର ବନ୍ଧୁବାନ୍ଧବ ।

ଆଉ ଦିନେ ଆଉ ଜଣେ ବନ୍ଧୁଙ୍କ ଘରକୁ ଗଲା । ତାଙ୍କର ଗୋଟାଏ ବଡ଼ ତେଜରାତି ଦୋକାନ ଥିଲା । ତେଜରାତି ଦୋକାନରେ ବସିଥିବା ବନ୍ଧୁଟି କିଛି କାମ ପାଇଁ ବାହାରକୁ ଗଲେ । ଏଇ ଯୁବକଟି ସେଠାରେ ବସିଥିଲେ । ସେ ସେଇ ସୁଯୋଗରେ କ୍ୟାଶ ବାକ୍ସରେ ଯେତେ ଟଙ୍କା ଥିଲା କିଛି କାଢ଼ି ନେଲା । ସେଦିନ ଆଉ ସେଠି ରହିଲା ନାହିଁ । ତାଙ୍କ ଘର ଛାଡ଼ି ପଳାଇଗଲା ।

କିଛିଦିନ ବିତିଗଲା । ଦୁଇବନ୍ଧୁଙ୍କର ଯାହାର ଚୋରିଯାଇଥିଲା ଏବଂ ଯେ ବିଡ଼ି ଖାଇବା ସନ୍ଦେହ କରୁଥିଲା ସେଇ ଯୁବକଟିର ଗାଁ'କୁ ଆସିଲେ । କଥା ପ୍ରସଙ୍ଗରେ ସେମାନେ ତାଙ୍କୁ ବନ୍ଧୁବାନ୍ଧବ ଘରେ ଏଇ କଥା ଆଲୋଚନା କଲେ । ତାଙ୍କ ବନ୍ଧୁବାନ୍ଧବଙ୍କ ଘର ସେଇ ଗାଁ'ରେ ।

ଯେ ଯୁଧିଷ୍ଠିର ବିଡ଼ି ଖାଏ କି ? ରାଜେନ୍ଦ୍ରର ଚୋରି ପ୍ରକୃତି ଅଛି କି ? ତାଙ୍କର ବନ୍ଧୁଲୋକମାନେ ପୁରାପୁରି ପ୍ରତ୍ୟାଖ୍ୟାନ କଲେ । ସେ ଯୁବକଟିର ବିଷୟରେ ସନ୍ଧାନ କରିବାରୁ ଜଣାପଡ଼ିଲା ଯେ ତା'ର ନାମ ବ୍ରଜ । କଥା ଚାରିଆଡ଼େ ପ୍ରଘଟ ହେଲା । ଏସବୁ ସେଇ ଯୁବକ ବ୍ରଜର କାମ ବୋଲି କେତେକ କହିଲେ ।

ସେଇ ଯୁବକଟି ଆଉ ଘରକୁ ଆସିଲା ନାହିଁ । କିନ୍ତୁ ତା' କାମରୁ ସେ ବିରତ ନ ଥିଲା ବୋଲି ଶୁଣାଯାଏ । ଯା'ର ଯେଉଁ ଅଭ୍ୟାସ ଥାଏ ତା' ମଲେ ଯାଏ । ଜଣାଗଲା ଯେ ଯୁବକଟି ନିଶାଦ୍ରବ୍ୟ ସେବନ କରୁଛି । ଜାଲ ଟଙ୍କା କାରବାର କରୁଛି । କେତେବେଳେ କହୁଛି ମୁଁ ଶିକ୍ଷକ ଥିଲି । ମୋତେ ଷଡ଼ଯନ୍ତ୍ର କରି ମ୍ୟାନେଜମେଣ୍ଟ ବାହାର କରିଦେଇଛି । କେତେବେଳେ କୁହେ ମୁଁ ଛାତ୍ର ଅବସ୍ଥାରେ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲି ।

ହଠାତ୍ ଦିନେ ଜଣେ ଲୋକ ତାକୁ କିଛି କାମ କରିବାକୁ ନିଯୁକ୍ତି ଦେଲେ । ତାଙ୍କ ସ୍ତ୍ରୀ ଥିଲେ ଶିକ୍ଷିତା, ଭଦ୍ର ମଧ୍ୟ ଥିଲେ । ଦୟାଳୁ ଥିଲେ । ଏଇ ଯୁବକଟିର ଖରାପ କାର୍ଯ୍ୟ ବିଷୟରେ ମହିଳାଟି ଆସ୍ତେ ଆସ୍ତେ ଜାଣିପାରିଲେ ।

ତାକୁ ଭର୍ତ୍ସନା କଲେ । ଭଲ ମଣିଷ ହେବାପାଇଁ କହିଲେ । ତାକୁ କେତେକ ଖରାପ କାର୍ଯ୍ୟରେ ହାତେ ହାତେ ଧରି ତାକୁ ବିଦା ନ କରି ତା'ର ମଙ୍ଗଳ କିପରି ହେବ ତାକୁ ଉପଦେଶ ଦେଲେ । ଅପରାଧ କଲେ ମଧ୍ୟ ତାକୁ ବାରମ୍ବାର କ୍ଷମା ଦେଉଥିଲେ । ନିଶାଦ୍ରବ୍ୟ ଗ୍ରହଣ ନ କରିବା ପାଇଁ ପ୍ରରୋଚନା ଦେଉଥିଲେ । କିଛିଦିନ ପରେ ଜଣାପଡ଼ିଲା ଯେ, ସେଇ ଯୁବକଟି ଆଉ ସେଇ ଭଦ୍ର ମହିଳାଙ୍କ ଘରେ ନାହିଁ । ସେ ବର୍ତ୍ତମାନ ଏକ ବଡ଼ ବ୍ୟବସାୟ କରୁଛନ୍ତି । ତାଙ୍କ ଅଧୀନରେ ପ୍ରାୟ ଦୁଇ ଶହ ଲୋକ ଖଟୁଛନ୍ତି । ଅନ୍ୟମାନେ ଦେଖାହେଲେ କୁହନ୍ତି ଯେ ସେଇ ଭଦ୍ରମହିଳାଙ୍କ ପାଇଁ ତାଙ୍କର ଆଜି ଏଇ ପରିବର୍ତ୍ତନ । ସେଇ ଭଦ୍ରମହିଳାଙ୍କୁ ଦେବତୁଲ୍ୟ ମାନୁଛନ୍ତି ।

ଯୁବକ ଜଣକ ସୁଖରେ ଅଛନ୍ତି । ଏଇ ଦୁନିଆରେ ନାରୀମାନେ ହିଁ କେବଳ ପୁରୁଷମାନଙ୍କୁ ଉଚ୍ଚସ୍ତରକୁ ନେଇପାରିବେ । ନାରୀ ଚରିତ୍ରର ପ୍ରଭାବ ପୁରୁଷ ଉପରେ ବହୁ ପରିମାଣରେ କାର୍ଯ୍ୟକାରୀ ହୁଏ ।

*– ଶୁଖୁଆ, ଅର୍ଣ୍ଣପାଳ, ଭଦ୍ରକ*

# ବଟ ଖାଲିଆର ବଟୁ ମଣିଷ

■ ଜଗନ୍ନାଥ ଗୌଡ଼

ରାଜ୍ୟର ଉଭୟ ଭୂଗୋଳ ଆଉ ଇତିହାସ ପୃଷ୍ଠାରେ ଏଣିକି ଏ ବଟ ଖାଲିଆ ପରି ଗୋଟାଏ ନିପଟ ମଫସଲ ଆଜି ଅଶୁଣା ଅଜଣା ହେଇନାହିଁ । ଏଠି ଖବରକାଗଜବାଲା ଆଉ ଟିଭିବାଲାଙ୍କ ଲମ୍ବା ଲାଇନ୍ । ଜାତୀୟସ୍ତରରେ ଗୋଟାଏ ନୂଆ ରେକର୍ଡର ନୂତନ ପୃଷ୍ଠା ସୃଷ୍ଟି ହେବ । ଏ ନୂଆ ରେକର୍ଡର ଯେ ପ୍ରମୁଖ ଅଧିକାରୀ । ସେ ଆଉ କେହି ନୁହନ୍ତି, ସେ ଏଇ ବଟ ଖାଲିଆ ମାଟିର ବଟୁ ମହାନ୍ତି । ସେ ପରା ଜାତୀୟସ୍ତରର ବୃହତ୍ ବଟୁର ମାଲିକ । ନୂତନ ରେକର୍ଡର ଅଧିକାରୀ । ତାଙ୍କରି ବଟୁର ଓଜନ ୨୫ କେ.ଜି. ୨୫୦ ଗ୍ରାମ୍, ଅବଶ୍ୟ ଏହା ପୂର୍ବ ରେକର୍ଡ ୨୫ କେ.ଜି. ଠାରୁ ୨୫୦ ଗ୍ରାମ୍ ଅଧିକ । ଚଳିତ ମାସ ୧୫ ତାରିଖରେ ଭାରତର ରାଜଧାନୀ ଦିଲ୍ଲୀ ନଗରୀରେ ନିଜ ରେକର୍ଡ ବଟୁ ପାଇଁ ବଟୁ ମହାନ୍ତି ପୁରସ୍କୃତ ହେବେ । ଏହା କ'ଣ ବଟ ଖାଲିଆ ପାଇଁ କମ୍ ଗୌରବର କଥା । ଯେଉଁ ବଟୁ ପାଇଁ ବଟୁ ମହାନ୍ତି ସାରା ଗାଆଁଟାରେ ପିଲା ବୁଢ଼ାଠାରୁ ଅଣ୍ଡିରି ମାଇପି ପର୍ଯ୍ୟନ୍ତ, ଦାଣ୍ଡରେ, ବାଟରେ ଘାଟରେ, ମଣ୍ଡପରେ, ମନ୍ଦିରରେ ପୋଖରୀରେ ମୁହଁ ଟେକି ଚାଲିପାରୁ ନଥିଲେ, ନିନ୍ଦା ଅପମାନର ବୋଝକୁ ହରି ଚନ୍ଦନ ବୋଲି ଭାବି ନେଇ ଭିତରେ ଭିତରେ ଜଳିଉଠୁଥିଲେ, ସେଇ ବଟୁ ଖଣ୍ଡକ କ'ଣ ବା ନ କଲା । ଏବେ ଏହା ଜାତୀୟ ରେକର୍ଡରେ ପରିଣତ । ଆଉ କେଇଟା ଦିନ ପରେ ଗିନିସ୍ ବୁକ୍ ଅଫ୍ ରେକର୍ଡରେ ନାଆଁ ପଞ୍ଜିକୃତ ହୋଇ ଆନ୍ତର୍ଜାତିକ ମାନଚିତ୍ରରେ ଚହଳ ପକେଇଦବ । ଆରେ ବାଃ – ଇଏ କ'ଣ କମ୍ କଥା ।

ଦେଖନ୍ତୁ, ଏ ବଟୁକଥା କାନରେ ବାଜିଲା ବୋଲି ଆପଣ ହସୁଛନ୍ତି । ହସିବାର କଅଣ ଅଛି । ପ୍ରସିଦ୍ଧ ଔପନ୍ୟାସିକ, ଗାଳ୍ପିକ ମନୋଜ ଦାସଙ୍କ 'ଆବୁ ମଣିଷ' ଯଦି ରେକର୍ଡ ପାଇଁ ଚହଳ ସୃଷ୍ଟି କାରିପାରିଲା ତେବେ ଏ ବଟୁ ପାଇଁ ବଟୁ ମହାନ୍ତି କାହିଁକି ଚହଳ ସୃଷ୍ଟି ନ କରିବେ ଯେ । ମଲା ! ଲମ୍ବା ଦାଢ଼ି, ଲମ୍ବା ନିଶରେ ଯଦି ରେକର୍ଡ କରି ହଉଚି, ତେବେ ଏ ବଟୁ ପାଇଁ କାହିଁକି ରେକର୍ଡ ନ କରି ହବ କହିଲେ ?

ବଟୁର ଅନ୍ୟନାମ, କରଣ ବାଇ ଚାରିଶ ବୟାଳିଶି ପ୍ରକାରନ୍ତରେ ଏହାକୁ ତାଳ, ବୁଜୁଳି କହିଲେ ବି ଚଳିବ । ତେବେ ସେ ଯା'ହେଉ ଏହାକୁ ଆପଣ ଅଶ୍ଲୀଳ ଭଙ୍ଗୀରେ ଦେଖୁଛନ୍ତି କି ? ନା, ନା, ସେ ସବୁଠୁ କେବଳ ଦୂରେଇ ରୁହନ୍ତୁ । ଏହା ତ ଶରୀର ଅଙ୍ଗବିଶେଷ । ଯଦିଓ ଏହାପାଇଁ ଅସ୍ତ୍ରୋପଚାରର ବ୍ୟବସ୍ଥା ଅଛି; ତଥାପି ବଟୁ ମହାନ୍ତିଙ୍କ ବଟୁ ବୃଦ୍ଧିର ନିଶା ଏକ ସ୍ୱତନ୍ତ୍ର ଧରଣର । ବଟୁ ବୃଦ୍ଧି ଏକ ରୋଗ ବୋଲି ଧରାଯାଏ । ଏହାକୁ ହାଇଡ୍ରୋ ବା ଜଳରେ ସେଲ୍ ଯୁକ୍ତ କରି ହାଇଡ୍ରୋ ସେଲ୍‌ର ନାମକରଣ କରାଯାଇଛି, ତେବେ ସେଲ୍ କହିଲେ କୋଷକୁ ବୁଝାଏ । ମୋଟାମୋଟିରେ ଗୋଟିଏ ଜଳକୋଷକୁ ଏ ବିଷ ଦୃଷ୍ଟି କାହିଁକି ଯେ ! ଏ ଅଶ୍ଲୀଳ ଟୀକା ଟିପ୍‌ପଣୀ କ'ଣ ସୁନ୍ଦର ।

ଅନ୍ୟ ପକ୍ଷରେ ବଟୁ ମହାନ୍ତି ପୁରାପୁରି ଏକେଲା ମଣିଷ । ମାନେ ଆଜୀବନ ବ୍ରହ୍ମଚାରୀ । ବିବାହ, ସ୍ତ୍ରୀ, ପିଲାଛୁଆ, ଘରସଂସାର ଠାରୁ ବହୁ ଦୂରରେ । ତେବେ ନିଜର ଏକେଲାପଣଟା ତ ଦେଶର ବର୍ଦ୍ଧିତ ଜନସଂଖ୍ୟା ପରିକା ସଙ୍ଗୀନ ସମସ୍ୟାର ଗୋଟେ ବାସ୍ତବ ସମାଧାନର ଉପଯୁକ୍ତ ରାସ୍ତା ନା କ'ଣ କହୁଛନ୍ତି ! ଦେଶ ଭିତରେ ହୁ ହୁ ହେଇ ଏ ଧର୍ଷଣ, ବଳାତ୍କାର ପରି ଅନର୍ଥ ଘଟଣା ଘଟୁଛି । ଏହାକୁ ନେଇ ନାନା ହିଂସା, ନାନା ହତ୍ୟା, ନାନା ସାମାଜିକ ବିଶୃଙ୍ଖଳାର ସୃଷ୍ଟି । ତେବେ ଟିକେ କଣେଇ କରି ଭଲା ବିଚାର କଲେ, ଏ ବଟୁ ମହାନ୍ତିଙ୍କ ପରି ଦେଶଟାଯାକର ଯେତେ ସବୁ ଉତ୍ପାତିଆ ଷେଣ୍ଢଙ୍କର ଯଦି ବଟୁ ଥାଆନ୍ତା, ତା'ହେଲେ ଏ ସବୁ ଧର୍ଷଣ, ବଳାତ୍କାରର ଘଟଣା ତ ଶୂନ୍ୟ ପରିସଂଖ୍ୟାନର ରୂପ ଧରିଥାଆନ୍ତା । ତେଣୁ ଦୟାବହି ଏ ବଟୁଧାରୀମାନଙ୍କୁ ଆପଣମାନେ ଏମିତି ଆଉ ନଜରରେ ଅଶ୍ଲୀଳ ଭାବନାରେ ଆଉ ରୂପ ନ ବଢ଼େଇଲେ ଭଲ ହବ ।

ବଟ ଖାଲିଆର ବଟୁ ମହାନ୍ତି ଜଣେ ଐତିହାସିକ ବ୍ୟକ୍ତିତ୍ୱ ହୋଇଯିବେ । ତାଙ୍କୁ ସମ୍ବର୍ଦ୍ଧନାର ପ୍ରଶସ୍ତି ଗୁଡ଼ାଏ ସଂଖ୍ୟାରେ ମାଡ଼ିବସିବେ ଆହା । ବିଚରା କେତେ ଦୁଃଖଦୁର୍ଦ୍ଦଶା ଭୋଗ କରି ଆଜି ତାକୁ ପୁଅ ଭଳି ପାଳିପୋଷି ରଖିଥିବାରୁ ଏ ସମ୍ବର୍ଦ୍ଧନାର ପଟୁଆର । ଖାଲି କଥାରେ କଥାରେ ଇମିତି ସିମିତି ଇଆଡୁ ସିଆଡୁ କହିଦେଲେ କ'ଣ ଚଳିବ । ଏଥିପାଇଁ ବଟୁ ମହାନ୍ତି ଅନେକ ବାଧା ପ୍ରତିବନ୍ଧକର ସାମ୍ନା ବି କରିଛନ୍ତି ।

ନିଜର ପେଟ ପୋଷଣ ପାଇଁ ସେ ଗାଆଁ ଛକରେ ସାଇକେଲ ମାର୍ଟଟିଏ କରି ଦି' ପଇସା ଅର୍ଜୁଥିଲେ । ଅବଶ୍ୟ ଏ ବଟୁ ପାଇଁ ତାଙ୍କୁ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଛି । ଥରେ କାଠ ପିଢ଼ା ଉପରେ ଇହା ବଟୁକୁ ଥୋଇ ସାଇକେଲ ମରାମତି କରୁଛନ୍ତି ।

ତାଙ୍କରି ଅଜଣାରେ ଜଣେ ଗରାଖ, ପିଢ଼ା ଭାବି ତା' ଉପରେ ନଥ୍ କରି ବସିଗଲା । ସେ ଚିତ୍କାର, ସେ ଯନ୍ତ୍ରଣା ବଟୁ ମହାନ୍ତି ଭୁଲିପାରିବେ ! ଆଜି ସେ ସାଇକେଲ ମାର୍ଟ ବି ଐତିହାସିକସ୍ଥଳୀ ହେଇଯିବ ।

ଏଣେ ଗାଆଁ ମାଟିରେ ତାଙ୍କରି ଶତ୍ରୁପକ୍ଷ । ସେମାନେ ଖାଲି ଈର୍ଷାରେ ଜଳୁଛନ୍ତି । ସେମାନେ କିଏ ବୋଲି ଯଦି ଆପଣ ପଚାରିବେ, ତେବେ ଉତ୍ତର ମିଳିବ, ସେମାନେ କ୍ଷୁଦ୍ର କ୍ଷୁଦ୍ର ବଟୁଧାରୀ ଗୋଷ୍ଠୀ । ସେମାନେ ପରଶ୍ରୀକାତର ନିଆଁରେ ଜଳୁଛନ୍ତି । କାହିଁକି ଏ ବଟୁ ମହାନ୍ତି ଏ ବୃହତକାୟ ବୋଇତି କଖାରୁ ସଦୃଶ ବଟୁ ଧାରଣ କରି ଜାତୀୟ ସ୍ତରରେ ପୁରସ୍କୃତ ହେବ– ଏଥିପାଇଁ ସେମାନଙ୍କ ନାନା ମନ୍ତ୍ରଣା ନାନା ବିଲୁଆ ବିଚାର । ଆହା ବଟୁ ମହାନ୍ତିର ଏ ବୃହତକାୟ ବଟୁଟା ଏମିତି ବେଳରେ ଫାଟିଯାଆନ୍ତା କି ସେମାନେ ତ ଖୁବ୍ ତାଳିମାରି ହସିଥାଆନ୍ତେ ।

ଏଣେ ବଟୁ ମହାନ୍ତିଙ୍କ ଚିନ୍ତା କେବେ ସେ ପନ୍ଦର ତାରିଖ ଶୀଘ୍ର ପହଞ୍ଚିଯିବ । ସେ ସୁବର୍ଣ୍ଣମୟ ଦିବସକୁ ଅନେଇ ବସିଛନ୍ତି ଶ୍ରୀମାନ୍ ବଟୁ ମହାନ୍ତି ।

ସେଦିନ ସେ ମୁହୂର୍ତ୍ତ ଆସି ପହଞ୍ଚିଗଲା । କି ଆନନ୍ଦ କି ସେ ବେଗ ! ଗାଆଁସାରା ଉଠୁଛି ପଡୁଚି । କ'ଣ ନା ଆଜି ବଟ ଖାଲିଆର ଅଉ ବଟୁ ମହାନ୍ତି ଜାତୀୟସ୍ତରରେ ସମ୍ବର୍ଦ୍ଧିତ ହେବେ । ଲକ୍ଷେ ନଗଦ ସାଙ୍ଗକୁ, ମାନପତ୍ର ଅଙ୍ଗବସ୍ତ୍ର ଏମିତି ନାହିଁ ନ ଥିବା ଅମୂଲ୍ୟ ଜିନିଷ । ପ୍ରକୃତ ପକ୍ଷରେ ବଟୁ ମହାନ୍ତିଙ୍କ ବୃହତ୍ ବଟୁକୁ ଯେ, ଲୋକଲୋଚନକୁ ଆଣି ହାଇପ୍ରୋଫାଇଲ୍ ସମ୍ବର୍ଦ୍ଧନାର ପ୍ରାପ୍ତିର ସୁଯୋଗ ସୃଷ୍ଟି କରିଥିଲେ, ସେ ତ ହେଉଛନ୍ତି ଆବିଷ୍କାର ପରି ଗୋଟାଏ ନାମଜାଦା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଓଜନଦାର ମାଲିକ ବଟେଶ୍ୱର ପାଇକରାୟ । ବଟୁ ମହାନ୍ତିଙ୍କୁ ସେ ନିଜ ଗାଡ଼ିରେ ବସାଇ ଦିଲ୍ଲୀ ନେଇଥିଲେ ପ୍ରତିଦ୍ୱନ୍ଦ୍ୱିତା ରେକର୍ଡ ପାଇଁ ବହୁ ଶ୍ରମ, ଉଦ୍ୟମ ଓ ଅର୍ଥର ବିନିଯୋଗ କରିଥିଲେ । ଆଉ ସମ୍ବର୍ଦ୍ଧିତ ଦିବସରେ ଦିଲ୍ଲୀ ନଗରୀକୁ ବଟୁ ମହାନ୍ତିଙ୍କୁ ନେବା ଦାୟିତ୍ୱ ବି ସେ ବହନ କରିଥିଲେ । ସକାଳ ଛ'ଅରେ ଧଳା ବୋଲେରୋ ଗାଡ଼ିଟିଏ ବଟୁ ମହାନ୍ତିଙ୍କ ଘର ସାମ୍ନାରେ ଅଟକିଲା । ଗାଡ଼ିରୁ ସିଧା ଓହ୍ଲେଇ ପାଇକରାୟ ଚାଲିଲେ ବଟୁ ମହାନ୍ତିଙ୍କ ନିକଟକୁ । ସେଦିନ ପାଇକରାୟ ବଟୁ ମହାନ୍ତିଙ୍କୁ ଯୋଉ ଖବରଟା ଦେଲେ ତା'କୁ ଶୁଣି, ଏକଦମ୍ ତାଟଙ୍ଗା ପାଲଟିଗଲେ । କଥା କ'ଣ କି, ବଟୁ ମହାନ୍ତିଙ୍କ ସେ ବଟୁ ରେକର୍ଡ ଅନ୍ୟ ଜଣେ ବଟୁଧାରୀ ଭାଙ୍ଗିଦେଇ ପ୍ରଥମ ହୋଇଥିଲେ । ତାଙ୍କରି ବଟୁର ଓଜନ ଥିଲା ରେକର୍ଡ ୨୬ କେ.ଜି. । ତେଣୁ ବଟୁ ମହାନ୍ତି ଦିଲ୍ଲୀଯିବାର କିଛି ଆବଶ୍ୟକ ନାଇଁ ବୋଲି ଖବରଟା ଜଣେଇ ବାବୁ ପାଇକରାୟ ସେ ସ୍ଥାନ ହଠାତ୍ କିନା ଛାଡ଼ି ପଳେଇଥିଲେ ।

ତା' ପରଦିନଠୁ ବଟୁ ମହାନ୍ତିଙ୍କୁ ଗାଆଁରେ ଆଉ କିଏ ଦେଖୁନି । ଦି' ମାସ ପରେ ବଟ ଖାଇଆ ବାଲାଏ, ଯୋଉ ରୂପରେ ବଟୁ ମହାନ୍ତିଙ୍କୁ ଦେଖିଲେ, ସେ ଥିଲା ମହାନ୍ତିଙ୍କ ନବକଳେବର । ଛୋଟ ପିଲାଏ ମହାନ୍ତିଙ୍କୁ ପ୍ରଶ୍ନ କରୁଥିଲେ, ବଟୁ ମଉସା, ତମ ବଟୁ କାହିଁ ?

*– ଚୈତନ୍ୟ ନିବାସ, ଚେରମାରିଆ, ଗଞ୍ଜାମ*

# ନିଷ୍କୃତି

■ ଈଶ୍ୱରଚନ୍ଦ୍ର ଶତପଥୀ

ସେଦିନ ପହଞ୍ଚୁ ପହଞ୍ଚୁ କଲୋନୀରେ ଲାଇଟ୍ ଚାଲିଗଲା । ଚତୁର୍ଦ୍ଦିଗ ଘନ ଅନ୍ଧାର । ରାତିଟା ବି ଅନେକ ହେଲାଣି । କଳାହାଣ୍ଡିଆ ମେଘଟା ଆକାଶକୁ ଆବୋରି ଧରିଛି । ଏଇ ବୋଧେ ବରଷି ଯିବ । କଲୋନୀ କୁକୁରଗୁଡ଼ାକ ଜାଗ୍ରତ ପ୍ରହରୀ ପରି ପଇଁତରା ନେଉଥା'ନ୍ତି । ସେମାନେ ମୋତେ ଆଗରୁ ଏଇ ସମୟରେ କେତେଥର ଦେଖିବାରେ ଅଭ୍ୟସ୍ତ । ସେଥିପାଇଁ ତ ସେମାନେ ଶତ ସଂଯତ । କଲୋନୀ ସାରା ସବୁ ଲୋକ ସରକାରୀ ଚାକିରିଆ । ଖରାଛୁଟିରେ ଘରକୁ ଯାଇଛନ୍ତି ଯେ ଏ ଯାଏଁ ଫେରିନାହାନ୍ତି । କେମିତି ଗୋଟାଏ ଖାଁ ଖାଁ ଲାଗୁଛି । କଲୋନୀର ବାହାଦୂର ଆସି ତା'ଘର ବାରଣ୍ଡାରେ ଶୋଇଛି । ବୟସର ସାୟାହ୍ନ ତାକୁ ମୃତବତ୍ ପକାଇ ରଖିଛି । ଭୟର ଏକ ତୁହିନ ଶୀତଳ ସ୍ରୋତ ମୋ ଛାତି ଭିତରେ ପ୍ରବାହିତ ହୋଇଗଲା । ଲାଗିଲା ଯେମିତି ପ୍ରେତ ପୁରୀର ଅସରିରୀମାନେ ସେମାନଙ୍କ ପଲକହୀନ ଚକ୍ଷୁରେ ମୋତେ ନିରୀକ୍ଷଣ କରୁଛନ୍ତି । ଏକ ପୈଶାଚିକ ପରିବେଶ । .....ଭାରି ଡର ଡର ଲାଗିଲା । ଅତି ସନ୍ତର୍ପଣରେ ପକେଟ୍‌ରୁ ଟର୍ଚ୍ଚଟିଏ କାଢ଼ି ମୋ ଘରର ସାମ୍ନା ଗ୍ରୀଲ୍ ଖୋଲିଲି । କେମିତି ଗୋଟାଏ ବିକଟାଳ ଶବ୍ଦ କରି ଦୁଇପଟକୁ ଆଉଜି ହୋଇଗଲା ଗେଟ୍‌ଟା । ଶୋଇବା ଘର କବାଟ ଖୋଲି ଭିତରେ ପଶିଗଲି । ବାହାରେ ଭୀଷଣ ଝଡ଼ତୋଫାନ । ଆରାମ୍‌ଚୌକିରେ ଆଉଜି କିଛି ସମୟ ବସିଲି । ମଝିରେ ମଝିରେ ଦଲ୍‌କାଏ ପବନ ଆସି ଝରକାର କର୍ଟେନ୍‌ଗୁଡ଼ାକୁ ଫଡ୍ ଫଡ୍ କରୁଥାଏ । ଶୋଇବାକୁ ଚେଷ୍ଟାକଲି । ଶୋଇ ହେଲାନି । ଆଲମାରୀରୁ ଦିନଲିପି କାଢ଼ି ପଢ଼ିବାକୁ ଇଚ୍ଛା ହେଲା । ଦିନଲିପି କାଢୁ କାଢୁ କ'ଣ ଗୋଟାଏ ଝଣ୍‌କିନା ତଳେ ପଡ଼ି ଭାଙ୍ଗିଗଲା । ଟର୍ଚ୍ଚ ଜଳାଇ ଦେଖିଲି । ଯାହା ଦେଖିଲି ମୋ ନିଜ ଆଖିକୁ ବିଶ୍ୱାସ କରିପାରିଲିନି । ଆରେ.....ଏ ଫଟୋ ଏଠି କେମିତି ? ଏ ଯେ ତନୁଶୀଳାର ଫଟୋ !!! ସେଇ ପାର୍କ....... !! ସେଇ ଲନ୍....... !! ସବୁଜଘାସର ଗାଲିଚା ଉପରେ ଶୁଭ୍ରଫେନିଳ ରଙ୍ଗର ଏକ ସୂକ୍ଷ୍ମ ବାୟବୀୟ ଆବରଣ ପରି ଡ୍ରେସ୍ ପିନ୍ଧିଛି ସେ । ଓଠରେ ବହଳେ ରକ୍ତିମ ଲିପ୍‌ଷ୍ଟିକ୍‌ର ପ୍ରସାଧନ । ଘନ ରେଶମୀ କେଶଗୁଡ଼ାକ ମୋ ଉପରେ ଅଜାଡ଼ି ଦେଇ ଏକ ଆବେଗ ଭରା ଚାହାଣୀରେ ମୋ ମୁହଁର ସତ ମିଛର ସାନ୍ଦ୍ରତା ମାପୁଛି ସେ.......ଛାତି ଭିତରେ ମୋ ହାତୁଡ଼ିପିଟାର ଶବ୍ଦ...... । ଥରିଲା ଥରିଲା କମ୍ପିତ ହାତରେ ଉଠାଇ ଆଣିଲି ଫଟୋଟିକୁ । ଭାସିଗଲା ବିଗତ ୨୦ ବର୍ଷ ତଳର ସେଇ ମୃଗତୃଷ୍ଣାର କରୁଣ କାହାଣୀ । ତନୁଶୀଳା ମୋ ପ୍ରେମିକା......ମୋ ଆଭିଜାତ୍ୟର ଆତ୍ମବଡ଼ିମା ଯେ ଦିନେ ତା ନିଆରା ପ୍ରେମର ସ୍ରୋତସ୍ୱିନୀକୁ ଉଷର ଭୂଇଁରେ ପରିଣତ କରିଦେବ ସେ ଜାଣି ନ ଥିଲା । ମୁଁ ସତମିଛର ଛାଇ ଆଲୁଅର ଖେଳରେ ଜିତିବି ହାରିଯାଇଥିଲି । ଅନୁତାପର ନିଆଁରେ ଜଳିଜଳି ଉନ୍ମତ୍ତଙ୍କ ପରି ଖୋଜିଥିଲି ତନୁଶୀଳାକୁ । କିନ୍ତୁ...... !!! ଜଡ଼ାଇ ଧରିଲି ଫଟୋଟିକୁ ମୋ ଛାତିରେ । ହଠାତ୍ ତଡ଼ିତ୍ ଆଲୁଅରେ ଝରକା ବାହାରେ କିଏ ଜଣେ ଛିଡ଼ା ହେଲାପରି ପ୍ରତୀୟମାନ ହେଲା । ରକ୍ତଶୂନ୍ୟ ଲାଗୁଥିବା ଅଚଳ ପାଦ ଦୁଇଟିକୁ ଆଗେଇ ନେଲି ଝରକା ପାଖକୁ । ପୁଣି ସେଇ ତଡ଼ିତ୍ ପ୍ରବାହ । ସେଇ ମୂର୍ତ୍ତି......... !! କିଏ ତମେ କିଏ ତମେ....... କିଛି ବି ଉତ୍ତର ପାଇଲିନି । ଅଗଣାର ପଛ କବାଟ ଖୋଲି ଝରକା ପାଖରେ ଥିବା ସେହି ପୁରୁଣା ବରଗଛ ପାଖକୁ ଗଲି । ପ୍ରବଳ ବର୍ଷା ସାଙ୍ଗକୁ କୋହଲା ପବନ ମୋ ଦେହର ତନ୍ତ୍ରୀଗୁଡ଼ାକୁ ପ୍ରକମ୍ପିତ କରୁଥିଲା । ଆଉ...... ଗଛ ପାଖରେ ଏ ତରୁଣୀ କିଏ ? କି.....ଏ........ତ....ମେ ? ଅଲୁରାବାଲୁରା କେଶଗୁଡ଼ାକ ଆଡ଼େଇ ମୋ ଆଡ଼େ ମୁହଁ ଟେକିଲା ସେଇ ତରୁଣୀ । ଆରେ......ଏ ଯେ ତନୁଶୀଳା....... । ତମେ ଏତେ ରାତିରେ ଏମିତି ବଣୁଆ ଅନ୍ଧାରୁଆ ଜାଗାରେ କ'ଣ କରୁଛ ?....... ଏ ଯେ ଭୀଷଣ ଝଡ଼ତୋଫାନର ରାତି !! କିଛି ବି କହିଲାନି ସେ । ଖାଲି ଅନ୍ଧାରି ମୂଳକର ଦିଗହରା ମଣିଷ ପରିକା କଇଁ କଇଁ ହୋଇ କାନ୍ଦିଲା । ସହିପାରିଲିନି । ବାହୁ ଯୁଗଳରେ ଟେକି ଧଇଲି ତାକୁ । ଅଜାଡ଼ି ହୋଇଗଲା ମୋ ଉପରେ । ସମ୍ପୂର୍ଣ୍ଣ ଓଦା ସରସର ଦେହ । ଏକ ଆଦିମତାର ସୁପ୍ତ ଅନୁଭବ ମୋ ଦେହରେ ଜାଗିଁ ଉଠିଲା । ଭିଡ଼ି ନେଲି ଆହୁରି ନିକଟକୁ !! ତା'ଦେହର ସେଇ ପୁରୁଣା ବାସ୍ନା....... । ଆଗରୁ ତନୁଶୀଳାର ନଗ୍ନ ଦେହର ଉଷ୍ମତା ଅନେକଥର ମାପିଛି । ବୁଡ଼ିଯାଇଛି ତା'ର ନଭଶ୍ଚୁମ୍ବି ତରଙ୍ଗାୟିତ ପ୍ରେମର ଫଲ୍‌ଗୁରେ । ହେଲେ କେଉଁଆଡ଼େ ଚାଲିଗଲ ତମେ ? ଦାରିଦ୍ର୍ୟର କଷାଘାତ ନା ସମ୍ଭ୍ରାନ୍ତୀୟ ସାନ୍ନିଧରେ ହଜିଗଲ ତମେ ?? ମୁଁ ଯେ ଅନୁସନ୍ଧିତ୍ସୁ...... କୁହ ତନୁଶୀଳା........

କୁହ......ଏ ଯାଏ କେଉଁଠି ଥିଲ ? ଆଜିଯାଏ ତୁମକୁ ଚାହିଁଛି । ଜୀବନର ଅପରାହ୍ନରେ ପହଞ୍ଚିଲିଣି । ଶୁଣିଥିଲି ତମେ କାଳେ ଶିଳାଦିତ୍ୟର ପ୍ରାସାଦରେ ତା'ର ଅଙ୍କଶାୟିନୀ ରାଜରାଣୀ ଥିଲ । କ'ଣ ହେଲା ତମର ? ? କିଛି ବି କହିଲାନି ସେ । ବାହାରେ ବେଶୀ ସମୟ ରହିପାରିଲିନି ମୁଁ । ତନୁଶୀଳାକୁ ଧରି ମୋ ଶୋଇବାଘରେ ପଶିଲି । ଟେବୁଲ ଲ୍ୟାମ୍ପଟା କାହିଁ କେତେବେଳୁ ଲିଭି ଯାଇଥିଲା । ଦିଆସିଲି ଜଳାଇଲି । ମୋ ଆଗରେ ସ୍ପଷ୍ଟ ପ୍ରତୀୟମାନ ହେଲା ତନୁଶୀଳାର ମୁଖମଣ୍ଡଳ । ଆରେ......ଏ କ'ଣ...... ତୁମ ମୁହଁର ମାଂସଗୁଡ଼ାକ ସବୁ ଖସିପଡୁଛି କାହିଁକି ? ? ଖାଲି ରକ୍ତ ଦେହସାରା ରକ୍ତ ଜୁଡୁବୁଡୁ । ଚକ୍ଷୁ ଯୋଡ଼ାକ କୋଟରଗତ । ସଫେଦ ଚମକ ଦାନ୍ତଗୁଡ଼ାକ ହଳଦିଆ ଆଉ ଆବଡ଼ାଖାବଡ଼ା । ଦେହର ସେଇ ସୂକ୍ଷ୍ମ ଆଭରଣ ସବୁ ଖସିପଡୁଛି । ଖାଲି କଙ୍କାଳ.......ଆଉ କଙ୍କାଳ...... । ମୁଣ୍ଡର ରେଶମୀ କେଶ ସବୁ ରୁକ୍ଷ ହୋଇ ନାଗଫାଶ ପରି ମୋତେ ବାନ୍ଧି ପକାଉଛି ସେଇ କଙ୍କାଳ ସାଥିରେ । ମୋର ନିଶ୍ୱାସପ୍ରଶ୍ୱାସର ଦ୍ୱାରସବୁ ରୁଦ୍ଧ ହୋଇ ଆସିଲାଣି । ଜୋର୍ କରି ଜଡ଼ାଇ ଧରିଛି ସେ ମୋତେ । ପାରିବିନି.......ଆଃ.......କି ଯନ୍ତ୍ରଣା ଶ୍ୱାସରୁଦ୍ଧର ଯନ୍ତ୍ରଣା...... !! ହସିଲା ତନୁଶୀଳା......ସେଇ ହସର ଶବ୍ଦ ପ୍ରତିଧ୍ୱନିତ ହେଉଥିଲା ଯେପରି, କେଉଁ ଏକ ଅଜଣା ରାଇଜର ପାହାଡ଼ି ମୁଳକରେ । ମୋ ଜିଭ ଆଉ ଆଖି ଦୁଇଟା ବାହାରକୁ ବାହାରି ପଡ଼ିଲା ଭଳି ଲାଗୁଥିଲା । ବିକଳରେ ମୁଁ ଚିତ୍କାର କରିଉଠିଲି । ଛାଡ଼ିଦିଅ ମୋତେ....... । ମୁଁ ତୁମ ପ୍ରାଣପ୍ରିୟ ଅନିମେଶ........ଛାଡ଼ିଦିଅ । ପ୍ର.....ତା......ର......କ । ଶକ୍ତ ଭାବରେ ଦୁଇ ହାତରେ ଜାବୁଡ଼ି ଧରିଲା ମୋ ମୁହଁକୁ । ଯନ୍ତ୍ରଣାର ବିକୃତ ସ୍ୱରରେ କହିଲି କ'ଣ ଚାହଁ ତମେ ? .........କ'ଣ ଚାହଁ ତମେ.....? ନିଷ୍କୃତି........... କହିଲା କଙ୍କାଳ ।

କଚାଡ଼ି ହୋଇପଡ଼ିଲି ତଳେ !!!

ପୂର୍ବାକାଶରେ ବାଳାତପ ସୂର୍ଯ୍ୟର ରକ୍ତିମ ଦିଗ୍‌ବଳୟ ଦେଖିପାରିଲି । ଆରେ ......ଏ ତ ମୋ ଘର ନୁହେଁ....... ଏ ଯେ ତନୁଶୀଳାର ସମାଧି !!

ଲେଖାଥିଲା –

୰ ତନୁଶୀଳା ସ୍ୱାଇଁ

ଆବିର୍ଭାବ : ୧୮.୦୩.୧୯୮୦

ତିରୋଧାନ : ୨୨.୦୫.୨୦୦୮

*– ବାଲିଗାଁ, ଚାନ୍ଦବାଲି, ଭଦ୍ରକ*

/

# ଚନ୍ଦୁ

■ ଅଞ୍ଜଳୀ ମହାପାତ୍ର

ଚନ୍ଦୁ ମା'ର ଦେହ ଭଲ ନ ଥିଲା । ତେଣୁ ଚନ୍ଦୁର ମନଟା ଆଜି ଭଲ ନ ଥିଲା । ଗତକାଲିରୁ ମା' ଦେହରେ ଜର ଭର୍ତ୍ତିରହିଛି । ସାଧାରଣ ଥଣ୍ଡା ଜର, ଭଲ ହୋଇଯିବ । ଏମିତି ସିଏ ଭାବିଥିଲା । ହେଲେ ଜର ଆଜିବି ସେମିତି ଥିଲା । ଜଲ୍‌ଦି ଜଲ୍‌ଦି ପାହୁଣ୍ଡ ପକାଇ ସେ ଗାଁ'ରେ ଥିବା ଛୋଟ ଔଷଧ ଦୋକାନକୁ ଯାଇ ତା'ର ମାଲିକକୁ ସବୁ କଥା କହି ଔଷଧ ଆଣିଲା । ଔଷଧ ଦୋକାନୀ ତିନିଦିନ ପାଇଁ ଔଷଧ ଦେଇ ଭଲ ହୋଇଯିବ କହିଲା । ଘରେ ପହଞ୍ଚି ତା'ର ସ୍ତ୍ରୀ ବନିକୁ ସବୁ କଥା କହି ମା'କୁ ଔଷଧ ପଥି ଖୁଆଇଲା । ନିଜେ ଖାଇପିଇ କର୍ମସ୍ଥଳୀକୁ ବାହାରିଗଲା । ଜଲ୍‌ଦି ନ ଗଲେ ତା'ର ମାଲିକ ସାହୁକାର ବିଗିଡିବ । ଶୀଘ୍ର ଯାଇ ସେ ପ୍ରତିଦିନ ଦୋକାନ ଖୋଲେ । ବଡ଼ ଭୁଷା, ତେଜରାତି ଦୋକାନ । ଗରାଖମାନଙ୍କୁ ଜିନିଷପତ୍ର ଓଜନ କରିଦିଏ । ମାଲିକ ପରେ ଆସନ୍ତି । ପଇସାପତ୍ର ହିସାବ କରି ନିଅନ୍ତି । ଚନ୍ଦୁ ବିଶ୍ୱାସୀ ଲୋକ । ସେ ନ ହେଲେ ଦୋକାନ କାମ ପ୍ରାୟ ଅଚଳ । ଗାଁ ହାଇସ୍କୁଲରେ ପାଠ ପଢ଼ିଥିଲା ସେ । ଦୁଃଖକଷ୍ଟ କରି ମା' ତାକୁ ପଢ଼ାଇଥିଲା । ସେ ସାନ ଥିଲା, ତା' ବାପା ଅଚାନକ ରୋଗରେ ପଡ଼ି ଆରପାରିକୁ ଚାଲିଗଲା । ସେବେଠୁ ତା'ରି ମୁହଁକୁ ଚାହିଁ ତା'ର ମା' ନିଜର ମାଣେ ଜମିକୁ ଚାଷ କରି ପର ଘରେ ପାଇଟି କରି ତାକୁ ବଡ଼ାଇଛି, ସ୍କୁଲ ପଠାଇଛି । ଗାଁ' ହାଇସ୍କୁଲରୁ ମାଟ୍ରିକ୍ ପାଶ୍ କରିବା ପରେ ଆଉ ପଢ଼ାଇ ପାରି ନ ଥିଲା । ଗାଁ' ସାହୁକାର ପାଖକୁ ନେଇ କହିବୋଲି ଦୋକାନ କାମରେ ରଖାଇ ଦେଇଥିଲା । ଦଶବର୍ଷରୁ ବେଶୀ ହେଲାଣି, ଏଇ ସାହୁକାର ପାଖରେ ସେ କାମ କରୁଛି । ତିନିବର୍ଷ ହେଲାଣି ତା'ର ହାତକୁ ଦି'ହାତ କରି ବନିକୁ ବୋହୂକରି ଘରକୁ ଆଣିଛି ।

ଚନ୍ଦୁ ସାହୁକାର ଘରେ ପହଞ୍ଚି ଦେଖିଲା ଦାଣ୍ଡଘରେ ସାହୁକାରଙ୍କ ମା' ବଡ଼ ସାଆନ୍ତାଣୀ ଚାଦରଟିଏ ଘୋଡ଼ାଇ ହୋଇ ଖଟରେ ବସିଛନ୍ତି । ସଦା ହସ ହସ ତାଙ୍କ ମୁହଁଟି ଆଜି ମଳିନ ଦେଖାଯାଉଛି । ଚନ୍ଦୁକୁ ଦେଖି ସେ ଧୀର କଣ୍ଠରେ କହିଲେ, କାନ୍ଥରେ ଦୋକାନ ଚାବିକାଠି ଟଙ୍ଗା ହୋଇଛି, ନେଇଯାଆ.... ।

ତାଙ୍କ ମୁହଁକୁ ଚାହିଁ ଚନ୍ଦୁ ପଚାରିଲା, ''ଦେହ ଭଲନାହିଁକି ମାଆ ? ଖରାଦିନ ଗରମରେ ଚାଦର ଘୋଡ଼ିହୋଇ ବସିଛନ୍ତି ଯେ..... ?''

ହସିବାକୁ ଚେଷ୍ଟାକରି ମାଆ ସାଆନ୍ତାଣୀ କହିଲେ, 'ନାଇଁ, ସେମିତି କିଛି ନୁହେଁ । ଏବେ ଋତୁ ବଦଳୁଛି ତ, ତେଣୁ ଟିକିଏ ଭଲ ଲାଗୁନି, ଆପେ ଭଲ ହୋଇଯିବ ।

ଚନ୍ଦୁ କହିଲା, ''ହଁ ସେଇଆ ହୋଇଥିବ, ଗଲା କାଲିଠୁ ମୋ ମା'ର ଦେହ ବି ଭଲ ନାହିଁ, ଆଜି ଆସିବାକୁ ମନ ହେଉ ନ ଥିଲା ସେଥିପାଇଁ; ହେଲେ ବାବୁ ରାଗିବେ ବୋଲି ଚାଲିଆସିଲି ।'' ଏତିକିବେଳେ ବାବୁ ପୂଜା ଘରୁ ବାହାରିଲେ । ଚନ୍ଦୁକୁ ଦେଖି କହିଲେ, ''ଏତେ କ'ଣ ଗପ କରୁଛୁ ? ଚାବିକାଠି ନେଇ ଶୀଘ୍ର ଯାଇ ଦୋକାନ ଖୋଲ୍....... ମୁଁ ଖାଇଦେଇ ପଛେ ପଛେ ଯାଉଛି ।'' ଆଉ କିଛି ନ କହି ଚନ୍ଦୁ ଚାବିକାଠି ନେଇ ବାହାରିଗଲା ।

ଦିନଯାକ କାମ ଭିଡ଼ରେ କଟିଗଲା । ଘରଟା ଟିକେ ଦୂର ହୋଇଥିବାରୁ ଦ୍ୱିପ୍ରହରେ ସେ ଘରକୁ ଯାଏନି, ବାବୁଙ୍କଘରେ ଖାଇଦିଏ । ରାତି ଆଠଟାରେ ଦୋକାନ ବନ୍ଦ ହୁଏ। ସନ୍ଧ୍ୟାଠାରୁ ତା' ମନଟା ବ୍ୟସ୍ତ ଲାଗୁଥିଲା, ମା' କେମିତି ଥିବ କେଜାଣି ? ଜର ଛାଡ଼ିଥିବ କି ନାହିଁ, ବନି ଦ୍ୱିପ୍ରହରେ ଔଷଧ ମନେ କରିଦେଇଥିବ କି ନାହିଁ ? ମନଟା ଏସବୁ ଭାବି ଗୋଳେଇଘାଣ୍ଟି ହେଉଥିଲା । କାମରେ ମନ ଲାଗୁ ନଥିଲା । ମନେପଡୁଥିଲା ତା'ର ବାପା ଭେଣ୍ଡା ବୟସରେ ଏମିତି କୋଉ ଅଜଣା ଜ୍ୱରରେ ଆରପାରିକୁ ଚାଲିଯାଇଥିଲା ସେ ଛୋଟ ଥିବାବେଳୁ । ଗାଁ ମୁଣ୍ଡରେ ମାତ୍ର ଜମି ମାଣେ ଅଛି ତାଙ୍କର, ସେଇତକ ମାତ୍ର ସାହାରା ଥିଲା ସେତେବେଳେ ତା' ମା' ପାଇଁ । ତାକୁ ସ୍କୁଲ ପଠାଇ ନିଜେ ବିଲବାଡ଼ିକୁ ଯାଇ କାମ କରୁଥିଲା ତା ମା' । ସାଇପଡ଼ିଶାଙ୍କ ଘରେ କାମ କରୁଥିଲା ।

''ଆରେ ଚନ୍ଦୁ, ଏଥର ଦୋକାନ ବନ୍ଦ କର, ଆଉ ଗରାଖ ନାହାନ୍ତି ।'' ବାବୁ କହିଲେ । ତାଙ୍କ ପାଟିରେ ଅତୀତ ରାଇଜରୁ ଚେତିଲା ଚନ୍ଦୁ । ଶୀଘ୍ର ଦୋକାନ ବନ୍ଦ କରି ଚାବିକାଠି ବାବୁଙ୍କ ହାତରେ ଦେଇ ସହଳ ସହଳ ଘରମୁହାଁ ହେଲା ।

ଘରେ ପହଞ୍ଚି ଦେଖିଲା ବନି ମା'ପାଖରେ ବସି ମୁଣ୍ଡରେ ପାଣିପଟି ଦେଉଛି । ଜର ତେବେ ଛାଡ଼ିନାହିଁ । ମା' ଆଖିବୁଜି ଚୁପ୍‌ଚାପ୍ ଶୋଇଛି । ମା' ପାଖରେ ବସି ତା' ଦେହରେ ହାତ ଦେଇ ଦେଖିଲା ଜର ସେଇମିତି ଅଛି । ଗାଁ ଔଷଧ ଦୋକାନୀ

ମହନୀ ଭାଇକୁ ମନେ ମନେ ବିରକ୍ତ ହେଉଥିଲା ସେ, କି ଔଷଧ ଦେଇଛି କେଜାଣି, ତାତି ଟିକେ ବି ଓହ୍ଲାଇ ନାହିଁ । ପ୍ରକୃତରେ ସେ ଡାକ୍ତର ନୁହେଁ । ତାଙ୍କ ବାପା କମ୍ପାଉଣ୍ଡର ଥିଲେ । ଔଷଧ ଦୋକାନଟିଏ କରିଥିଲେ । ବାପାଙ୍କଠୁ ଏଇମିତି ଦେଖିଶିଖି ସେ ଗାଁ ଲୋକଙ୍କୁ ଔଷଧ ଦିଏ, ସାଧାରଣ ଜର ଝାଡ଼ା ଇତ୍ୟାଦି ଚିକିତ୍ସା କରିଥାଏ । ରାତିରେ ଅନ୍ୟ ଉପାୟ ନ ପାଇ ଚନ୍ଦୁ ପୁଣି ସେଇ ମହନୀ ଭାଇ ପାଖକୁ ଯାଇ ସବୁକଥା କହିଲା । ଅଲଗା ଔଷଧ ଦେଇ ଦିନକୁ ତିନିଥର ଦେବାପାଇଁ କହିଲା । ତିନିଦିନ ପାଇଁ ଔଷଧ ଦେଇ କହିଲା ଏଥିରେ ଭଲ ହୋଇଯିବ, ବ୍ୟସ୍ତ ହ'ନା.......ଆଶ୍ୱାସନା ଦେଲା ସେ ।

ଆଉ କିଛି ନ କହି ଔଷଧ ନେଇ ଚନ୍ଦୁ ଘରକୁ ଆସିଲା । ମା'କୁ ଉଠାଇ ବସାଇଲା, କାନ୍ଥରେ ତକିଆ ଭରା ଦେଲା । ବନି ସାଗୁ ଦାନା ରାନ୍ଧି ଆଣିଲା । ଚାମଚରେ କିଛି ଖୁଆଇ ମା'ର ମୁହଁ ପୋଛିଦେଲା । ତା'ପରେ ଔଷଧ ଖୁଆଇଦେଲା । ରାତିରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ମଶିଣା ପାରି ମା' ପାଖରେ ଶୋଇଲେ । ରାତିରେ ଦୁଇ ତିନିଥର ଚନ୍ଦୁ ଉଠି ଦେଖୁଥାଏ ତାତି କମିଲାଣି କି ନାହିଁ...... ଔଷଧ ଖାଇବା ପରେ ତାତି ଅଳ୍ପ କମିଥିଲା । ହେଲେ ତା' ପରକୁ ପୁଣି ଯିଏକୁ ସିଏ । ଚିନ୍ତାରେ ରାତିରେ ଭଲ ଶୋଇପାରିଲାନି ଚନ୍ଦୁ । ଭୋର୍ ଭୋର୍ ତା' ଆଖିକୁ ଟିକେ ନିଦ ଲାଗିଯାଇଥିଲା । ଝରକା ପଟେ ସକାଳର କଅଁଳ ଖରାର ସ୍ପର୍ଶରେ ଉଠିପଡ଼ିଲା । ବନି କେତେବେଳୁ ଉଠି ଘର ପାଇଟିରେ ଲାଗିପଡ଼ିଛି । ଘର, ଗୁହାଳ ସଫାସଫି କରି ଗାଈ ଦୁହିଁ କ୍ଷୀର ଆଣିଲା । ମା'ଙ୍କ ପାଇଁ ସାଗୁ ରାନ୍ଧିଲା । ତାଙ୍କୁ ଖୋଇ ଔଷଧ ଦେବାକୁ ହେବ ।

ଚନ୍ଦୁ ମା'ର ମୁଣ୍ଡ ଆଉଁସୁଥିଲା । ଆଖି ଖୋଲି ଚନ୍ଦୁକୁ ଦେଖିଲା ତା' ମା' । ଧୀର କଣ୍ଠରେ କହିଲା, ବ୍ୟସ୍ତହନାରେ ଚନ୍ଦୁ, ଭଲ ହୋଇଯିବିନି ? ଜରଟା ଟିକେ ଜୋର୍ ଧରିଦେଇଛି ତ ! ତୁ ଯା, ତୋ କାମ ସାରି କାମକୁ ପୁଣି ଯିବୁ । ନ ହେଲେ ସାହୁକାର ରାଗିବେ । ବନି ଅଛି ପାଖରେ ମୋ କଥା ବୁଝିବାକୁ । ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରୁଥିଲା ମା'.... ।

ସାହୁକାର ଘରେ ପହଞ୍ଚି ଦୋକାନ ଚାବିକାଠି ଆଣିବାକୁ ଭିତରକୁ ଗଲା, ଦେଖିଲା ସେଠି ବଡ଼ ସାଆନ୍ତାଣୀ ଘୋଡ଼ିହୋଇ ଶୋଇଛନ୍ତି, ସାନ ସାଆନ୍ତାଣୀ ପାଖରେ ବସି ଗୋଡ଼ ଘଷୁଛନ୍ତି । ଚନ୍ଦୁ ପଚାରିଲା, ''କ'ଣ ହେଲା ମା'ଙ୍କର ?'' ସାନ ସାଆନ୍ତାଣୀ କହିଲେ କାଲିଠାରୁ ଦେହ ଟିକେ ଉଷୁମ ଲାଗୁଥିଲା, ହେଲେ ଆଜି ତ କ'ଣ ଜର ବଢ଼ିଗଲାଣି । ତୋ ବାବୁଙ୍କୁ କହିବାରୁ ଧ୍ୟାନ ଦେଉନାହାନ୍ତି । କହୁଛନ୍ତି ଥଣ୍ଡା ହୋଇ କ'ଣ ଟିକେ ହୋଇଛି, ଭଲ ହୋଇ ଯିବନି । ତାଙ୍କ କଥା ତ ଜାଣୁ..... । ଆଉ କିଛି କହିଲେନି ସେ । ଚନ୍ଦୁ ମନଟା ଖରାପ ହୋଇଗଲା, ଘରେ ମା'କୁ ଜର, ଏଠି ସାଆନ୍ତାଣୀଙ୍କ ଦେହ ଭଲ ନାହିଁ, କେଡ଼େ ମଣିଷ ଚିହ୍ନିବା ଲୋକ ସିଏ । କଥା କହିଲେ, ଦୁଃଖ ହରିନେବା ଭଳି ଲାଗେ । ଗରିବ ଦୁଃଖୀଙ୍କ ମନ ଜାଣି ସାହା ହୁଅନ୍ତି ସେ । ନିଜ ସୁବିଧା ଅସୁବିଧାରେ ମୂଲିଆ ହଳିଆ ନିଜ ଦୁଃଖ ତାଙ୍କରି ପାଖରେ କହନ୍ତି । ପୁନିଅଁ ପରବରେ ପିଠାପଣା ବାବୁଙ୍କୁ ଲୁଚାଇ ସିଏ ଗାମୁଛାରେ ଦିଅନ୍ତି । ମନ ଜାଣି ଦେବା ଲୋକ ସିଏ । ଆଉ ସାହୁକାର ହାତମୁଠିରୁ ମଜୁରୀ ଗଣ୍ଡାକ ବି ବଡ଼ କଷ୍ଟରେ ବାହାରେ, ପଇସାକୁ ଚିହ୍ନନ୍ତି ସିଏ । ଧନ ଅଛି ତ ସବୁ ଅଛି ତାଙ୍କର । ଏସବୁ ଭାବୁ ଭାବୁ ଚନ୍ଦୁ ଚାବିକାଠି ନେଇ ବାହାରିଗଲା ।

ରାତିରେ ଘରେ ପହଞ୍ଚି ଦେଖିଲା ମା'ର ତାତି ଜମା ବି କମିନାହିଁ । ତା' ମୁଣ୍ଡରେ ଚିନ୍ତା ପଶିଲା– ଏ ଔଷଧରେ ମା'ର ଦେହ ଭଲ ହେବନି, ତାକୁ ସହରକୁ ନେଇ ଭଲ ଡାକ୍ତର ଦେଖାଇବାକୁ ହେବ । ତିନିଦିନ ହେଲାଣି, ଆଜି ଔଷଧତକ ସରିବ । ପଇସାପତ୍ର ଯୋଗାଡ଼ କରିବାକୁ ସେ ମନେ ମନେ ଠିକ୍ କଲା, ଆସନ୍ତାକାଲି ଯେମିତି ହେଉ ମା'କୁ ସହରକୁ ନେବାକୁ ହେବ ।

ପରଦିନ ସକାଳୁ ସାହୁକାର ପାଖକୁ ଯାଇ ସବୁକଥା କହି ପାଞ୍ଚହଜାର ଟଙ୍କା କରଜ ମାଗିଲା । ସାହୁକାର ସବୁ ଶୁଣି ଟିକେ ମୁରୁକିହସା ଦେଇ କହିଲା, 'ଆରେ ଚନ୍ଦୁ, ଟଙ୍କା କରଜ ନେବୁ ଯେ.... ତୁ ତ ଜାଣୁ ମୁଁ ଜିନିଷ ବନ୍ଧକ ରଖି ହିଁ କରଜ ଦିଏ... ।' ଚନ୍ଦୁ କହିଲା, 'ଆପଣଙ୍କ ପାଖେ ଦଶବର୍ଷ କାମ କଲିଣି । କ'ଣ ଟଙ୍କା ଶୁଝିବିନି ? କାମ କରି ଶୁଝିଦେବି ବାବୁ ।'

ସାହୁକାର କହିଲା, 'ନିୟମରେ ମୁଁ ପକ୍କା.... ତୁ ଜାଣୁ, ତେଣୁ କିଛି ବନ୍ଧକ ରଖି ଟଙ୍କା ନେଇଯା.... । ଚନ୍ଦୁ ଅନୁନୟ ଭଙ୍ଗୀରେ କହିଲା, ବନ୍ଧକ ଦେବାପାଇଁ ସେମିତି କିଛି ମୋ ପାଖରେ ନାହିଁ, ଖାଲି ଯାହା ବାସନକୁସନ ଦି'ଖଣ୍ଡି ....ଅଛି । ''କାହିଁକି, ଗାଁ'ମୁଣ୍ଡରେ ତୋର ଯୋଉ ଜମିଖଣ୍ଡକ ଅଛି ତାକୁ ତ ବନ୍ଧକ ଦେଇପାରିବୁ ? ବାସନକୁସନରେ ବି ପାଞ୍ଚହଜାର ଗଣି ଦେଇ ହେବ ?'' ସାହୁକାର କଥା ଶୁଣି ଚନ୍ଦୁ ମନେ ମନେ ଚମକିଗଲା, ତେବେ ସାହୁକାର ତା'ର ଜମିଖଣ୍ଡକ ଉପରେ ନଜର ରଖିଛି.... ମନେ ମନେ ଭାବିଲା, ବର୍ତ୍ତମାନ ମା'ର ଏମିତି ଅବସ୍ଥାରେ ତା' ପାଖରେ ଆଉ କିଛି ଉପାୟ ବି ନାହିଁ ।

ତା'ର ଭାବନା ଠଉରାଇ ସାହୁକାର କହିଲା, 'କ'ଣ ଏତେ ଚିନ୍ତା କରୁଛୁ, ଟଙ୍କା ନେଇ ଯା'... ମା'କୁ ଆଗେ ଭଲ କର । ପରେ ସୁବିଧା ଦେଖି ବନ୍ଧକ ମୁକୁଳାଇ ନେବୁ । ଚନ୍ଦୁ ଭାବୁଥିଲା

ମା'କୁ ଯେମିତି ହେଉ ଆଜି ସହରକୁ ନେବାକୁ ହେବ । ଗାଡ଼ି ଭଡ଼ା କରି ଚନ୍ଦୁ ମା'କୁ ସହରକୁ ନେଇ ଡାକ୍ତର ଦେଖାଇଲା । ସେଠି ଚାରିପାଞ୍ଚଦିନ ରହିବାକୁ ପଡ଼ିଲା । ବିଭିନ୍ନ ପ୍ରକାର ପରୀକ୍ଷା କଲାପରେ ଉପଯୁକ୍ତ ଚିକିତ୍ସା ହେବାରୁ ମା'ର ଜ୍ୱର କ୍ରମଶଃ ଛାଡ଼ିଲା । ଭଲ ହେବାକୁ ପାଞ୍ଚଦିନ ଲାଗିଗଲା । ତା'ପରେ ପୁଣି ଗାଡ଼ି ଭଡ଼ା କରି ମା'କୁ ଘରକୁ ନେଇଆସିଲା । ଆହୁରି ପାଞ୍ଚଦିନ ଔଷଧ ଖାଇବାକୁ ହେବ । ପୁଣି ଖାଦ୍ୟପେୟ ମଧ୍ୟ ଜଗିବାକୁ ହେବ । ବନିକୁ ସବୁକଥା ବୁଝାଇଦେଇଥିଲା ଚନ୍ଦୁ । ପରଦିନ ସକାଳେ ନିଜ କାମ ସାରି ସେ ବାବୁଘରକୁ ଗଲା । ଏତେଦିନ ଯାଇନାହିଁ ବୋଲି ବାବୁ ନିଶ୍ଚୟ ଖପ୍ପା ହୋଇଥିବେ । ତାଙ୍କ ଘରେ ପହଞ୍ଚି ଦେଖିଲା ଘରେ ଲୋକଗହଳି ..... ବାବୁଙ୍କ ଝିଅ ଝିଆଣୀ ବନ୍ଧୁବାନ୍ଧବ ଭର୍ତ୍ତି । ଚନ୍ଦୁ ମନରେ ଛନ୍‌କା ପଶିଲା, କ'ଣ କିଛି କେଉଁଠି ଅସୁବିଧା ହେଲା କି ? ଭିତରକୁ ଯାଇ ଦେଖିଲା ସାନ ସାଆନ୍ତାଣୀ ଗାଲରେ ହାତ ଦେଇ ବସିଛନ୍ତି ବଡ଼ ସାଆନ୍ତାଣୀଙ୍କ ମୁଣ୍ଡ ପାଖରେ । ତା'ର ମନେପଡ଼ିଲା ସେ ସହରକୁ ଗଲାବେଳକୁ ବଡ଼ ସାଆନ୍ତାଣୀଙ୍କ ଦେହ ଭଲ ନ ଥିଲା, ତେବେ ଆଜିଯାଏ କ'ଣ ସେ ଭଲ ହୋଇନାହାନ୍ତି ? ପାଖକୁ ଯାଇ ସାନ ସାଆନ୍ତାଣୀଙ୍କୁ କ'ଣ ହୋଇଛି ବୋଲି ପଚାରିଲା । ଆର୍ଦ୍ର କଣ୍ଠରେ ସାନ ସାଆନ୍ତାଣୀ କହିଲେ, ପ୍ରଥମେ ତ ଟିକେ ଜରଜର ଲାଗୁଥିଲା ମାଆଙ୍କୁ, ଥଣ୍ଡା ଜର ବୋଲି ଆମେ ଭାବିଥିଲୁ । ଭଲ ହୋଇଯିବ ଭାବି ଚିକିତ୍ସାରେ ଅବହେଳା ହେବାରୁ ଜର ବଢ଼ିଗଲା, ଖିଆପିଆ କମିଯିବାରୁ ଦୁର୍ବଳ ବି ହୋଇଗଲେ । ତୁମ ବାବୁଙ୍କ କଥା ତ ଜାଣ, ଶେଷବେଳକୁ ଚିକିତ୍ସା କଲେ । ଦେହ ଦୁର୍ବଳକୁ ଔଷଧ ତୀବ୍ର, ବର୍ତ୍ତମାନ ଶେଷ ଅବସ୍ଥା, ବିଛଣାରେ କତରାଲଗା ହୋଇଗଲେଣି । ତରଳ ଖାଦ୍ୟ ଅଳ୍ପ ଦିଆହେଉଛି, ଆଖି ଖୋଲୁ ନାହାନ୍ତି ।

ବଡ଼ ସାଆନ୍ତାଣୀଙ୍କର ସ୍ନେହଭରା ହସ ହସ ମୁହଁଟି ଚନ୍ଦୁର ମନେପଡୁଥିଲା । ଚନ୍ଦୁର ଦୁଇ ଆଖି ଜକେଇ ଆସିଲା ତାଙ୍କର ଏ ଅବସ୍ଥାରେ । ପୁନିଅଁ ପରବରେ ପିଠାପଣା ଲୁଚେଇ ଚନ୍ଦୁ ଗାମୁଛାରେ ଅଜାଡ଼ି ଦେଇ କହନ୍ତି, ନେ ରଖ୍, ଲୁଚେଇ କରି ନେବୁ । ଯେମିତି ତୋ' ବାବୁ ଦେଖିବ ନାହିଁ, ସେ ତ ଖାଲି ଟଙ୍କା ପଇସା ଚିହ୍ନେ । ମଣିଷ ଚିହ୍ନେନା.... ଗାମୁଛାରେ ମୁହଁପୋଛି ଚନ୍ଦୁ ବାହାରକୁ ବାହାରିଆସିଲା । ଦୋକାନ ଚାବିକାଠି ନେଇ ବାବୁ ଆଗରୁ ଚାଲିଯାଇଥିଲେ । ଚନ୍ଦୁ ଯାଉ ଯାଉ ଭାବୁଥିଲା, ବାବୁଟା କେମିତି ଲୋକ କେଜାଣି ? ଏତେ ଟଙ୍କା ପଇସା ଅର୍ଜି ମା'ର ଚିକିତ୍ସା ପାଇଁ ଯଦି ସେ ଟଙ୍କା କାମରେ ନ ଲାଗିଲା, ତେବେ ସେ ଅର୍ଜନକୁ ଧିକ୍..... ପ୍ରଥମରୁ ଚିକିତ୍ସା କରିଥିଲେ ହୁଏତ ମାଆ ସାଆନ୍ତାଣୀଙ୍କର ଆଜି ଏ ଅବସ୍ଥା ହୋଇ ନ ଥାଆନ୍ତା..... ।

ନିଜ ଜମିଖଣ୍ଡକ ହରାଇ ଦେଇଛି ବୋଲି ଚନ୍ଦୁ ମନରେ ଯାହା ବି ଟିକେ ଦୁଃଖ ଥିଲା ସବୁ ଅପସରି ଗଲା । ଜମି ଗଲେ ବି ତା' ପାଖରେ ତା'ର ମାଆ ତ ଅଛି ତା' ଦୁଃଖସୁଖରେ ଆହା କରିବାକୁ । ଦିନସାରା ଖଟି ଘରକୁ ଆସିଲେ ମା'ର ସ୍ନେହବୋଳା ଚନ୍ଦୁ ଡାକରେ ତା'ର ଥକ୍କା ମେଣ୍ଟିଯାଏ । ଦୋକାନ ପାଖରେ ପହଞ୍ଚି ଦେଖିଲା, ଦୋକାନରେ ବସି ବାବୁ ହିସାବ କିତାବରେ ବ୍ୟସ୍ତ । ତାକୁ ଦେଖି କହିଲେ, କେତେଦିନ ରହିଗଲୁ ବାହାରେ ଚନ୍ଦୁ ? ୟା'ଡ଼େ ଦୋକାନ ଅବସ୍ଥା ଧିମେଇ ଗଲାଣି । ବାବୁଙ୍କ କଥାରେ କେବେ ବି ଉତ୍ତର ଫେରାଉ ନ ଥିବା ଚନ୍ଦୁ ଆଜି ପାଟି ଫିଟାଇଲା, କହିଲା– ''ବାବୁ, ଦୋକାନ କାମ ବଡ଼ ନା ମୋ ମା' ବଡ଼ ? ଦୋକାନ କାମ ଆଜି ଧିମେଇଗଲେ କାଲି ଆଗେଇ ପାରିବ; ହେଲେ ମୋ' ହେଳାରୁ ମୋ ମା' ଚାଲିଗଲେ ତାକୁ କାଲି ଫେରାଇଆଣି ପାରିବି କି ? ମୋ ଜମି ଖଣ୍ଡକ ବନ୍ଧାଦେଇ ଟଙ୍କା ଖର୍ଚ୍ଚ କଲି ବୋଲି ମୋର ମନରେ ଦୁଃଖ ନାହିଁ; କିନ୍ତୁ ତାକୁ ହାତେଇ ନେଇ ଆପଣ ଖୁବ୍ ଖୁସି ଜଣାପଡୁଛନ୍ତି ।

ସାହୁକାର ନିର୍ବାକ୍ ହୋଇ ଚନ୍ଦୁକୁ ଚାହିଁ ରହିଥିଲେ ।

*– ଖୁଣ୍ଟା, ମୟୂରଭଞ୍ଜ*

# ଜୀବନର ପରିଧି

■ ତ୍ରିଲୋଚନ ମହାକୁଳ

ବାହାରେ ଭୀଷଣ ବର୍ଷା । ଝରକା ଓ କବାଟ ସବୁକୁ ବନ୍ଦ କଲେ ବି ସେଥିରୁ ରକ୍ଷା ନାହିଁ । ଝରକା ଫାଙ୍କରେ ହାଲୁକା ଥଣ୍ଡା ପବନ ପଶିଆସି ମନର ଠିକଣା ବଦଳାଇବାରେ ଲାଗିଛି । ଏତେବଡ଼ ଫାଙ୍କା ଘରେ ସାଥୀହୀନ ହୋଇ ବସିବାକୁ ଭଲ ଲାଗୁନାହିଁ । ପଢ଼ି ମଧ ହେଉନାହିଁ ବରଂ ସ୍ମୃତି ଓ କାମନା ଏକାକାର ହେଉଛନ୍ତି । କାମନା ଅବଶ୍ୟ ସେତେ ଯନ୍ତ୍ରଣାଦାୟକ ନୁହେଁ; କିନ୍ତୁ ସ୍ମୃତି, ସେ ପୁଣି, ଅତି ନିର୍ଦ୍ଦୟଭାବରେ କାହାର ନା କାହାର ନିଶା ଲଗାଇ ମନଟାକୁ ଜାଳିପୋଡ଼ି ଦେଉଛି । ତଥାପି ସ୍ମୃତି ମୋର ଅତି ଆପଣାର । ମୋର ପାହାନ୍ତି ଫୁଲ, ଆଉ କାମନା କେଉଁ ଦୂରବନ ଗଛମୂଳର ସବୁଜିମାହୀନ ଝରାପତ୍ର ।

ବର୍ଷା କ୍ରମଶଃ ବଢୁଛି । ଗରମ ତଡ଼ିବାକୁ ଥିବା ଘରର ବିଜୁଳି ବିଞ୍ଚଣାଟା ଆଜିର ପାଗରେ ଅକାମୀ । ବସି ବସି ଆଖି ଦୁଇଟା ଖାଲି ନିଜ ଉପରେ ପଡୁଛି । ଝରକା କାଚ ଦେଇ ସେ ନୂଆକୋଠା ବା ତା' ପୂର୍ବଦିଗର ହଷ୍ଟେଲଟିକୁ ଚାହିଁଲେ ନିଜ କଥା ଟିକେ ଭୁଲିହେଉଛି । ଜାଣେନା, ଏତେ ଛୋଟ ଛୋଟ କଥା ମୋ ନିକଟକୁ ଏତେ ରଙ୍ଗିନ୍ ହୋଇ କାହିଁକି ଫେରିଆସୁଛନ୍ତି । ମୋତେ ଲାଗୁଛି, ମୁଁ ଯେମିତି ଏକ ମୃତ ବଳର ଏକ ପରିତ୍ୟକ୍ତ ଐତିହ୍ୟମଣ୍ଡିତ ଗଡ଼; କିନ୍ତୁ ଏତେ ଅସ୍ତବ୍ୟସ୍ତଭାବରେ ମନ-ତଟୂରେ ଲଗାମଦେବା ଅନ୍ତତଃ ମୋ ପକ୍ଷେ ଏକ ଦୁରୂହ ବ୍ୟାପାର । ଏଣୁତେଣୁ ଗୁଡ଼ାଏ ଭାବି ମୁଣ୍ଡର ବୋଝ ଭାରି କରି ଶେଷରେ ଆଖିରୁ ଦି'ଟୋପା ଲୁହ ଗଡ଼େଇବା ସାର ହେବ ।

କାନ୍ଥର ସେ ଅଧା ଲଙ୍ଗଳା ନିର୍ଜୀବ ଚିତ୍ରଟା ଆଡ଼େ ଚାହିଁ ତା' ସହ ଦି'ପଦ ଆଳାପ କଲେ କେମିତି ହୁଅନ୍ତା ? ଏମିତି ନିଃସଙ୍ଗ ବର୍ଷାକାଳ ବହୁତ କଟାଇଲା ପରେ ପୁଣି ଏ ଭାବନା କାହିଁକି ? ମନକୁ ଆସୁଛି ଧିକ୍ ଧିକ୍ ମୋର ଏହି ବୟସ । ଯାହା କଟୁଛି ଖାଲି ଧକ୍କାରେ ଆଉ ଧକ୍କାରେ । କେତେ ମଧୁର ସ୍ମୃତି ଜହ୍ନିଫୁଲ ପରି ମଉଳି ଗଲେଣି । ପାରିପାର୍ଶ୍ୱିକ ଅବସ୍ଥାକୁ ଭ୍ରୂକ୍ଷେପ ନ କରି ରଥଚକ ମୋର ଅନାବନା ପଥରେ ଘୂରି ବୁଲୁଛି । ମନଟା ବି ଅନୁଭୂତିରେ ବୁଢ଼ା ହୋଇଗଲାଣି । ଅନ୍ତର୍ଦାହଗୁଡ଼ା ବିପ୍ଳବ ସୃଷ୍ଟି କଲେଣି । କେତେବେଳେ ଏ ମନଟା ଦେହରେ ନିଆଁ ଲଗାଇ ଦେଉଛି ତ କେତେବେଳେ ଅତି ଆପଣାର କରି ଭିଡ଼ି ଧରୁଛି । ସତରେ ମୋ ମନର କି ଅଦ୍ଭୁତ ଖିଆଲ !

ଏଇ ନିସ୍ତବ୍ଧତା ଭିତରେ କାନ୍ଥ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ପଥର କାଟିବା ପରି ଶୁଭୁଛି । ପାଖରେ କେହିଥିଲେ ବହୁତ କଥା କୁହନ୍ତି । ନ ଶୁଣିଲେ ଘୋଡ଼ା ଦେବି, ହାତୀ ଦେବି.... କହି ବହଲାନ୍ତି । ଏ ବୟସରେ ପୁଣି ଏମିତି ସୃଷ୍ଟିଶୀଳତା ଆଉ ଦକ୍ଷତା ଥାଇ.... । ତଥାପି ବହୁତ ନଈ ବହିଯାଇଛି । ନଈକୂଳର ସେ ଶିଳାଲିପି, ତାମ୍ରଫଳକ ବହୁତ ଖବର ଯୋଗାନ୍ତି । ହେଲେ କ'ଣ ହେବ ? ବର୍ତ୍ତମାନଟା ଫାଙ୍କା । ଶୂନ୍ୟତା ଭିତରେ ବଞ୍ଚିବାକୁ ପଡୁଛି । ମୁଁ ଭାବୁଛି ମୋର ବୌଦ୍ଧିକ ସ୍ତରରେ ଗୋଟିଏ ବିରାଟ କମ୍ପନ ହୋଇଯାଇଛି, ଯାହାର ପ୍ରଭାବ ନିକଟ ଭବିଷ୍ୟତରେ ଯିବ ନାହିଁ । ନଈବାଲିର ଗାର ସିନା ପାଣି ଧୋଇଦିଏ; କିନ୍ତୁ ପଥର ଦେହର ଗାର ଯୁଗ ଯୁଗ ପାଇଁ ।

ବହିଟା ସେମିତି ଓଲଟା ହୋଇପଡ଼ିଛି । ପଢ଼ିବାର ସ୍ପୃହା ନାହିଁ । ଥଣ୍ଡା ପାଗଟା ମନ ଭିତରେ ଏକ ଝଡ଼ର ବିବର୍ତ୍ତନ ସୃଷ୍ଟି କଲାଣି । ବସି ବସି ଗପ ବା କବିତାଟିଏ ଲେଖିଦେଲେ କେମିତି ହୁଅନ୍ତା ! ଉପନ୍ୟାସଟା ଅଧା ହୋଇପଡ଼ିଛି । ସେଇଟିକୁ ସାରିଦେଲେ ସବୁଠୁ ଭଲ ହୁଅନ୍ତା । ତେବେ ପୁଣି ଇତିହାସର ଏ ପୁନର୍ବିଚାର କାହିଁକି ? ଆଗନ୍ତୁକ ଭବିଷ୍ୟତଟା ଦିନେ ଅତୀତ ହୋଇ ଡାଏରୀ ପୃଷ୍ଠାରେ ରହିବ । ତେବେ ଏ ନୂଆ ହୋଇ ସୃଷ୍ଟି ହେବାକୁ ଯାଉଥିବା ଅତୀତକୁ ଏମିତି ଶୂନ୍ୟ କରି ଗଢ଼ିବାକୁ ପଡ଼ିବ ନାହିଁ । ମଝିରେ ବର୍ତ୍ତମାନଟା ରହିଗଲା । ଏ ପୁଣି କିଛି ଉତ୍ତେଜନା ମାଗୁଛି । ଏଥିପାଇଁ କ'ଣ କିଛି ଉପାଦାନ ମିଳିବ ନାହିଁ ?

ବହିଟିକୁ ଧରି ଅସ୍ତବ୍ୟସ୍ତ ଭାବରେ ଅଳସ ଭାଙ୍ଗିବା ସାର ହେଉଛି । ପଢ଼ିବା କଥା ମିଛ । ଡି.ଏଚ୍.ଲରେନ୍ସଙ୍କ କଥା ମନେପଡୁଛି । ମଣିଷର ଦୁଇଟା ମନ ଥିଲେ ଗୋଟିକର ଭୁଲ୍ ହୁଏତ ଅନ୍ୟଟିରେ ସଂଶୋଧନ କରି ହୁଅନ୍ତା । କିଏ କହିବ ତାହା ମୋ' ପକ୍ଷରେ ସତ ହୋଇଥାନ୍ତା ? ହେମିଙ୍ଗ୍‌ୱେଙ୍କ 'ଫିଏଷ୍ଟା' ଉପନ୍ୟାସର ଚରିତ୍ରମାନଙ୍କ ପରି ପ୍ୟାରିସର ନାଇଟ୍ କ୍ଲବ୍‌ଠାରୁ ସ୍ପେନ୍‌ର ଷଣ୍ଢ ଲଢ଼େଇ ମଧ୍ୟରେ ସମୟ ମୋର ବିତିଗଲା । ମନଟା ଏବେ ଅସହାୟ ନକ୍ଷତ୍ର ପରି ଜଳୁଛି । ଯେଉଁ ମଞ୍ଜି ମୁଁ ବୁଣିଛି ତା'ର ଫସଲ ମୋତେ ହିଁ ଅମଳ କରିବାକୁ ପଡ଼ିବ ।

ଅଦୂରର କଲେଜଟା ବନ୍ଦ ହୋଇଗଲାଣି । ଛୋଟ ଛୋଟ ରବିନ୍‌ସନ କ୍ରୁଶୋ ଜିନ୍ ପ୍ୟାଣ୍ଟ ପିନ୍ଧି ଚକ୍‌କର କାଟିଲେଣି । ଅତୀତର ସାଥୀ ମନକୁ ଫେରିଆସୁଛନ୍ତି । ସେମାନେ ଭାରି ଭଲ

– ଅତି ନିର୍ଦ୍ଦୟ ଭାବରେ ଭଲ ଯେମିତି ପୁରୁଣା ବାନ୍ଧବୀ ଓ ଖୁସି ଗପ ଭଲ । ଆଜି ଦିଗ୍‌ବଳୟର ସୂର୍ଯ୍ୟର ସଂପର୍କ ତାଙ୍କଠାରୁ ଅଧିକ ନିବିଡ଼ । ଅତି ନିରୀହ ଅଥଚ ଉପାୟହୀନ ଭାବରେ ମୁଁ ଭାବୁଛି – କି ବା ଲାଭ ଆଉ ସ୍ମୃତିକୁ ଯାବୋଡ଼ି, ବରଂ ସବୁ ଭୁଲିଯିବା ଭଲ ।

ଅତୀତ ପଛରେ ଦଉଡ଼ି ଦଉଡ଼ି ଜୀବନ ଉପଭୋଗର ରହସ୍ୟ ମିଳିବନି । ମୁଁ ଆଜି ତ୍ରିଶଙ୍କୁ । ତଥାପି ମୋତେ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ । ମୁଁ ଭାବୁଛି ସେ ପଦ୍ମର କଥା । ସୂର୍ଯ୍ୟଙ୍କୁ ଟିକେ ଦେଖିବ ବୋଲି ସେ ପାଣିର ଗଭୀରତା ମାନୁନାହିଁ । ବିବର୍ତ୍ତନର ଶେଷ ପର୍ଯ୍ୟାୟର ମଣିଷ ହୋଇ ମୁଁ ହାରିଯିବି କାହିଁକି ?

ଭାବୁ ଭାବୁ ଏମିତି ସମୟତକ ଚାଲିଯିବ । ତେବେ ମୁଁ କ'ଣ କରିବି ? ଭାବନାଗୁଡ଼ିକ ଆନୁସଙ୍ଗିକ ଭାବଧାରା ସୃଷ୍ଟି କରୁଛନ୍ତି । ଆଉ ମୁଁ ବେକରେ ଦଉଡ଼ି ବନ୍ଧାଥିବା ବଳଦ ପରି ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରର ଚାରିପଟେ ବୃତ୍ତ ପରେ ବୃତ୍ତ କାଟୁଛି ।

ନିରବଚ୍ଛିନ୍ନ ସୁଖ ସହଜଲବ୍ଧ ନୁହେଁ । ମୋ ପକ୍ଷରେ ଏହା ସଂପୂର୍ଣ୍ଣ ସତ୍ୟ । ଏଥିପାଇଁ ମୋତେ ଏ ସଂଘର୍ଷ ବିକ୍ଷୁବ୍ଧ ମନକୁ ଆୟତ୍ତ କରିବାକୁ ପଡୁଛି । ଏଥିରେ ସଜାଗ ଓ ସଚେଷ୍ଟ ହୋଇ ମଧ୍ୟ କିଛି ଫଳ ମିଳିନାହିଁ ।

ମୁଁ ତ କିଛି ଭୁଲ୍ କରିନାହିଁ । ତା'ହେଲେ ଏତେ ଅନୁତାପ, ଭାବନା ଓ ଅନୁଶୋଚନା କାହିଁକି ? ଆବେଗ ଓ ଅଶ୍ରୁ କାହିଁକି ?

ମୋ ଛାତିରେ ଅତୀତ ବାଜେ । ଇତିହାସର ମୂଳ ପୃଷ୍ଠାକୁ ଫେରିଯିବାକୁ ଇଚ୍ଛା ହୁଏ । ଏହାର ଏକ ସୁ-ସମାଧାନ କରିବାକୁ ହେବ । ଏକ ଅନମନୀୟ ପଦକ୍ଷେପ ନେବାକୁ ପଡ଼ିବ ।

ତେଣେ ସଞ୍ଜ ଘନେଇ ଆସିଲାଣି । ବର୍ଷାର ବାହୁଲ୍ୟ ମଧ୍ୟ କମିଗଲାଣି । ବଉଦ ଫାଙ୍କରେ ଅଷ୍ଟମୀର ବଙ୍କା ଜହ୍ନ ଉଙ୍କି ମାରିଲାଣି । ଅସରା ଅସରା ବର୍ଷା ପିଇ ରାସ୍ତାଟି କଳାମିଚିମିଚି ଦିଶୁଛି । ରାସ୍ତାକଡ଼ର ଦୋକାନମାନଙ୍କରେ ପୂର୍ବର ଗହଳି ଫେରିଆସିଲାଣି ।

ହେଲେ ମୁଁ କାହିଁକି ଜଳିଯାଉଛି ଏକ ଅଚଳାୟତନ ମଧ୍ୟରେ । ଏ ପୃଥିବୀ ପରି ପାପଗର୍ଭା ଗ୍ରହରେ ମୋ' ପାଇଁ କ'ଣ ତିଳେମାତ୍ର ବଞ୍ଚିବାର କୌଶଳ ନାହିଁ ? ଏ ପୃଥିବୀର କୋଟି କୋଟି ଅନ୍ତର୍ଜୀବନର ଓ ମାନସିକ ପ୍ରବଣତାର ମୁଁ କ'ଣ ଏକମାତ୍ର ନିଷ୍କରୁଣ ଦଲିଲ ?

ମୋର ଜ୍ୱଳନର ପରିଣତି ହେଉ ମିଥ୍ୟା, ସମ୍ଭାବନାର ମୃତ୍ୟୁ ଓ ସତ୍ୟର ଉଜ୍ଜ୍ୱଳ, ଉଦାର ସ୍ୱୀକୃତି ।

*– ଦୋଳମୁଣ୍ଡାଇ, କଟକ*

# ଧ୍ୱନି ପ୍ରଦୂଷଣ

■ ପ୍ରଭାତ କୁମାର ଭୂୟାଁ

ସୃଷ୍ଟି ସଂରଚନା ସାରି ସୃଷ୍ଟିକର୍ତ୍ତା ବ୍ରହ୍ମା ସରଗକୁ ଫେରିଗଲେ । ଗଛ, ଲତା, ବଣ, ପାହାଡ଼, ନଦ, ନଦୀ, ସାଗର, ମହାସାଗର ଆଦି ପ୍ରାକୃତିକ ସୌନ୍ଦର୍ଯ୍ୟ ନେଇ ପୁଲକିତ ଥିଲା ମାଆ ବସୁନ୍ଧରା । ମଣିଷ, ପଶୁ, ପକ୍ଷୀ, ସରୀସୃପ ଆଦି ଅନେକ ଜୀବନକୁ ଆପଣାର ଜୀବନ ସୁଖସ୍ୱାଛନ୍ଦ୍ୟରେ ବିତାଇବା ପାଇଁ ପୃଥିବୀ ଏହି ମାଟିମାଆର ବୁକୁକୁ ପ୍ରସାରିତ କରିଦେଲେ । ମାଟି ଓ ଜଳର ଉପରେ ଆକାଶକୁ ଢାଙ୍କିଦେଲେ ଆଉ କହିଲେ, ହେ ଆକାଶ ! ତୁମେ ଦେବୀ ବସୁନ୍ଧରାର ଭଲମନ୍ଦ ବୁଝିବ । ମୁଁ ସରଗକୁ ଫେରିଯାଉଛି । ମଝିରେ ମଝିରେ ସମୟ ଦେଖିଆସିବି । ମୁଁ ବୁଢ଼ା ଲୋକ, ବେଶି ଚଲାବୁଲା କରିପାରେ ନାହିଁ । ଏଣୁ ସବୁବେଳେ ଆସି ଦେବୀ ବସୁନ୍ଧରାଙ୍କର ସୁଖଦୁଃଖ ବୁଝିବା ସମ୍ଭବ ନୁହେଁ । ବ୍ରହ୍ମାଙ୍କର ବିଦାୟ ବେଳାରେ ବସୁନ୍ଧରା ଭାବବିହ୍ୱଳ ହୋଇ କହିଲେ, ହେ ପିତା ! ମୁଁ ତୁମର ଅତି ପ୍ରିୟ କନ୍ୟା । ତୁମେ ମୋତେ ପର କରି ଦୂରକୁ ଚାଲିଯାଉଛ । ତୁମ ବିନା ମୋର ଭଲ ମନ୍ଦ କିଏ ଅବା ବୁଝିବ ? ମଝିରେ ମଝିରେ ତୁମେ ନିଶ୍ଚୟ ଆସିବ । ତା' ନ ହେଲେ ମୁଁ ତୁମ ଉପରେ ବହୁତ ରାଗିବି । ଆଦୌ କଥା ହେବିନାହିଁ । ନିଜେ ମଧ୍ୟ ଖିଆପିଆ ଛାଡ଼ିଦେବି । ଏତିକି ମନେରଖିବ ।

ବ୍ରହ୍ମା ଦେଖିଲେ, ଦେବୀ ବସୁନ୍ଧରାଙ୍କ ଆଖିରେ ଲୁହ । ବୁଝାଇ କହିଲେ, ମାଆରେ, ତୁ ମନ ଦୁଃଖ କରିବୁ ନାହିଁ । ତୁ ମୋର ଅତି ଆଦରର । ସବୁବେଳେ ତୋ' କଥା ମନେପଡ଼ିବ । ତୁ ମୋର ଶାନ୍ତ ସୁଧାର କନ୍ୟା । ତୁ ସବୁଠାରୁ ସୁନ୍ଦର ସୃଷ୍ଟି । ଏଣୁ ତୁ ବ୍ୟସ୍ତ ହେବୁନାହିଁ । ତୋର ପିଲାମାନେ କେମିତି ସୁଖରେ ରହିବେ, ସେ ବ୍ୟବସ୍ଥା ମୁଁ କରିଦେଇଛି । କିଛି ଜଳରେ ରହିବେ, କିଛି ମାଟି ଉପରେ । ତେବେ ମଣିଷ ପିଲାମାନେ ତୋର ଟିକିଏ ଅଧିକ ଦୁଷ୍ଟ । ସେମାନଙ୍କର ବୁଦ୍ଧି ପ୍ରଖର । ସେମାନେ ଯଦି କିଛି ଅସୁବିଧା ସୃଷ୍ଟି କରିବେ, ତେବେ ସେମାନଙ୍କୁ ମୁଁ ଯମକୁ ପଠାଇ ତୋ' ପାଖରୁ ନେଇଯିବି ।

ବ୍ରହ୍ମା ଚାଲିଗଲା ପରେ ମାଆ ବସୁନ୍ଧରା ତା'ର ସନ୍ତାନମାନଙ୍କୁ ଡାକି ବୁଝାଇ କହିଲେ, ଦେଖ ପିଲେ, ତୁମେ ସବୁ ନିଜ ନିଜ ଇଲାକାରେ ସୁଖରେ ରୁହ । କେହି କାହାର କ୍ଷତି କରିବ ନାହିଁ । ଏହାଦ୍ୱାରା ତୁମର ହିଁ କ୍ଷତି ହେବ । ମୁଁ କିଛି ପିଲାଙ୍କୁ ଜଳଭାଗ ଦେଉଛି, ସେମାନେ ଜଳଚର ବୋଲାଇବେ, ପକ୍ଷୀମାନଙ୍କୁ ଆକାଶ ଓ ସ୍ଥଳ ବୁଲିବା ପାଇଁ ଦେଉଛି । ତେବେ ସେମାନେ ଅଧିକାଂଶ ସମୟ ଆକାଶ ମାର୍ଗରେ ରହିବେ । ସେମାନେ ଅଧିକ କେଁ କଟର କରନ୍ତି । ମୋତେ ଧ୍ୱନି ଅର୍ଥାତ୍ ଶବ୍ଦ ବେଶି ଭଲ ଲାଗେ ନାହିଁ । ମୁଁ ଶାନ୍ତିରେ ରହିବାକୁ ଚାହେଁ । ଅନ୍ୟମାନେ ସ୍ଥଳ ଭାଗରେ ରହି ସ୍ଥଳଚର ପ୍ରାଣୀ ବୋଲାଇବେ ।

ସେତିକିବେଳେ ପ୍ରଦୂଷଣ ସେହି ବାଟ ଦେଇ ନରକ ନଗରୀକୁ ଯାଉଥିଲା । ପୃଥିବୀର ଶାନ୍ତ ସୁନ୍ଦର ରୂପ ଦେଖି ସେ ଅଭିଭୂତ ହୋଇଗଲା । ମନେ ମନେ ଭାବିଲା, ଯଦି ଏହି ପୃଥିବୀରେ ରହିବାର ସୁଯୋଗ ମିଳନ୍ତା ତେବେ ଭଲ ହୁଅନ୍ତା । ପୃଥିବୀ ଅର୍ଥାତ୍ ବସୁନ୍ଧରା ସେତେବେଳକୁ ଆପଣାର କାମରେ ବ୍ୟସ୍ତ ଥିଲେ । ପ୍ରଦୂଷଣ ଅନ୍ଧାରରେ ମଣିଷ ଭିତରେ ଲୁଚି କରି ପଶିଗଲା । ମଣିଷମାନଙ୍କର ବୁଦ୍ଧିରେ କିଛି ଭେଜାଲ୍ କଲା । ମଣିଷ ଗଛ ଲତା ଆଦି କାଟିବାକୁ ଲାଗିଲା । ଜୀବଜନ୍ତୁଙ୍କର ଶିକାର କଲା । ଏମିତି କି ଆପଣାର ମଧ୍ୟ ଶିକାର କଲା । ବଣ ଜଙ୍ଗଲ ଆଦି ନଷ୍ଟ ହେବାରୁ ଧୂଳି ଭରିଗଲା । ମଣିଷ ଧୀରେ ଧୀରେ କେତେ କଳକାରଖାନା ତିଆରି କଲା । ସେଥିରୁ ଧୂଆଁ ବାହାରିଲା । ଏବେ ପ୍ରଦୂଷଣର ମନ ବହୁତ ଖୁସି । ଦେବୀ ବସୁନ୍ଧରାଙ୍କ ରାଇଜରେ ସେ ଆପଣାର ଏକ ପ୍ରଦୂଷିତ ସାମ୍ରାଜ୍ୟ ସ୍ଥାପନ କଲା । ବାୟୁମଣ୍ଡଳ ବିଷାକ୍ତ ହେଲା । ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁ ଏହି ବିଷାକ୍ତ ପରିବେଶରେ ରୋଗାକ୍ରାନ୍ତ ହେଲେ ।

ଦେବୀ ବସୁନ୍ଧରା ବ୍ୟଥିତ ହେଲେ । ଏହାଦେଖି ଆକାଶ ମଧ୍ୟ ବିଚଳିତ ହେଲା । ଆକାଶ ଚିନ୍ତାକଲା ଯେ ବ୍ରହ୍ମା ବସୁନ୍ଧରାର ଭଲମନ୍ଦ କଥା ବୁଝିବାର ଦାୟିତ୍ୱ ଦେଇ ଯାଇଥିଲେ । ଏବେ ଏ ନରକ ନଗରୀର ନିବାସୀ ପ୍ରଦୂଷଣ ଆସି ପୃଥିବୀରେ ଆପଣାର ଆସ୍ଥାନ ଜମାଇଲାଣି । ଧୂଳି ଧୂଆଁ ଆଦିରେ ପ୍ରଦୂଷିତ କରି ପକାଇଲାଣି ସମଗ୍ର ପରିବେଶ । ସେ ମେଘକୁ ଓ ବିଜୁଳିକୁ ଡାକି କହିଲେ, ହେ ମେଘ ରାଜ, ତୁମେ ବିଜୁଳି କନ୍ୟାଙ୍କୁ ନେଇ ମାଆ ବସୁନ୍ଧରାଙ୍କର ସହାୟତା କର । ମେଘ ବରଷିଲେ ଧୂଳିଧୂଆଁ ନଷ୍ଟ ହୋଇଯିବ । ବିଜୁଳି ଚମକିଲେ ପ୍ରଦୂଷଣକୁ ନିଶ୍ଚୟ ଭୟ ଲାଗିବ କାରଣ ସେ ଆଲୋକକୁ ଭୟ କରେ । ଅନ୍ଧାରରେ ଲୁଚି ଲୁଚି ସେ ଅନିଷ୍ଟ କରେ ।

ଆକାଶର ଆଦେଶରେ ମେଘରାଜ ମେଘମାଳା ଓ ବିଜୁଳି କନ୍ୟାଙ୍କୁ ନେଇ ପ୍ରଦୂଷଣ ଉପରେ ଆକ୍ରମଣ କଲେ । କିଛିକ୍ଷଣରେ

ଧୂଳିଧୂଆଁ ଉପଶମ ହେଲା । ବିଜୁଳିର ଚମକରେ ପ୍ରଦୂଷଣ ଯାଇ ପାହାଡ଼ର ଗୁମ୍ଫା ଓ ନିଘଞ୍ଚ ବଣର ଅନ୍ଧାରରେ ଲୁଚିଲା । ଭାବିଲା ଯେ ସେ ଯଦି ନ ଲୁଚେ ତେବେ ମେଘ ଓ ବିଜୁଳି ତା'ର ପ୍ରାଣ ନେଇଯିବେ । ତେବେ ସେ ମନେ ମନେ ଆକାଶ ଉପରେ ରାଗିଲା ଆଉ ଭାବିଲା ଯେ, ସେ ଅଧିକମାତ୍ରାରେ ପ୍ରଦୂଷଣ କରିବ । ତେବେ ସେ ଚିନ୍ତାକଲା ଯେ କେମିତି ସେ ଏମିତି କିଛି କରିବ, ଯାହାକୁ ଆକାଶ ପ୍ରତିହତ କରିପାରିବ ନାହିଁ ଆଉ ଆକାଶର ମଧ୍ୟ କ୍ଷତି ହେବ । କିଛି ସମୟ ଚିନ୍ତା କଲାପରେ ସେ ଗୋଟିଏ ଉପାୟ ବାହାର କଲା ଆଉ ତାହା ହେଲା ଧ୍ୱନି ପ୍ରଦୂଷଣ । ଏହା ଉପରେ କାହାର ଆଧିପତ୍ୟ ଚଳିବ ନାହିଁ । ଏଣୁ ସେ ବିଭିନ୍ନ ଭୋଜିଭାତ, ପୂଜାପାର୍ବଣ, ସଭାସମିତି, ହସଖୁସି ଅବସର ନେଇ ଏମିତି ଶବ୍ଦର ତରଙ୍ଗ ସୃଷ୍ଟି କଲା ଯେ ଯେମିତି କାନରେ ଅତଡ଼ା ପଡ଼ିଲା । ଦୀପାବଳି ଭଳି ଅନେକ ଉତ୍ସବରେ ଆକାଶର ବୁକୁକୁ ମଧ୍ୟ ଧ୍ୱନିରେ ଚିରି ପକାଇଲା ପରି କଲା । ଆକାଶ ସହ ପୃଥିବୀର ମଣିଷମାନଙ୍କର ମଧ୍ୟ କାନ ଫାଟିଲା । ତା'ପରେ ଯୁଦ୍ଧ ଦ୍ୱନ୍ଦ୍ୱ ଆଦିରେ ବୋମା ବନ୍ଧୁକ ଗୁଳିଗୁଳା ଆଦି ଏମିତି ବିସ୍ଫୋରଣ କଲା ଯେ ତା'ର ଶବ୍ଦରେ କମ୍ପିଉଠିଲା ଏ ବସୁନ୍ଧରା । ଛୋଟ ଛୋଟ ପିଲାମାନଙ୍କର କାନ ଅଧିକ ଖରାପ ହେଲା ।

ଧ୍ୱନି ପ୍ରଦୂଷଣରେ ବଧିର, ଅର୍ଦ୍ଧ ବଧିରଙ୍କର ସଂଖ୍ୟା ବହୁତ ବଢ଼ିଲା । ଦେବୀ ବସୁନ୍ଧରା ଅଥୟ ହୋଇପଡ଼ିଲେ । ଆକାଶ ଯାଇ ଏ ଖବର ବ୍ରହ୍ମାଙ୍କୁ ଦିଅନ୍ତେ ବ୍ରହ୍ମା ବିଜ୍ଞାନକୁ ସାଥିରେ ଧରି ଆସିଲେ । ଛୋଟ ଛୋଟ ପିଲାମାନଙ୍କୁ ବିଜ୍ଞାନର କଳାକୌଶଳରେ ଏମିତି ନିପୁଣ ହେବାର ବରଦାନ ଦେଲେ ଯେ, ସେମାନେ ପ୍ରଦୂଷଣର ଚକ୍ରାନ୍ତ ପଣ୍ଡ କରିଦେଲେ । ବିଜ୍ଞାନୀ ଶିଶୁମାନେ ଧ୍ୱନି ରହିତ ଯନ୍ତ୍ର ମଣିଷ ସମାଜକୁ ଦେଲେ । ଏବେ ମଣିଷ ଆପଣା ଇଚ୍ଛାରେ ଧ୍ୱନିକୁ ନିୟନ୍ତ୍ରିତ କଲେ । ପ୍ରଦୂଷଣକୁ ବନ୍ଦୀ କରି ଆପଣା ଇଚ୍ଛାରେ ବ୍ୟବହାର କଲା । ଧ୍ୱନି ପ୍ରଦୂଷଣରୁ ମୁକ୍ତ ବସୁନ୍ଧରା ଏବେ ଆନନ୍ଦିତ ହେଲେ ଏବଂ ପିତା ବ୍ରହ୍ମାଙ୍କୁ ଧନ୍ୟବାଦ ଦେଲେ ।

ଏକ ସୁନ୍ଦର ଶବ୍ଦ ନିୟନ୍ତ୍ରିତ ବସୁନ୍ଧରା ମଣିଷର ବିଜ୍ଞାନୀ ଶିଶୁମାନେ ତିଆରି କରି ଆଗାମୀ ପାଇଁ ଅନେକ ସ୍ୱପ୍ନ ସାଇତିବା ଆରମ୍ଭ କଲେ ।

*- ବିରଜା କ୍ଷେତ୍ର, ଯାଜପୁର*

# ବୁଦ୍ଧଙ୍କ ପବିତ୍ର ଜନ୍ମସ୍ଥଳୀ ଲୁମ୍ବିନୀ

■ ବିଜୟ କୁମାର ଦାଶ

ପ୍ରତିବର୍ଷ ବୁଦ୍ଧ ଜୟନ୍ତୀ ପାଳିତ ହୁଏ । ଏହି ଅବସରରେ ସ୍ମାରକୀ ଲେଖାମାନ ଓଡ଼ିଶାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୁଏ । ବୁଦ୍ଧଦେବଙ୍କ 'ଜନ୍ମସ୍ଥଳୀ' ଉପରେ ନାନାପ୍ରକାର ଦ୍ୱନ୍ଦ୍ୱାତ୍ମକ ମତ ପ୍ରକାଶ ପାଏ । ଏଣୁ ବର୍ତ୍ତମାନର ଏହି ଲେଖକ ଗତ ସେପ୍ଟେମ୍ବର-ଅକ୍ଟୋବର ମାସରେ ନେପାଳ ଭ୍ରମଣରେ ଯାଇଥିବା ଅବସରରେ ଆଣିଥିବା ଅନୁଭୂତିରୁ ଏହି ଲେଖାଟି ଲେଖିବାକୁ ବସୁଛି ।

ବାରାଣସୀରେ ଚାରିଦିନ ରହି, ସେଠାରୁ ବସ୍‌ରେ ଯାଇ ନେପାଳ-ଭାରତ ସୀମାବର୍ତ୍ତୀ ସୁନୌଲୀ ନାମକ ସ୍ଥାନରେ ଦୁଇ ଦେଶର ସୀମା ପ୍ରବେଶ ଦ୍ୱାରରେ ତନଖି ହେବାପରେ ନେପାଳରେ ପ୍ରବେଶ କରିବାକୁ ପଡ଼ିଥିଲା । ନେପାଳକୁ ଯିବା ପାଇଁ ଭାରତପଟରୁ ସ୍ଥଳପଥରେ ସୁନୌଲୀ ଭଳି ଆଠ ନଅଟି ପ୍ରବେଶ ପଥ ଥିଲାବେଳେ ଉତ୍ତର ଦିଗରେ ଚୀନ୍ ପଟରୁ ମାତ୍ର ଗୋଟିଏ ପ୍ରବେଶ ପଥ କୋଦାରୀ ନାମକ ସ୍ଥାନରେ ଅଛି । ତା'ପରେ ଦେଶର ରାଜଧାନୀ କାଠମାଣ୍ଡୁକୁ  ବିଭିନ୍ନ ଦେଶର ବିମାନସେବା ଅଛି ।

ସେଦିନ ଥିଲା ସେପ୍ଟେମ୍ବର ମାସ ୨୮ ତାରିଖ, ସମୟ ଥିଲା ସକାଳ ଛଅଟା । ତିନିକିଲୋମିଟର ରିକ୍ସାରେ ଯାଇ ନିକଟବର୍ତ୍ତୀ ନେପାଳର ଅନ୍ୟତମ ସହର ଓ ବସ୍ ପାର୍କ ଭୈରହାୱା, ଯାହାର ନୂତନ ନାମ ବୁଦ୍ଧଙ୍କ ନାମାନୁସାରେ ସିଦ୍ଧାର୍ଥ ନଗର ହୋଇଛି, ସେଠାରେ ପହଞ୍ଚିଲି । ସେହି ବସ୍‌ଷ୍ଟାଣ୍ଡରେ ସାମାନ୍ୟ ଭାବରେ ପ୍ରାତଃ ନିତ୍ୟକର୍ମ ସାରିଦେଲି । ନିକଟରେ ଥିବା ବୁଦ୍ଧଙ୍କ ପବିତ୍ର ଜନ୍ମସ୍ଥଳୀ ଲୁମ୍ବିନୀ ଯିବାର ଯୋଜନା । ସେଦିନ ମଧ୍ୟ ଥିଲା ପବିତ୍ର ଦଶହରା । ଦୁର୍ଗାପୂଜା ନେପାଳର ମୁଖ୍ୟ ଜାତୀୟ ପର୍ବ । କାଳୀପୂଜା ପର୍ଯ୍ୟନ୍ତ ପ୍ରାୟ ମାସବ୍ୟାପୀ ସ୍କୁଲ, କଲେଜ ଛୁଟି ରହେ । ହିନ୍ଦୁଧର୍ମ ଓ ସଂସ୍କୃତିର ଦେଶ ନେପାଳ । ଦଶହରା (ଦସୈଁ) ଉପଲକ୍ଷେ ଦୋକାନବଜାର, ହୋଟେଲ ଆଦି ବନ୍ଦ ଥିଲା । ବସ୍ ପାର୍କ ଥିଲା ନିରୋଳା ଜାଗା । ସାମାନ୍ୟ ଦୂରରେ ମୁଖ୍ୟ ରାସ୍ତା, ଯାହା ଭାରତୀୟ ସୀମା ସୁନୌଲୀଠାରୁ ନେପାଳର ଆଭ୍ୟନ୍ତରୀଣ ଅଞ୍ଚଳର ସହର ପୋଖରୀ ପର୍ଯ୍ୟନ୍ତ 'ସିଦ୍ଧାର୍ଥ ରାଜମାର୍ଗ' ନାମରେ ଯାଇଅଛି । ଜଳଖିଆ ଖାଇବା ଉଦ୍ଦେଶ୍ୟରେ ସେହି ରାଜମାର୍ଗକୁ ଆସିଲି । ଦୋକାନ ତ ସବୁ ବନ୍ଦ ଥିଲା, ଗୋଟିଏ ଜଳଖିଆ ଦୋକାନରେ ଦୋକାନୀର ପରିବାର ପାଇଁ ପୁରି ଛଣାଯାଉଥାଏ । ଜଳଖିଆ ଖାଇବା ତ ଦରକାର । ରାତିରୁ ବି ବସ୍‌ରେ ଆସିଲାବେଳେ କିଛି ଖିଆ ହୋଇନାହିଁ । କଥାବାର୍ତ୍ତାର ମାଧ୍ୟମ ହିନ୍ଦୀଭାଷା, ଯଦିଓ ସେମାନେ ନେପାଳୀ ଭାଷାରେ କଥାବାର୍ତ୍ତା ହେଉଥିଲେ । ହିନ୍ଦୀରେ ପଚାରିବାରୁ ବାହାର ଲୋକ ବୋଲି ଜାଣିପାରି ଦୋକାନୀ ମଧ୍ୟ ହିନ୍ଦୀରେ କହିଲା– 'ଆଜି ତ ଦୋକାନ-ବଜାର ବନ୍ଦ, ତେବେ ଆମ ପରିବାର ପାଇଁ ପ୍ରସ୍ତୁତ ଜଳଖିଆ (ପୁରି ଓ ତରକାରୀ) ଆପଣ ଖାଇପାରନ୍ତି ।' ଆମ ଭାରତୀୟ ବଜାର ଦର ସାମାନ୍ୟ ଅଧିକ ହେଲେ ମଧ୍ୟ ଖାଇବା ଚଳିଗଲା । ଲୁମ୍ବିନୀକୁ ଯିବାର ଉପାୟ ଦୋକାନୀକୁ ପଚାରି ବୁଝିନେଲି । ସାମାନ୍ୟ ଆଗରେ ସିଦ୍ଧାର୍ଥ ରାଜମାର୍ଗରୁ ବାମକୁ (ପଶ୍ଚିମକୁ) ଯାଇଛି ଲୁମ୍ବିନୀକୁ ରାସ୍ତା, ବସ୍ ଯାତାୟାତ କରୁଛି । ସେଠାକୁ ଯାଇ କିଛି ସମୟ ଅପେକ୍ଷା କଲାପରେ ବସ୍ ମିଳିଗଲା । ମାତ୍ର ବାଇଶି କିଲୋମିଟର ରାସ୍ତା । ନେପାଳୀ ମୁଦ୍ରାରେ ପନ୍ଦର ଟଙ୍କା ଭଡ଼ା । ଭାରତୀୟ ମୁଦ୍ରା ଦେବାନେବା ଚାଲୁଛି । ଭାରତୀୟ ମୁଦ୍ରା ଦଶ ଟଙ୍କାକୁ ନେପାଳୀ ମୁଦ୍ରାରେ ଷୋହଳ ଟଙ୍କା ହିସାବ । ତରାଇ ଅଞ୍ଚଳ ରାସ୍ତା ଦୁଇପାର୍ଶ୍ୱରେ ଦେଖିବାକୁ ମିଳୁଥାଏ ସବୁଜ ଧାନର ଖେତ ।

ବସ୍ କଣ୍ଡକ୍ଟରକୁ ପୂର୍ବରୁ କହିଥିବାରୁ ସେ ଲୁମ୍ବିନୀ ସୁରକ୍ଷିତ ଅଞ୍ଚଳର ମୁଖ୍ୟ ଦ୍ୱାର ନିକଟରେ ଓହ୍ଲାଇଦେଲା । ଭିତରେ ବୁଦ୍ଧଙ୍କ ଜନ୍ମସ୍ଥଳୀ, 'ମାୟାଦେବୀ ମନ୍ଦିର' ନାମରେ ଖ୍ୟାତ । ଗେଟ୍ ନିକଟରେ ଥିବା ଅଫିସ୍‌ରୁ ଶୁଳ୍କ ଦେଇ ରସିଦ ନେଇ ସୁରକ୍ଷିତ ଅଞ୍ଚଳରେ ପ୍ରବେଶ କରିବାକୁ ହେବ । ଭାରତୀୟ ନାଗରିକମାନଙ୍କ ପାଇଁ ପ୍ରବେଶ ଶୁଳ୍କ ୧୦ ନେପାଳୀ ଟଙ୍କା; ମାତ୍ର ଅନ୍ୟ ଦେଶର ନାଗରିକମାନଙ୍କ ପାଇଁ ପଚିଶ ଟଙ୍କା । ପୁଣି ସାଥିରେ କ୍ୟାମେରା ନେଉଥିଲେ ତାହା ପାଇଁ ଶୁଳ୍କ  ଅଧିକା । କେବଳ ଏତିକି ନୁହେଁ, ଅଫିସ୍‌ରେ ରହିଛି ରେଜିଷ୍ଟର, ଯେଉଁଥିରେ କି ନାମ, ଠିକଣା, ପ୍ରବେଶ ସମୟ, ପ୍ରସ୍ଥାନ ସମୟ, ଦସ୍ତଖତ ଇତ୍ୟାଦିର ରେକର୍ଡ ରହିବ । ମୋ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ପ୍ରାୟ ଇଉରୋପୀୟ । ବେଶଭୂଷା, ରୂପ  ଏବଂ ଭାଷାରୁ ସେଠାରେ ଉପସ୍ଥିତ ଥିବା ଅଫିସର ଜାଣିଲେ ଯେ, ମୁଁ ଭାରତୀୟ ହିନ୍ଦୁ । ନାମ, ଠିକଣା ଲେଖିଲାବେଳେ ପଚାରିଲେ, 'ଆପଣଙ୍କର ଆଉ କିଏ ଅଛନ୍ତି ?' ମୁଁ କହିଲି, 'ଆଉ କେହି ନାହାନ୍ତି, ମୁଁ ଏକୁଟିଆ ଆସିଛି ।' ଆଶ୍ଚର୍ଯ୍ୟ ହୋଇ କହିପକାଇଲେ, 'ଆପଣ ତ ଭାରି ସାହସୀ, ଭାରତର ଓଡ଼ିଶାରୁ ଏତେବାଟ ଆସିଲେ କିପରି ? ମୁଁ କହିଲ, 'ଆସିଯାଇଛି ତ, ଅସୁବିଧା କିଛି ହୋଇନାହିଁ ।' ଦଶ

ଟଙ୍କା ଦେବାକୁ କହିଲେ, ପଇସା ମାଗିନେଇ ରସିଦ୍ କାଟିଦେଲେ । ଫେରିଲାବେଳେ ପୁଣି ଦେଖାକରି ଯିବାକୁ କହିଲେ ।

ନିର୍ଦ୍ଦିଷ୍ଟ ପଥରେ ଯାଇ ରସିଦ୍ ଯାଞ୍ଚ ହେଲାପରେ ମାୟାଦେବୀ ମନ୍ଦିରକୁ ପ୍ରବେଶ କଲି । ବିଶ୍ୱାସ କରିପାରୁ ନଥିଲି, ମୁଁ କ'ଣ ସତରେ ନେପାଳର ଲୁମ୍ବିନୀର ବୁଦ୍ଧଙ୍କ ସେହି ଜନ୍ମସ୍ଥଳୀ ଦେଖୁଛି ! ଚକ୍ଷୁରୁ ଭାବନାଶ୍ରୁ ଝରିପଡୁଥିଲା । ସବୁଜ ଘାସର ବିସ୍ତୀର୍ଣ୍ଣ ପ୍ରାନ୍ତର ! ମଧ୍ୟବର୍ତ୍ତୀ ସେହି ଗୌରବମୟ ମନ୍ଦିର ଏବଂ ସଂଲଗ୍ନ ସେହି ପବିତ୍ର ପୁଷ୍କରିଣୀ !

ପୁଷ୍କରିଣୀ ଭିତରକୁ ଯାଇ ପାଦ ଧୋଇବା ନିଷିଦ୍ଧ ଲେଖାଯାଇଥିଲା । ପାଖରେ ଠିଆହୋଇ ରହିଥିଲା ଇତିହାସର ସ୍ୱାକ୍ଷର ବହନ କରିଥିବା ସମ୍ରାଟ୍ ଅଶୋକଙ୍କ ନିର୍ମିତ ସ୍ତମ୍ଭ, ଯେଉଁଥିରେ ବ୍ରାହ୍ମୀଲିପିରେ ଓ ପାଲିଭାଷାରେ ଲେଖା ରହିଛି, 'ହିଦ୍ ବୁଦ୍ଧେ ଜାତେ ଶାକ୍ୟମୁନୀତି (ଅର୍ଥାତ୍..... ଏଠାରେ ଶାକ୍ୟମୁନି ବୁଦ୍ଧ ଜନ୍ମ ହୋଇଥିଲେ) ସମ୍ରାଟ୍ ବିକ୍ରମାଦିତ୍ୟ-ଚନ୍ଦ୍ରଗୁପ୍ତଙ୍କ ନବରତ୍ନଙ୍କ ମଧ୍ୟରୁ ଅନ୍ୟତମ ଅମର ସିଂହ ମଧ୍ୟ ତାଙ୍କ ରଚିତ 'ଅମରକୋଷ' ଅଭିଧାନ ଗ୍ରନ୍ଥରେ ବୁଦ୍ଧଙ୍କର ଅନ୍ୟ ନାମ 'ଶକ୍ୟମୁନି' ବୋଲି ଉଲ୍ଲେଖ କରିଛନ୍ତି । ସମ୍ରାଟ୍ ଅଶୋକ ତାଙ୍କର ଆଧ୍ୟାତ୍ମିକ ଗୁରୁ ଉପଗୁପ୍ତଙ୍କ ଉପଦେଶକ୍ରମେ ଖ୍ରୀଷ୍ଟପୂର୍ବ ୨୪୯ରେ ସେଠାକୁ ଯାଇଥିଲେ, ଯେଉଁ ଉପଗୁପ୍ତ କି ଓଡ଼ିଶାର ଧଉଳିପାହାଡ଼ ପାଦଦେଶରେ ଆଶ୍ରମ କରି ରହିଥିଲେ । କଳିଙ୍ଗ ଯୁଦ୍ଧର କରୁଣ ଦୃଶ୍ୟ ଦେଖି ଶୋକାଭିଭୂତ ଅଶୋକ ତାଙ୍କଠାରୁ ହିଁ ବୌଦ୍ଧଧର୍ମ ଅହିଂସା ନୀତିର ଦୀକ୍ଷା ଗ୍ରହଣ କରିଥିଲେ । ଅଶୋକ ସେତେବେଳେ ସେଠାରେ ବୁଦ୍ଧ ଭୂମିଷ୍ଠ ହୋଇଥିବା ଶଯ୍ୟାକାର ଶିଳାଖଣ୍ଡକୁ ଚିହ୍ନିତ କରିଥିଲେ ଏବଂ ଅନ୍ୟ କେତେକ ସ୍ତୂପ, ପାଗୋଡ଼ା ଇତ୍ୟାଦି ନିର୍ମାଣ କରିଥିଲେ ।

ତେବେ କେହି କେହି ଯାହା ଲେଖନ୍ତି, ନେପାଳରେ ଲୁମ୍ବିନୀ ବୋଲି ସ୍ଥାନ ନାହିଁ, ଏହି ଲେଖକ ତାହାର ଦୃଢ଼ ଖଣ୍ଡନ କରୁଛି । ଆଉ ଗୋଟିଏ କଥା, କପିଳବାସ୍ତୁକୁ କପିଳେଶ୍ୱର ବୁଝିବା ମଧ୍ୟ ଅବାନ୍ତର । କାରଣ ଓଡ଼ିଶାର ଗଜପତି କପିଳେନ୍ଦ୍ରଦେବଙ୍କ ନାମରେ କେତେକ ସ୍ଥାନ ମଧ୍ୟ ବିଭିନ୍ନ ଭାବରେ ନାମିତ ହୋଇଅଛି । ପୁଣି ନେପାଳରେ କପିଳବାସ୍ତୁ ନାମରେ ଆଜିମଧ୍ୟ ଏକ ସ୍ଥାନ ରହିଛି । ସମୁଦାୟ ନେପାଳକୁ ପାଞ୍ଚୋଟି ଉନ୍ନୟନ ରିଜିଅନ୍ ଏବଂ ଅନ୍ୟ ରିଜିଅନ୍‌କୁ ଦୁଇ ତିନୋଟି ଜୋନ୍‌ରେ ବିଭକ୍ତ କରିବାରେ ସମୁଦାୟ ଦେଶରେ ୧୪ଟି ଜୋନ୍ ଅଛି, ଯାହାମଧ୍ୟରେ ଗୋଟିଏ ଜୋନ୍‌ର ନାମ ଲୁମ୍ବିନୀ ରହିଥିଲାବେଳେ ତହିଁ ମଧ୍ୟସ୍ଥ ଏକ ଜିଲ୍ଲା କପିଳବାସ୍ତୁ ନାମ ବହନ କରିଛି ।

ଭାଷା କଥା ଯାହା ଲେଖାଯାଏ, ଶିଳାଲେଖ ନେପାଳୀ ଭାଷାରେ ଲେଖା ନ ହୋଇ କାହିଁକି ପାଲିଭାଷାରେ ଲେଖାଗଲା ଏବଂ ତତ୍କାଳୀନ କଳିଙ୍ଗର ଭାଷା ଥିଲା ପାଲିଭାଷା, ଏହା ପୁରାପୁରି ଭିତ୍ତିହୀନ । କାରଣ, ନେପାଳୀ କିମ୍ବା କୌଣସି ଆଧୁନିକ ଭାରତୀୟ ଭାଷା ବୁଦ୍ଧ ବା ଅଶୋକଙ୍କ ସମୟକୁ ସୃଷ୍ଟି ହୋଇ ନ ଥିଲା । ସଂସ୍କୃତ, ପ୍ରାକୃତ, ପାଲି ସେ ସମୟରେ ଗ୍ରହଣୀୟ ଭାଷା ଥିଲା । ବିଶେଷତଃ ପାଲିଭାଷା ଥିଲା ସମଗ୍ର ଭାରତର ବୌଦ୍ଧଧର୍ମ ପ୍ରଚାରର ଭାଷା । ପୁଣି ମଧ୍ୟ ଓଡ଼ିଶାରେ ବୌଦ୍ଧଧର୍ମ ଲୋପ ହୋଇଯାଇଥିଲା ବେଳେ ନେପାଳରେ ଏବେ ବି ହିନ୍ଦୁ ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୮୬.୫୧ ଭାଗ ଥିଲାବେଳେ ବୌଦ୍ଧ ୭.୭୮ ଭାଗ ଅଛନ୍ତି ।

ଶେଷରେ ବ୍ୟକ୍ତ କରିବାକୁ ହେଉଛି ଯେ, ବୁଦ୍ଧଙ୍କ ଜନ୍ମସ୍ଥାନ ଓଡ଼ିଶାରେ କହି ଆମେ ଯେଉଁ ଗର୍ବ ବହନ କରନ୍ତି, ତାହା ନେପାଳରେ କହି ଗର୍ବ ବହନ କରିବାରେ କ୍ଷତି କ'ଣ ରହୁଛି ?

*- କୁଆଖିଆ, ରସୁଲପୁର, ଯାଜପୁର*

# ମାଆର ମନ

■ ଦୟାନିଧି ଦାଶ

ସେଦିନର ତାରିଖ ଓ ବାର କ'ଣ ଥିଲା ମନେପଡୁନାହିଁ । ବିଦ୍ୟାଳୟର କାର୍ଯ୍ୟକ୍ରମ ୧୦ଟାରୁ ୪ଟା ଯାଏଁ ଚାଲୁଥାଏ । ତାରିଖ ମନେ ନ ପଡୁ ପଛେ, ସେଦିନର ସେଇ ଛୋଟ ଘଟଣାଟି ଏବେ ବି ସ୍ମୃତି ପଟରେ, ଚଳଚ୍ଚିତ୍ର ଦୃଶ୍ୟ ପରି ନାଚି ଯାଉଛି ।

ବାହାବଳପୁର ପ୍ରାଥମିକ ବିଦ୍ୟାଳୟରେ ମୁଁ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ କରୁଥାଏ । ଅପରାହ୍ନ ୩ଟା ୩୦ମିନିଟ୍ । ହଠାତ୍ ଆକାଶରେ ଚମକିଉଠିଲା ବିଜୁଳି । ଚଡ଼ଚଡ଼ି ଶବ୍ଦରେ କାନ ସ୍ତବ୍ଧ ହୋଇଗଲା । ଅଦିନିଆ ବର୍ଷାର ଧାରା ଭୂଇଁରେ ପଡ଼ି ବଦଳ ଚାଲିଲା । ଦେହ ଶୀତେଇ ଉଠୁଥାଏ । ମାଘେ ଶୀତ୍, ନୋହିଲେ ମେଘେ ଶୀତ୍ । ମନରେ ଭୀତି ସଞ୍ଚାର କରୁଥାଏ ବର୍ଷଣ ମୁଖର ପରିବେଶ । ଶ୍ରେଣୀଗୃହ ଅନ୍ଧକାର । ପିଲାମାନେ ବ୍ୟସ୍ତ ଓ ଛାନିଆଁ । ଚାହୁଁଚାହୁଁ ଘଣ୍ଟାଏରୁ ଅଧିକ ସମୟ ବିତିଗଲାଣି । ବର୍ଷାର ବେଗ କମି କମି ଆସୁଛି । ଶିକ୍ଷାଦାନ ବନ୍ଦ । ପ୍ରଧାନ ଶିକ୍ଷକ ଓ ଗୁରୁ ମା' ମାନେ ଅଫିସ ଘରେ ବସିଛନ୍ତି । କ'ଣ ଆଉ କରାଯିବ ?

ଅଫିସ୍‌ରୁ ଦୁଇଟି ମହମବତୀ ଆଣି ଜଳାଇଲି, ଆଗରେ ପଛରେ, ଦ୍ୱିତୀୟ ଶ୍ରେଣୀର ଲମ୍ବା ହଲ୍‌ରେ । ସବୁ ପିଲାଙ୍କୁ ଏକାଠି ବସାଇ କବାଟ ଆଉଜାଇ ଦେଲି । ପିଲାଙ୍କ ମନକୁ ହାଲୁକା କରିବା ପାଇଁ ଏବଂ ଶୃଙ୍ଖଳା ରକ୍ଷା ନିମନ୍ତେ ଅନ୍ତାକ୍ଷରୀ ଗୀତ ପ୍ରତିଯୋଗିତା କରାଇଲି । ତା'ପରେ ମଜାଦାର୍ ଗପ ଦୁଇଟି ମଧ୍ୟ କହିଲି । ପିଲାମାନେ ବର୍ଷାର ପ୍ରକୋପରୁ ମନ ଫେରାଇ ଗପରେ ମଜ୍ଜି ଯାଇଥିବାର ଲକ୍ଷ୍ୟ କଲି । ଯା' ମଧ୍ୟରେ ଦୁଇଟି ଝିଅ ଓ ଗୋଟିଏ ପୁଅ କାନ୍ଦୁଥିବାର ଲକ୍ଷ୍ୟ କଲି । ପିଲାଙ୍କୁ ବୋଧ ଦେଉଥାଏ । ଦେଖ, ପିଲାଏ, ବର୍ଷା କମି କମି ଆସିଲାଣି । ଅଳ୍ପ ସମୟ ପରେ ପୁରାପୁରି ଛାଡ଼ିଯିବ । ଆମେ ସଭିଏଁ ଘରକୁ ଯିବା । କାନ୍ଦୁଥିବା ପିଲାମାନଙ୍କ ମଧ୍ୟରୁ ଝିଅଟିଏ କହିଲା– ଆମେ ତ ଛତା ଆଣିନାହୁଁ ? ଆଉ ଜଣେ କହିଲା– ସଞ୍ଜ ହୋଇଆସିଲାଣି । ପୁଅଟି କହିଲା– ମୋ ବାପ ଓ ଭାଇ କାମକୁ ଯାଇଛନ୍ତି । ମୋତେ ନେବାପାଇଁ କିଏ ଆସିବ ? ସବୁ ଶୁଣୁଥାଏ । ତଥାପି ପିଲାଙ୍କୁ ବୁଝାଇଲି– ଅପେକ୍ଷା କର । ତୁମ ଘରୁ କେହି ନା କେହି ଛତା ଧରି ଆସିବେ । ତୁମ ମାଆ ନିଶ୍ଚୟ ଆସିବେ । ବ୍ୟସ୍ତ ହୁଅନାହିଁ । ହେଲେ ସରଳ ଚପଳମତି ପିଲାମାନେ ଥୟ ଧରି ପାରୁ ନ ଥିଲେ । ଝିଅଟିଏ କାନ୍ଦି କାନ୍ଦି କହୁଥାଏ, ଆମ ଘର ଏଠୁଁ ଦୁଇ କି.ମି. ଦୂର । ବାପା କାମକୁ ଯାଇଛନ୍ତି । ମୋ' ପାଇଁ କିଏ ଆସିବ ? ମୋ' ମାଆ ବୁଢ଼ୀ ଓ ରୋଗିଣା, ସିଏ ତ ଏତେବାଟ ଆସିପାରିବ ନାହିଁ ।

ଏତିକିବେଳେ ଦୁଆରେ ଠକ୍ ଠକ୍ ଶବ୍ଦ ଶୁଭିଲା । ଭାବିଲି, କେହି ଜଣେ ଅଭିଭାବକ ବୋଧେ ଆସିଗଲେ । କହିଲି– ଦୁଆର ଖୋଲାଅଛି । କବାଟ ଠେଲି ଭିତରକୁ ଆସ । ଭାବନା ମୋର ଅମୂଳକ ହେଲା । ପ୍ରଧାନ ଶିକ୍ଷକ ଘର ଭିତରକୁ ପଶିଆସିଲେ । ପିଲାଙ୍କ ଅବସ୍ଥା ଦେଖିବାକୁ ଆସିଛନ୍ତି । ସେ ବି ପିଲାଙ୍କୁ ସାନ୍ତ୍ୱନା ଦେଇ ଅଫିସକୁ ଫେରିଗଲେ । ବର୍ଷ ଏବେ ବି ଛାଡ଼ିନାହିଁ ।

ଖଡ୍ ଖଡ୍ ଖଡ୍ । ଏଥର ଆଉଜା ହୋଇଥିବା କବାଟର ଜଞ୍ଜିରର ଆବାଜ୍ । ପୁଣି କିଏ ଆସିଲା ? ଧୀରେ ଧୀରେ କବାଟ ଖୋଲିଲା । ଦେଖିଲି, ବୁଢ଼ୀଟିଏ । ମୁଣ୍ଡ ଉପରେ ଗୋଟିଏ ଛତା । ପୁଣି ସେ କାଖରେ ଜାକିଛନ୍ତି ଆଉ ଗୋଟିଏ । ଦୁଇ କି.ମି. ଦୂର ଗାଆଁର ବର୍ଷାରେ ଦରଭିଜା ହୋଇ, ଶୀତରେ ଥୁରୁଥୁରୁ ହୋଇ ଆସିଛନ୍ତି । ଛତା, ଦରଦର ତିନ୍ତା । ତଥାପି ସେଥିକି ଖାତର ନାହିଁ । ନିଜ ଝିଅଟିକୁ ସାଥୀରେ ଧରି ନେଇଯିବା ପାଇଁ ଆସିଛନ୍ତି ସେ । ମନରେ ବଳ ଓ ଆଗ୍ରହ ଢେର୍ ଭରି ରହିଛି । ପଚାରିଲି ତାଙ୍କୁ– ମାଉସୀ, ଏ ବର୍ଷାରେ ତିନ୍ତିତିନ୍ତି କାହିଁକି କଷ୍ଟ କରି ଆସିଲେ, ଆମେ କ'ଣ ଝିଅ ଫେରିବା ବ୍ୟବସ୍ଥା କରି ନ ଥାନ୍ତୁ ! ବୁଢ଼ୀ ମାଉସୀ କହିଲେ, ପୁଅ ତେମେ ଆପଣେ ସବୁ ପିଲାଙ୍କୁ ଘରେ ଫେରାଇବାର ଦାୟିତ୍ୱ କ'ଣ ନେଇପାରିବ ? ହେଲେ ମୁଁ ମାଆଟିଏ, ମୋ ମନ ବୁଝିବ କେମିତି ? ମନଟା ସମ୍ଭାଳି ହେଲା ନାହିଁ । ସେଥିଲାଗି ଚାଲିଆସିଲି । ଦଶମାସ, ଦଶଦିନ ପେଟରେ ଧରିବା, ପ୍ରସବ ବେଦନା ସହିବା, ଲାଳନପାଳନର କଷ୍ଟ ଠାରୁ ଏ କ'ଣ ସତରେ ଅଧିକ ? ସଞ୍ଜ ନଇଁଲାଣି । ତା' ବାପ, ଭାଇ କାମରୁ ଫେରିନାହାନ୍ତି । ଝିଅଟା ଏକୁଟିଆ ଯିବ କେମିତି ? ପୁଣି ସିଏ ତ ଏବେ ଛୋଟିଆ ଝିଅଟେ ନୁହେଁ । ତେମେ ଆପଣେ କ'ଣ ଗୋଟେ ମାଆଠାରୁ ଅଧିକ ଯତ୍ନ ନେଇପାରିବ ? ଥରଥର ଗଳାରେ ଏକାନିଶ୍ୱାସରେ କହି ପକାଇଲା ବୁଢ଼ୀଟି । ତା' ପ୍ରଶ୍ନର ଉତ୍ତର ଦେବାକୁ ମୋ ତୁଣ୍ଡରେ ଭାଷା ନ ଥିଲା ଯେମିତି !! ବୁଢ଼ୀ ମାଉସୀଙ୍କି ପାଖରେ ବସାଇ, ପିଲାଙ୍କୁ ବୁଝାଇଲି, ଦେଖିଲ ପିଲାଏ, ମାଆମାନେ ତୁମ ପାଇଁ କେତେ ବ୍ୟସ୍ତ । ତୁମର ମଙ୍ଗଳ ପାଇଁ ସିଏ କେତେ ଯତ୍ନଶୀଳା । ଏଇଭଳି ମାଆମାନଙ୍କ ପାଇଁ ଆମେ ଗର୍ବ ଅନୁଭବ କରିବା କଥା । ଇଏ ମାଆ ନୁହଁନ୍ତି, ଜୀବନ୍ତ ଠାକୁରାଣୀଟିଏ । ସବୁ ପୁଅଝିଅଙ୍କ ପାଇଁ ବାପା-ମାଆମାନେ ଜୀବନ୍ତ ଠାକୁର । ତାଙ୍କର ଆଜ୍ଞା ପାଳନ କରିବା ଓ ସେବା କରିବା ସନ୍ତାନର ପରମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍ । କ'ଣ କହୁଛ ପିଲାଏ । ଏକଥା ମନେ ରଖିଲଟି । ପିଲାମାନଙ୍କ ମଥା ସ୍ୱୀକୃତିସମ୍ମତି ଜଣାଇବାକୁ ହଲିଗଲା ଏକାଥରେ ।

ମେଘ ଛାଡ଼ିଗଲା– ଟିକିଏ ଟିକିଏ ଫିମ୍ପି ମାରୁଥାଏ । ବିଦ୍ୟାଳୟ ପରିସରରେ ଛତା ଧରା ଅଭିଭାବକମାନଙ୍କର ଭିଡ଼ । ନିର୍ବିଘ୍ନରେ ପିଲାମାନେ ଘରକୁ ବାହୁଡ଼ିଲେ ।

ସେଦିନର ଏ ଛୋଟ ଘଟଣାଟି ସବୁଦିନ ପାଇଁ ମୋର ଅପାଶୋରା ହୋଇ ରହିଗଲା । ଧନ୍ୟ ମାଆର ମନ, ଧନ୍ୟ ତା'ର ମମତା !!! ମନେ ମନେ ସେଇ ବାତ୍ସଲ୍ୟମୟୀ ମାଆଙ୍କ ଉଦ୍ଦେଶ୍ୟେ ପ୍ରଣତି ଜଣାଉଛି ।

*- ଅତା, ସୁକିନ୍ଦା, ଯାଜପୁର*


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ